# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ମେ ୨୪/୨୦୨୧ (୧୨ ପୃଷ୍ଠା) | Balasore, Monday, May 24/2021 | ★★★★

୪୭ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବଲିଉଡ଼ରେ କ୍ରୀତିଙ୍କ ୭ ବର୍ଷ**
ଫିଲ୍ମ 'ହିରୋପନ୍ତି'ରୁ ବଲିଉଡ଼ରେ ଟାଇଗର ଶ୍ରଫ୍‌ଙ୍କ ସହ ଡେବ୍ୟୁ କରିଥିବା କ୍ରୀତି ସାନନ୍ ଇଣ୍ଡଷ୍ଟ୍ରିରେ ୭ ବର୍ଷ ପୂରଣ କରିଛନ୍ତି।

୧୦

୧୨

**ଭର୍ଷ୍ଟାପେନ୍ ଜିତିଲେ ମୋନାକୋ ଗ୍ରାଁ ପ୍ରି**
ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ମୋନାକୋ ଫର୍ମୁଲା ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି।



# ଉଗ୍ର ହେଉଛି ୟାସ୍

## ପାରାଦୀପ-ସାଗରଦ୍ୱୀପ ମଧ୍ୟରେ ସ୍ଥଳଭାଗ ଛୁଇଁବ

**ଓଡ଼ିଶା ପାଇଁ ବାତ୍ୟା ନୂଆ ନୁହେଁ। ବିଗତ ବର୍ଷଗୁଡ଼ିକରେ ରାଜ୍ୟବାସୀ ଏପରି ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଛନ୍ତି। ସାମୁଦ୍ରିକ ଝଡ଼ର ସଫଳ ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାର ମଧ୍ୟ ଦେଶ ତଥା ବିଶ୍ୱରେ ସୁନାମ ଅର୍ଜନ କରି ଉଦାହରଣ ସାଜିଛନ୍ତି। କିନ୍ତୁ ଏଥର ଓଡ଼ିଶା ଆଗରେ ଛିଡ଼ା ହୋଇଛି ଦୋହରା ଆହ୍ୱାନ। ଅତିମାରୀ କରୋନା ଓଡ଼ିଶାରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ବଢ଼ାଇ ଚାଲିଥିବାବେଳେ ବୋଝ ଉପରେ ନଳିତା ବିଡ଼ା ସଦୃଶ ବଙ୍ଗୋପସାଗରରୁ ମାଡ଼ିଆସୁଛି ଆଉ ଏକ ବିପଦ। ତେଣୁ କୋଭିଡ୍-୧୯ ନିୟମର ଅନୁପାଳନ ସହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଏବଂ ଶୂନ୍ୟ ଜୀବନହାନିକୁ ସୁନିଶ୍ଚିତ କରିବା ଦିଗରେ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର।**

**ଭୁବନେଶ୍ୱର,୨୩ା୫(ବ୍ୟୁରୋ)**

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତ(ଡିପ୍ରେସନ)ରେ ପରିଣତ ହୋଇଛି। ଏହା ପାରାଦୀପଠାରୁ ପୂର୍ବ ଦକ୍ଷିଣ-ପୂର୍ବ ଦିଗରେ ୫୯୦ କିଲୋମିଟର ଏବଂ ବାଲେଶ୍ୱରର ଦକ୍ଷିଣ ଦକ୍ଷିଣ-ପୂର୍ବ ଦିଗରେ ୬୯୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ପଶ୍ଚିମବଙ୍ଗର ଦୀଘାଠାରୁ ଦକ୍ଷିଣ ଦକ୍ଷିଣ-ପୂର୍ବ ଦିଗ ୬୭୦ କି.ମି. ଦୂରରେ ରହିଥିବା ରବିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ସାମୁଦ୍ରିକ ଝଡ଼ ୟାସ୍ ୨୬ ତାରିଖ ସନ୍ଧ୍ୟାରେ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଅତିକ୍ରମ କରିବାକୁ ଥିବାବେଳେ ଏହାର ପ୍ରଭାବରେ ୧୫୫ରୁ ୧୬୫ କି.ମି. ବେଗରେ ପବନ ବହିବ। ସ୍ଥଳବିଶେଷରେ ପବନର ☞ପୃଷ୍ଠା-୪



## ପ୍ରସ୍ତୁତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

■ **ଠିକ୍ ସମୟରେ ଲୋକଙ୍କୁ ସ୍ଥାନାନ୍ତର, ସର୍ବନିମ୍ନ ବିଦ୍ୟୁତ୍ କାଟ୍‌କୁ ଗୁରୁତ୍ୱ**

**ନୂଆଦିଲ୍ଲୀ, ୨୩ା୫**

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ୟାସ୍ ଅତି ବଡ଼ ବାତ୍ୟାରେ ପରିଣତ ହୋଇ ୨୬ ତାରିଖ ସନ୍ଧ୍ୟାରେ ପାରାଦୀପ ଓ ସାଗରଦ୍ୱୀପ ମଧ୍ୟରେ ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ଏହାର ଯଥେଷ୍ଟ ପୂର୍ବରୁ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନିରାପଦ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ବାତ୍ୟା ଓ ଏହାର ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ଓ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ପ୍ରସ୍ତୁତି ଉପରେ ରବିବାର ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ☞ପୃଷ୍ଠା-୪

## ପେଟ୍ରୋଲ ୧୭, ଡିଜେଲ ୩୦ ପଇସା ବଢ଼ିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୩ା୫**

ଦିନକ ପରେ ରବିବାର ପୁଣି ଥରେ ତୈଳ ଦରରେ ବୃଦ୍ଧି ଘଟିଛି। ପେଟ୍ରୋଲରେ ୧୭ ପଇସା ଏବଂ ଡିଜେଲ ୩୦ ପଇସା ବଢ଼ିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ମାସ ଓଡ଼ିଶାରେ ପେଟ୍ରୋଲ ଲିଟର ପିଛା ୨.୮୦ ଟଙ୍କା ଏବଂ ଡିଜେଲ ୩.୬୨ ଟଙ୍କା ବୃଦ୍ଧି ପାଇଛି। ସେହିଭଳି ଦିଲ୍ଲୀରେ ଏହି ସମୟ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଯଥାକ୍ରମେ ୨.୬୬ ଟଙ୍କା ଏବଂ ୩.୧୬ ଟଙ୍କାକୁ ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରବିବାର ତୈଳ ଦର ବୃଦ୍ଧି ପାଇ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୯୩.୯୨ଟଙ୍କାକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅସୁବିଧାରେ ଟିକା**

## ୧ରେ ଦ୍ୱାଦଶ ପରୀକ୍ଷା ତାରିଖ ଘୋଷଣା

■ **୨୫ ସୁଦ୍ଧା ମତ ରଖିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ**

■ **୨ଟି ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ର ସରକାର**

■ **ବାତ୍ୟା ସ୍ଥିତି ଟଳିଲା ପରେ ତର୍ଜମା କରି ନିଷ୍ପତ୍ତି ନେବୁ: ଗଣଶିକ୍ଷା ମନ୍ତ୍ରୀ**

**ଭୁବନେଶ୍ୱର, ୨୩ା୫(ବ୍ୟୁରୋ)**

ସିବିଏସ୍‌ଇ ଓ ବିଭିନ୍ନ ରାଜ୍ୟର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନେଇ ରବିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରୀୟାଲ ନିଶଙ୍କ ଉପସ୍ଥିତ ରହି ସବୁ ରାଜ୍ୟର ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରୀକ୍ଷାକୁ କିପରି ସୁରଖୁରରେ କରିହେବ ସେ ନେଇ ଆଲୋଚନା ହୋଇଥିଲା। କୋଭିଡ୍ ପ୍ରୋଟୋକଲ୍ ମଧ୍ୟରେ ☞ପୃଷ୍ଠା-୪




**ଚାଷୀ ଆନ୍ଦୋଳନ ରୋକିବାକୁ ହିସାରରେ ୩,୦୦୦ ଯବାନ**

ହରିୟାଣାର ହିସାର ଜିଲାରେ ୩୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ବିରୋଧରେ କୋଭିଡ୍ କଟକଣା ଉଲ୍ଲଂଘନ ନେଇ ଫୌଜଦାରୀ ମାମଲା ରୁଜୁ ହୋଇଥିଲା। ଏହାର ପ୍ରତିବାଦରେ ହିସାର ପୋଲିସ ଆଇଜିଙ୍କ ବାସଭବନ ଆଗରେ ସୋମବାର ପିକେଟିଂ କରିବାକୁ କୃଷକମାନେ ଯୋଜନା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ହିସାରରେ ୩,୦୦୦ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଆର୍‌ଏଏଫ୍) ଯବାନଙ୍କୁ ମୁତୟନ କରାଯାଇଛି।

# ୩ ଲକ୍ଷ ଟପିଲା କରୋନା ମୃତ୍ୟୁ

## ଆମେରିକା, ବ୍ରାଜିଲ ପରେ ଭାରତ ତୃତୀୟ ରାଷ୍ଟ୍ର



**ନୂଆଦିଲ୍ଲୀ, ୨୩।୫:** ଭାରତରେ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ରବିବାର ୩ ଲକ୍ଷ ଅତିକ୍ରମ କରିଛି। ଏହି ସଂଖ୍ୟା ଅତିକ୍ରମ କରିବାରେ ଆମେରିକା ଓ ବ୍ରାଜିଲ ପରେ ଭାରତ ତୃତୀୟ ରାଷ୍ଟ୍ର। ରବିବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୨,୪୦,୮୪୨ ନୂଆ ପଜିଟିଭ୍ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୬୫,୩୦,୧୩୨ରେ ପହଞ୍ଚିଥିଲା। ସେହିପରି ଗତ ୨୪ ଘଣ୍ଟାରେ ୩,୭୪୧ ଜଣଙ୍କର ଜୀବନ ଯାଇଥିଲା। ରବିବାର ରାତି ୯ଟା ସୁଦ୍ଧା ଭାରତରେ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୩,୦୨,୭୪୪ରେ ପହଞ୍ଚିଛି। ଆମେରିକାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୩୧,୦୫,୧୮୮ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୫,୮୯,୭୦୩ ରହିଛି। ସେହିପରି ବ୍ରାଜିଲରେ ଆକ୍ରାନ୍ତଙ୍କ ସଂଖ୍ୟା ୧,୬୦,୪୭,୪୩୭ ରହିଥିବାବେଳେ ମୃତ୍ୟୁସଂଖ୍ୟା ୪,୪୮,୨୦୮ରେ ପହଞ୍ଚିଛି।

## ସଂକ୍ଷେପରେ

### ଅକ୍ସିଜେନ ପ୍ଲାଣ୍ଟ କରିବେ ସୋନୁ



**ମୁମ୍ବାଇ, ୨୩।୫:** ଆନ୍ଧ୍ରପ୍ରଦେଶର ନେଲୁରସ୍ଥିତ ୨ଟି ହସ୍ପିଟାଲରେ ନିଜ ଖର୍ଚ୍ଚରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି ବଲିଉଡ୍ ଅଭିନେତା ସୋନୁ ସୁଦ୍। ପ୍ରାଥମିକ ଭାବେ ଆସନ୍ତା ଜୁନ୍‌ରେ ରାଜ୍ୟର କୁର୍ନୁଲ ସରକାରୀ ଡାକ୍ତରଖାନା ଏବଂ ନେଲୁର ଆତ୍ମକୁର ଜିଲା ହସ୍ପିଟାଲରେ ଏହି ପ୍ଲାଣ୍ଟ କରାଯିବ। ପରବର୍ତ୍ତୀ ସମୟରେ ଅନ୍ୟ ରାଜ୍ୟର ଗ୍ରାମାଞ୍ଚଳରେ ମଧ୍ୟ ଅକ୍ସିଜେନ ପ୍ଲାଣ୍ଟ କରାଯିବାକୁ ଯୋଜନା ରହିଥିବା ସେ ଟୁଇଟ୍ କରିଛନ୍ତି। ଏବେ ଗ୍ରାମାଞ୍ଚଳକୁ ସହାୟତା କରିବାର ସମୟ ବୋଲି ସୋନୁ କହିଛନ୍ତି। କରୋନା ମହାମାରୀ ଆରମ୍ଭରୁ ସୋନୁ ସୁଦ୍ ପ୍ରବାସୀଙ୍କୁ ଘରେ ପହଞ୍ଚାଇବା ସହ ଲୋକଙ୍କୁ ସହାୟତା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଏପରିକି ମୁମ୍ବାଇରେ ନିଜ ସମ୍ପତ୍ତିକୁ ବନ୍ଧା ରଖି ଯୋଗାଡ ୧୦ କୋଟି ଟଙ୍କାରେ ସେ ଅସହାୟ ଲୋକଙ୍କୁ ସାହାଯ୍ୟ କରିଥିଲେ।

### ଆସାମରେ ୬ ଉଗ୍ରପନ୍ଥୀ ନିହତ

**ଗୁଆହାଟୀ, ୨୩।୫(ଆଇଏଏନ୍‌ଏସ୍):** ଆସାମର କର୍ବି ଆଙ୍ଗଲଙ୍ଗ୍ ଜିଲାର ଧନସିରି ଅଞ୍ଚଳରେ ରବିବାର ରାଜ୍ୟ ପୋଲିସ ଓ ଆସାମ ରାଇଫଲ୍ସ ଯବାନମାନଙ୍କ ଏନ୍‌କାଉଣ୍ଟରରେ ୬ ଉଗ୍ରପନ୍ଥୀ ନିହତ ହୋଇଛନ୍ତି। ସେମାନେ ଡିମାସା ନ୍ୟାଶନାଲ ଲିବରେଶନ ଆର୍ମି (ଡିଏନ୍‌ଏଲ୍‌ଏ) ସଦସ୍ୟ ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ୪ ଏକେ-୪୭ ରାଇଫଲ, ୪ ରିଭଲଭର, ଗ୍ରେନେଡ୍, ବନ୍ଧୁକ ଓ ବିପୁଳ ପରିମାଣ ଗୁଳି ଜବତ ହୋଇଛି। ୬ ହାର୍ଡକୋର ଉଗ୍ରପନ୍ଥୀ ନିହତ ହୋଇଥିବା ଆସାମ ପୋଲିସ ଡିଜି ଭାସ୍କରଜ୍ୟୋତି ମହାନ୍ତ ସ୍ପଷ୍ଟ କରିଛନ୍ତି। ଉକ୍ତ ବେଆଇନ ସଂଗଠନ ଅପହରଣ, ଜବରଦସ୍ତ ଅର୍ଥ ଆଦାୟ, ହତ୍ୟା ଓ ଅନ୍ୟାନ୍ୟ ଅପରାଧରେ ଜଡ଼ିତ ରହିଛି। ଗତ ୧୯ ତାରିଖରେ ଡିଏନ୍‌ଏଲ୍‌ଏ ଉଗ୍ରପନ୍ଥୀ ଦାଓଜିଙ୍ଗ୍‌ଫାଙ୍ଗ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ନାଗାଲାଣ୍ଡ ସୀମାବର୍ତ୍ତୀ କାର୍ବି ଆଙ୍ଗଲଙ୍ଗ ଜିଲାର ଧନସିରିପାର ଅଞ୍ଚଳରେ ଉଗ୍ରପନ୍ଥୀ ନିରୋଧୀ ଅଭିଯାନକୁ ଜୋର୍‌ଦାର କରାଯାଇଛି।

### ଆଇଏସ୍‌ଆଇ ଲିଙ୍କ୍: ୨ ଭଉଣୀ ଗିରଫ

ଭୋପାଳ, ୨୩।୫: ପାକିସ୍ତାନର ଦୁଇ ନାଗରିକଙ୍କ ସହ ଯୋଗାଯୋଗରେ ଥିବା ଦୁଇ ଭଉଣୀଙ୍କୁ ଇନ୍ଦୋର ପୋଲିସ ମୋହ କ୍ୟାଣ୍ଟନମେଣ୍ଟରୁ ଗିରଫ କରିଛି। ଗୁପ୍ତଚର ଏଜେନ୍ସି ଆଇଏସ୍‌ଆଇ ସହ ସମ୍ପୃକ୍ତ ଦୁଇ ପାକିସ୍ତାନୀଙ୍କ ସମ୍ପର୍କ ରହିଥିବା ସନ୍ଦେହ କରାଯାଉଛି। ପୋଲିସ ଏବଂ ମିଲିଟାରୀ ଇଣ୍ଟେଲିଜେନ୍ସ ଘଟଣାର ତଦନ୍ତ କରୁଛି। ଗିରଫ ଦୁଇ ଭଉଣୀଙ୍କ ବୟସ ୩୨ ଓ ୨୮ ବର୍ଷ ହୋଇଥିବାବେଳେ ଉଭୟେ ଡକ୍ଟର ଆମ୍ବେଡକର ନଗରଠାରେ ଥିବା ଏକ ସ୍କୁଲର ଶିକ୍ଷୟିତ୍ରୀ। ସୋସିଆଲ ମିଡିଆ ପ୍ଲାଟଫର୍ମରେ ଫେକ୍ ଆକାଉଣ୍ଟ କରି ଦୁଇ ଭଉଣୀ ବର୍ଷେରୁ ଅଧିକ ସମୟ ହେଲା ପାକିସ୍ତାନ ନାଗରିକଙ୍କ ସହ ଯୋଗାଯୋଗରେ ରହି ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଉଥିଲେ ବୋଲି ପୋଲିସ କହିଛି।

## ହେଲା କଲେ ଭେଳା ବୁଡ଼େ

**ମହାମାରୀ ମୁକାବିଲାରେ ସର୍ବାଧିକ ବିଫଳ ଭାରତ ସମେତ ୧୧ ରାଷ୍ଟ୍ର**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୨୩।୫**

ଭାରତ ସମେତ ୧୧ ଦେଶ କୋଭିଡ୍-୧୯ ଭୂତାଣୁକୁ ହେୟଜ୍ଞାନ କରି ଉଚିତ ଢଙ୍ଗରେ ଏହାର ମୁକାବିଲା କରି ନାହାନ୍ତି। ଫଳରେ ଏହି ରାଷ୍ଟ୍ରଗୁଡ଼ିକର ଲୋକପ୍ରିୟ ସରକାରଙ୍କୁ ମହାମାରୀ ମହଙ୍ଗା ପଡ଼ିଛି ବୋଲି ସ୍ୱିଡେନ୍‌ର ଭେରାଇଟିଜ୍ ଅଫ୍ ଡେମୋକ୍ରାସି (ଭି-ଡେମ୍) ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି।

ଗୋଥେନ୍‌ବର୍ଗ ୟୁନିଭର୍ସିଟିର ଭି-ଡେମ୍ ଇନ୍‌ଷ୍ଟିଚ୍ୟୁଟ୍ ଏହାର ଗବେଷଣାମୂଳକ ନିବନ୍ଧରେ ୨୦୨୦ରେ ଲୋକପ୍ରିୟ ଓ ଅଣଲୋକପ୍ରିୟ ସରକାରମାନଙ୍କ ପ୍ରଦର୍ଶନକୁ ନେଇ ଏକ ତୁଳନାତ୍ମକ ଚିତ୍ର ଅଙ୍କାଯାଇଛି। ଏଥିରେ ୪୨ ବିକଶିତ ଓ ବିକାଶଶୀଳ ଅର୍ଥନୀତିକୁ ସାମିଲ କରାଯାଇଛି। ତନ୍ମଧ୍ୟରୁ ୧୧ଟି ରାଷ୍ଟ୍ରରେ ଭାରତର ମୋଦି ସରକାରଙ୍କ ଭଳି ଲୋକପ୍ରିୟ ସରକାର କ୍ଷମତାସୀନ ଥିବା ଦର୍ଶାଯାଇଛି। ଅନ୍ୟ ୧୦ ରାଷ୍ଟ୍ର ହେଲେ ବ୍ରାଜିଲ, ଚେକ୍ ରିପବ୍ଲିକ୍, ହଙ୍ଗେରି, ଇସ୍ରାଏଲ୍, ମେକ୍ସିକୋ, ପୋଲାଣ୍ଡ, ସ୍ଲୋଭାକିଆ, ତୁର୍କୀ, ବ୍ରିଟେନ ଓ ଆମେରିକା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲସୋନାରୋ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଓ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସବୁଠୁ ଅଧିକ ଅବହେଳାକାରୀ ଶାସକ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଆମେରିକା, ଭାରତ ଓ ବ୍ରାଜିଲରେ ବିଶ୍ୱର ସର୍ବାଧିକ କରୋନା ଭାଇରସ୍ ସଂକ୍ରମଣ ମାମଲା ଦେଖିବାକୁ ମିଳୁଥିବାବେଳେ ମହାମାରୀ ଫ୍ରାନ୍ସ, ତୁର୍କୀ, ରୁଷିଆ ଓ ବ୍ରିଟେନକୁ ମଧ୍ୟ ବହୁଳ ଭାବେ ପ୍ରଭାବିତ କରିଛି। ଆମେରିକା ପରେ ସର୍ବାଧିକ ସଂକ୍ରମିତ ଥିବା ଭାରତରେ ଏବେ ଦୈନିକ ସଂକ୍ରମଣ ୩ ଲକ୍ଷ ଉପରେ ରହୁଛି। କୋଭିଡ୍ ମହାମାରୀ ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଥିବାବେଳେ ଅନେକ ରାଜ୍ୟରେ ବ୍ଲାକ୍ ଫଙ୍ଗସ୍ ଓ ହ୍ୱାଇଟ୍ ଫଙ୍ଗସ୍ ଆଉ ଦୁଇଟି ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ମହାମାରୀ ମୁକାବିଲାରେ ଏହି ଲୋକପ୍ରିୟ ସରକାରମାନଙ୍କ ନୀତି ଦୁର୍ବଳ ରହିଥିବାରୁ ସମ୍ପୃକ୍ତ ଦେଶଗୁଡ଼ିକରେ ଅନ୍ୟ ରାଷ୍ଟ୍ର ଅପେକ୍ଷା ମୃତ୍ୟୁ ହାର ଅଧିକ ରହିଥିବା ରିପୋର୍ଟରେ କୁହାଯାଇଛି।

## ବିଭିନ୍ନ ରାଜ୍ୟରେ ବଢୁଛି ଲକ୍‌ଡାଉନ



ଲକ୍‌ଡାଉନ୍ ବେଳେ ନୂଆଦିଲ୍ଲୀର ରାସ୍ତା ଜନଶୂନ୍ୟ।

**ନୂଆଦିଲ୍ଲୀ, ୨୩।୫**

ଦେଶରେ ଦୈନିକ ସଂକ୍ରମଣ ରବିବାର ୧୧.୩୪ ପ୍ରତିଶତ ହ୍ରାସ ପାଇ ୨,୪୦,୮୪୨ରେ ପହଞ୍ଚିଛି। ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ ଜାରି ରହିବା ଫଳରେ ସଂକ୍ରମଣ ଓ ପଜିଟିଭିଟି ହାର କମିଛି। ଏହାକୁ ଆହୁରି କମାଇବା ପାଇଁ ବିଭିନ୍ନ ରାଜ୍ୟ ଲକ୍‌ଡାଉନ ଅବଧି ବଢ଼ାଇ ଚାଲିବା ସହ ନୂଆ କଟକଣା ଲଗାଉଛନ୍ତି। ରବିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଜାତୀୟ ରାଜଧାନୀରେ ଲକ୍‌ଡାଉନ ସମୟସୀମାକୁ ମେ’ ୩୧ ସକାଳ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଦିଲ୍ଲୀରେ ଏପ୍ରିଲ ୧୯ରୁ ଲକ୍‌ଡାଉନ ଆରମ୍ଭ ହୋଇଥିଲା।

ସେହିପରି ରାଜସ୍ଥାନରେ ଜୁନ୍ ୮ ପର୍ଯ୍ୟନ୍ତ ଲକ୍‌ଡାଉନ ବଢ଼ାଇ ଦିଆଯାଇଛି। ଶନିବାର ଉତ୍ତରପ୍ରଦେଶ ସରକାର ରାଜ୍ୟରେ ଆଂଶିକ ଲକ୍‌ଡାଉନକୁ ଆଉ ଏକ ସପ୍ତାହ ବଢ଼ାଇଥିଲେ। ୟୁପିରେ ୨୪ରେ ଲକ୍‌ଡାଉନ ଶେଷ ହେବାକୁ ଥିବାବେଳେ ଏହାକୁ ୩୧ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ନିକଟରେ କେରଳ ସରକାର ମଧ୍ୟ ଲକ୍‌ଡାଉନ ଅବଧିକୁ ମେ’ ୩୦ ପର୍ଯ୍ୟନ୍ତ ବଢ଼ାଇଥିଲେ। ତାମିଲନାଡୁ ସରକାର ମଧ୍ୟ ଲକ୍‌ଡାଉନକୁ ଆଉ ଏକ ସପ୍ତାହ ଅର୍ଥାତ୍ ମେ’ ୩୧ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହି ସମୟରେ କଟକଣାକୁ ପୂର୍ବାପେକ୍ଷା ବଢ଼ାଇ ଦିଆଯାଇଛି। ଅନ୍‌ଲାଇନ ବ୍ୟବସାୟ ସମୟକୁ ସକାଳ ୮ରୁ ସନ୍ଧ୍ୟା ୬ ମଧ୍ୟରେ ସୀମିତ କରାଯାଇଛି। କର୍ନାଟକ ସରକାର ଜୁନ୍ ୭ ପର୍ଯ୍ୟନ୍ତ ଲକ୍‌ଡାଉନ ବଢ଼ାଇଛନ୍ତି। ଏପ୍ରିଲ ୨୭ରୁ ଉକ୍ତ ରାଜ୍ୟରେ ଲକ୍‌ଡାଉନ ଆରମ୍ଭ ହୋଇଥିବାବେଳେ କଟକଣାରେ କୌଣସି କୋହଳ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିଛନ୍ତି। ଜମ୍ମୁ-କଶ୍ମୀର ପ୍ରଶାସନ ମଧ୍ୟ କରୋନା କର୍ଫ୍ୟୁକୁ ମେ’ ୩୧ ସକାଳ ୭ଟା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ରାଜ୍ୟର ୩୬ଟି ମହାନଗରରେ ମେ’ ୨୮ ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ ରାତି ୮ରୁ ସକାଳ ୬ଟା ପର୍ଯ୍ୟନ୍ତ ଜାରି ରହିବ ବୋଲି କହିଛନ୍ତି। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ରାଜ୍ୟରେ କର୍ଫ୍ୟୁକୁ ମେ’ ୩୧ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ମହାରାଷ୍ଟ୍ରରେ ଜୁନ୍ ୧ ସକାଳ ୭ଟା ପର୍ଯ୍ୟନ୍ତ ଲକ୍‌ଡାଉନ କଟକଣା ଜାରି ରହିବ। ହରିୟାଣାରେ ଲକ୍‌ଡାଉନ ଅବଧି ୨୪ରେ ଶେଷ ହେଉଥିବାବେଳେ ଏହାକୁ ରାଜ୍ୟ ସରକାର ୩୧ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଝାଡ଼ଖଣ୍ଡରେ ଆଂଶିକ ଲକ୍‌ଡାଉନ ୨୭ ତାରିଖ ପର୍ଯ୍ୟନ୍ତ ଲାଗୁ ହୋଇଛି। ସେହିପରି ଛତିଶଗଡ଼ରେ ମେ’ ୩୧ ଯାଏ ଲକ୍‌ଡାଉନ ବଢ଼ାଇଦିଆଯାଇଛି।

## କେବଲ କାର୍ ଖସି ୧୩ ମୃତ



**ରୋମ୍, ୨୩।୫:** ଉତ୍ତର ଇଟାଲୀର ମ୍ୟାଗିଗୋର ହ୍ରଦ ନିକଟ ପର୍ବତ ଉପରେ ରବିବାର ଏକ କେବୁଲ କାର୍ ଖସିଯିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। କାର୍‌ଟି ଷ୍ଟ୍ରେସାଠାରୁ ପାଇଡମୋନ୍ ଅଞ୍ଚଳ ନିକଟସ୍ଥ ମୋଟୋରୋନ୍ ପର୍ବତ ଉପରକୁ ଯାତ୍ରୀଙ୍କୁ ନେଉଥିବା ସମୟରେ କରୁଥିବା ଏହି ଦୁର୍ଘଟଣା ଘଟିଥିଲା।

## ରାଜ୍ୟକୁ ଟିକା ଯୋଗାଇବାକୁ ମନାକଲା ମଡର୍ନା

**ଚଣ୍ଡିଗଡ଼, ୨୩।୫**

ଦେଶରେ ସମସ୍ତଙ୍କୁ ଟିକା ଦେବା ଲାଗି କୋଭିଡ୍ ଭାକ୍ସିନର ଘୋର ଅଭାବ ଦେଖାଦେଇଛି। ଏପରିସ୍ଥଳେ ପଞ୍ଜାବ ସମେତ ବିଭିନ୍ନ ରାଜ୍ୟ ସରକାର ବିଦେଶରୁ ସିଧାସଳଖ ଟିକା କିଣିବା ପାଇଁ ଯୋଜନା କରିବା ସହ କେତେକ ରାଜ୍ୟ ବିଶ୍ୱସ୍ତରୀୟ ଟେଣ୍ଡର ଆହ୍ୱାନ କରିଥିଲେ। ତେବେ ରାଜ୍ୟକୁ ଟିକା ଯୋଗାଇବା ପ୍ରସ୍ତାବକୁ ଆମେରିକା ଔଷଧ କମ୍ପାନୀ ମଡର୍ନା ମନା କରିଦେଇଛି। କମ୍ପାନୀର ନୀତି ଅନୁଯାୟୀ ଏହା କେବଳ ଭାରତ ସରକାରଙ୍କ ସହ ଟିକା ସମ୍ପର୍କରେ ଡିଲ୍ କରିବ ବୋଲି ମଡର୍ନା କର୍ତ୍ତୃପକ୍ଷ ପଞ୍ଜାବ ସରକାରଙ୍କୁ ଜଣାଇ ଦେଇଛନ୍ତି। ବିଭିନ୍ନ ବିଦେଶୀ କମ୍ପାନୀଠାରୁ

**ଭାରତରେ ଭାକ୍ସିନ ସଙ୍କଟ ଲାଗିରହିଥିବାରୁ ବିଭିନ୍ନ ରାଜ୍ୟରେ ଟିକାକରଣ ବାଧାପ୍ରାପ୍ତ ହୋଇଛି। ରାଜ୍ୟଗୁଡ଼ିକ ଖୋଲା ବଜାରରୁ ଟିକା କିଣି ନିଜ ନାଗରିକଙ୍କୁ ଦେଇପାରିବେ ବୋଲି କେନ୍ଦ୍ର କହୁଥିବାବେଳେ ଏହାର ଭାକ୍ସିନ ପଲିସିରେ ଏମିତି ବ୍ୟବସ୍ଥା କରାଯାଇଛି ଯେ, କୌଣସି ରାଜ୍ୟ ସରକାର ଚାହିଁଲେ ବି ପ୍ରସ୍ତୁତକାରୀ କମ୍ପାନୀଠାରୁ ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରି ପ୍ରତ୍ୟକ୍ଷ ଭାବେ କିଣିପାରିବେ ନାହିଁ। ଆମେରିକୀୟ ଟିକା କମ୍ପାନୀ ମଡର୍ନା ପଞ୍ଜାବକୁ ଭାକ୍ସିନ ଦେବା ପାଇଁ ମନା କରିଦେବା ପରେ ଏହା ପ୍ରମାଣିତ ହୋଇଛି।**




ସିଧାସଳଖ ଟିକା କିଣିବା ପାଇଁ ଅମରିନ୍ଦର ସିଂ ସରକାର ଯୋଗାଯୋଗ ଚଳାଇଥିଲେ। ସ୍ପୁଟନିକ୍-ଭି ନିର୍ମାତା ଗାମାଲେୟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏପିଡେମିଓଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜି, ଫାଇଜର ଏବଂ ଜନ୍‌ସନ ଆଣ୍ଡ ଜନ୍‌ସନ ସହ ଯୋଗାଯୋଗ କରାଯାଇଥିଲା ବୋଲି ଟିକାକରଣର ରାଜ୍ୟ ନୋଡାଲ ଅଫିସର ବିକାଶ ଗର୍ଗ କହିଛନ୍ତି। ମଡର୍ନା ରାଜ୍ୟ ସରକାରଙ୍କ ସହ ଟିକା ସମ୍ପର୍କିତ ଡିଲ୍ କରିବାକୁ ଚାହୁଁନାହିଁ। ଅନ୍ୟ କମ୍ପାନୀମାନେ ଏପର୍ଯ୍ୟନ୍ତ କୌଣସି ଜବାବ ଦେଇ ନ ଥିବା ଗର୍ଗ କହିଛନ୍ତି। ସୂଚନାଯୋଗ୍ୟ ଡୋଜ୍ ଅଭାବରୁ ପଞ୍ଜାବ ସରକାର ଗତ ୩ ଦିନ ହେଲା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣକୁ ବନ୍ଦ ରଖିବାକୁ ବାଧ୍ୟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟକୁ ୪.୨ ଲକ୍ଷ ଡୋଜ୍ ଭାକ୍ସିନ ମିଳିଥିବାବେଳେ ସେଥିରୁ ୩,୬୫ ଲକ୍ଷ ଡୋଜ୍ ଦିଆଗଲାଣି।

## ଚାପୁଡ଼ା ମାରି ପଦରୁ ହଟିଲେ ଜିଲାପାଳ

**ରାୟପୁର, ୨୩।୫**

ଲକ୍‌ଡାଉନବେଳେ ବାହାରକୁ ଯାଇଥିବା ଜଣେ ଯୁବକଙ୍କୁ ଚାପୁଡ଼ା ମାରିବା ଛତିଶଗଡ଼ର ସୁରଜପୁର ଜିଲାପାଳଙ୍କୁ ମହଙ୍ଗା ପଡ଼ିଛି। ଘଟଣାର ଭିଡିଓ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ରବିବାର ଜିଲାପାଳ ରଣବୀର ଶର୍ମାଙ୍କୁ ପଦରୁ ହଟାଇଛନ୍ତି। ଲକ୍‌ଡାଉନ ବେଳେ ଯୁବକ ଜଣକ ବାହାରକୁ ଯାଇଥିଲେ। ସେହି ସମୟରେ ଜିଲାପାଳ ତାଙ୍କୁ ଚାପୁଡ଼ା ମାରିବା ସହ ମୋବାଇଲ ଭାଙ୍ଗି ଦେଇଥିଲେ। ଏଥିସହ ଯୁବକଙ୍କୁ ମାଡ଼ ମାରିବାକୁ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ପରେ ଜିଲାପାଳ ଏକ ଭିଡିଓରେ କ୍ଷମା ପ୍ରାର୍ଥନା କରିଛନ୍ତି। ଯୁବକ ଜଣକ ଟିକା ନେବାକୁ ଯାଇଥିଲେ ବୋଲି କହିବା ସହ ଫେକ୍ ରସିଦ୍ ଦେଖାଇଥିଲେ ବୋଲି ଜିଲାପାଳ କହିଥିଲେ।



ରଣବୀର ଶର୍ମା

## ରମଣ ସିଂ, ସମ୍ବିତ୍ ପାତ୍ରଙ୍କ ନାଁରେ ଏତଲା

**ଟୁଲ୍‌କିଟ୍ ପ୍ରସଙ୍ଗ**

**ନୂଆଦିଲ୍ଲୀ, ୨୩।୫:** ଏଆଇସିସିର ଗବେଷଣା ବିଭାଗ ଲେଟରହେଡ୍‌କୁ ଜାଲିଆତି କରି ସେଥିରେ ମିଥ୍ୟା ଓ ଜାଲ୍ ବିଷୟବସ୍ତୁ ଛାପିବା ଅଭିଯୋଗରେ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରମଣ ସିଂ ଏବଂ ମୁଖପାତ୍ର ସମ୍ବିତ୍ ପାତ୍ରଙ୍କ ବିରୋଧରେ ଛତିଶଗଡ଼ରେ ଏତଲା ଦାଏର ହୋଇଛି। ଅଧିକ ଜେରା ଲାଗି ସେମାନଙ୍କୁ ସମନ କରାଯାଇଥିବା ରାୟପୁର ସିଭିଲ୍ ଲାଇନ୍ସ ପୋଲିସ ଏସ୍‌ଏଚ୍‌ଓ ଆର୍.କେ. ମିଶ୍ର କହିଛନ୍ତି। ସମ୍ବିତ୍‌ଙ୍କୁ ବ୍ୟକ୍ତିଗତ ଭାବେ କିମ୍ବା ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର ହେବାକୁ କୁହାଯାଇଛି। ଛତିଶଗଡ଼ ପ୍ରଦେଶ କଂଗ୍ରେସ ଏନ୍‌ଏସ୍‌ୟୁଆଇ ଅଧ୍ୟକ୍ଷ ଭାଜପା ନେତାମାନଙ୍କ ବିରୋଧରେ ଏତଲା ଦାଏର କରିଛନ୍ତି। ଏହା ବ୍ୟତୀତ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି, ସମ୍ବିତ୍ ପାତ୍ର ଓ ଭାଜପା ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷଙ୍କ ବିରୋଧରେ ଏତଲା ଦାଏର ଲାଗି ଦିଲ୍ଲୀ ପୋଲିସ ନିକଟରେ ଅଭିଯୋଗ ହୋଇଛି।

## ବିବାଦରେ ଡାଏନାଙ୍କ ବିବିସି ସାକ୍ଷାତ୍‌କାର

## କ୍ଷମା ମାଗିଲେ ମାର୍ଟିନ

**ଲଣ୍ଡନ, ୨୩।୫:** ପ୍ରିନ୍‌ସେସ୍ ଡାଏନାଙ୍କ ସହ ବିବାଦୀୟ ସାକ୍ଷାତକାରକୁ ନେଇ ତାଙ୍କ ଦୁଇ ପୁଅ ତଥା ବ୍ରିଟେନ ପ୍ରିନ୍ସ ୱିଲିୟମ ଏବଂ ହ୍ୟାରିଙ୍କୁ ରବିବାର ବିବିସିର ପୂର୍ବତନ ଖବରଦାତା ମାର୍ଟିନ ବଶିର କ୍ଷମା ମାଗିଛନ୍ତି। କିନ୍ତୁ ଡାଏନାଙ୍କ ମୃତ୍ୟୁ ସହ ସାକ୍ଷାତକାରକୁ ଯୋଡ଼ାଯିବା ‘ଅଯୌକ୍ତିକ’ ବୋଲି ମାର୍ଟିନ କହିଛନ୍ତି। ବଶିର ଏକ ସାକ୍ଷାତକାରରେ କହିଛନ୍ତି, ପ୍ରିନ୍‌ସେସ୍ ଡାଏନାଙ୍କୁ କ୍ଷତି ପହଞ୍ଚାଇବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ଇଣ୍ଟରଭିୟୁ ଦ୍ୱାରା ଡାଏନାଙ୍କ କୌଣସି କ୍ଷତି ହୋଇନାହିଁ। ତଥାପି ପ୍ରିନ୍ସ ୱିଲିୟମ୍ ଏବଂ ପ୍ରିନ୍ସ ହ୍ୟାରିଙ୍କୁ ସେ କ୍ଷମା ମାଗୁଛନ୍ତି ବୋଲି ମାର୍ଟିନ କହିଛନ୍ତି। ଅନ୍ୟପକ୍ଷରେ ତତ୍କାଳୀନ ବିବିସି ନିର୍ଦ୍ଦେଶକ ଟୋନି ହଲ୍ ନ୍ୟାଶନାଲ ଗ୍ୟାଲେରି ଚେୟାରମ୍ୟାନ ପଦରୁ ଇସ୍ତଫା ଦେଇଛନ୍ତି। ଏଭଳି ଘଟଣା ପାଇଁ ସେ ଦୁଃଖିତ ଏବଂ ନେତୃତ୍ୱ ନେବା ଅର୍ଥ ଦାୟିତ୍ୱ ତୁଲାଇବା ବୋଲି ହଲ୍ କହିଛନ୍ତି।



ଡାଏନା



ମାର୍ଟିନ ବଶିର

୧୯୯୫ରେ ଡାଏନା ଏବଂ ରାଜ ପରିବାର ମଧ୍ୟରେ ମତଭେଦ ନେଇ ଚର୍ଚ୍ଚା ହୋଇଥିଲା। ସେହି ସମୟରେ ବିବିସି ଖବରଦାତା ମାର୍ଟିନ ବଶିର ତାଙ୍କୁ ଡାଏନାଙ୍କ ଭାଇଙ୍କ ମାଧ୍ୟମରେ ଏକ ସାକ୍ଷାତକାର ପାଇଁ ପ୍ରସ୍ତୁତ କରାଇଥିଲେ। ମାର୍ଟିନ ଏଥିପାଇଁ ଡାଏନାଙ୍କ ଭାଇ ଚାର୍ଲ୍ସ ସ୍ପେନ୍ସରଙ୍କୁ ପ୍ରଲୋଭିତ କରିଥିଲେ ଏବଂ ମିଛ ତଥ୍ୟ ଆଧାରରେ ଡାଏନାଙ୍କ ସାକ୍ଷାତକାର ନେଇଥିଲେ ବୋଲି ଅଭିଯୋଗ ଉଠିଥିଲା। ପାନାରୋମା ନ୍ୟୁଜ୍ ପ୍ରୋଗ୍ରାମବେଳେ ଏହି ସାକ୍ଷାତକାର ବ୍ରଡକାଷ୍ଟର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ଆସିଥିଲା।

## ମେ’ ୨୬ ଚାଷୀ ଆନ୍ଦୋଳନକୁ ୧୨ ବିରୋଧୀ ଦଳର ସମର୍ଥନ

**ନୂଆଦିଲ୍ଲୀ, ୨୩।୫**

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ଚାଲିଥିବା ଆନ୍ଦୋଳନ ଆସନ୍ତା ୨୬ ତାରିଖରେ ୬ ମାସ ପୂରଣ କରିବାକୁ ଯାଉଛି। ସେହିଦିନ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଲାଗି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ନିଷ୍ପତ୍ତି ନେଇଥିବାବେଳେ ରବିବାର ଦେଶର ୧୨ଟି ପ୍ରମୁଖ ବିରୋଧୀ ଦଳ ଏହାକୁ ସମର୍ଥନ ଜଣାଇଛନ୍ତି। ଏହି ଦଳଗୁଡ଼ିକ ହେଲେ କଂଗ୍ରେସ, ତୃଣମୂଳ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସମାଜବାଦୀ ପାର୍ଟି, ଏନ୍‌ସିପି, ଡିଏମ୍‌କେ, ଜେଡିଏସ୍, ଶିବସେନା, ନ୍ୟାଶନାଲ କନ୍‌ଫରେନ୍ସ, ଜେଏମ୍‌ଏମ୍, ଆର୍‌ଜେଡି।

କେନ୍ଦ୍ର ସରକାର ଆଣିଥିବା ୩ କୃଷି ଆଇନ ପ୍ରତ୍ୟାହାର ଲାଗି ଗତବର୍ଷ ନଭେମ୍ବରରୁ ଦିଲ୍ଲୀ ସୀମାରେ ବିଭିନ୍ନ ରାଜ୍ୟର ଚାଷୀମାନେ ଆନ୍ଦୋଳନ ଚଳାଇଛନ୍ତି। ନୂଆ କୃଷି ଆଇନ କୃଷି ଓ କୃଷକଙ୍କର କ୍ଷତି ଘଟାଇବ ବୋଲି ସେମାନେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ଜିଦି ଛାଡ଼ି ତୁରନ୍ତ କୃଷକ ନେତାମାନଙ୍କ ସହ ଆଲୋଚନା ଆରମ୍ଭ କରନ୍ତୁ ଓ ୩ କୃଷି ଆଇନକୁ ପ୍ରତ୍ୟାହାର କରିନିଅନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଜାରି ମିଳିତ ବିବୃତିରେ କୁହାଯାଇଛି। ସେଥିରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ଏନ୍‌ସିପି ମୁଖ୍ୟ ଶରଦ ପାୱାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ଅନ୍ୟ ସ୍ୱାକ୍ଷରକାରୀ ନେତାଙ୍କ ମଧ୍ୟରେ ଅଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ସିପିଆଇ ନେତା ଡି. ରାଜା ଏବଂ ସିପିଆଇ(ଏମ୍) ନେତା ସୀତାରାମ ୟେଚୁରୀ। କୃଷକ ସଂଗଠନଗୁଡ଼ିକ ଚଳାଇଥିବା ଶାନ୍ତିପୂର୍ଣ୍ଣ ସଂଘର୍ଷକୁ ଆସନ୍ତା ୨୬ରେ ୬ ମାସ ପୂରୁଥିବାବେଳେ ଏସ୍‌କେଏମ୍ ଡାକରା ଦେଇଥିବା ଦେଶବ୍ୟାପୀ ବିକ୍ଷୋଭକୁ ଆମେ ସମର୍ଥନ କରୁଛୁ ବୋଲି ଉକ୍ତ ବିବୃତିରେ କୁହାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୭୩,୬୦,୧୯୧ | ୩୪,୭୫,୦୩୪ | ୧୪,୮୩,୭୭,୨୪୦ |
| ଭାରତ | ୨,୬୭,୩୮,୨୨୦ | ୩,୦୩,୩୫୫ | ୨,୩୬,୯୩,୯୯୨ |
| ଓଡ଼ିଶା | ୬,୯୨,୩୮୨ | ୨୪୮୪(+୫୩) | ୫,୮୯,୬୧୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଦିନକରେ ୧୨,୮୫୨ ଆକ୍ରାନ୍ତ, ୨୮ ମୃତ

## ରାଜ୍ୟରେ ଭୟଙ୍କର ହେଲା କରୋନା

- ସର୍ବକାଳୀନ ରେକର୍ଡ ଭାଙ୍ଗିଲା ମହାମାରୀ
- ସକ୍ରିୟ ରୋଗୀ ସଂଖ୍ୟା ଏକ ଲକ୍ଷ ଟପିଲା

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

ଦେଶରେ ବର୍ତ୍ତମାନ କାରୋନା ଗ୍ରାଫ୍ ତଳମୁହାଁ ହେଉଥିବାବେଳେ ଓଡ଼ିଶାରେ କିନ୍ତୁ ଅଧିକ ଭୟଙ୍କର ହେବାରେ ଲାଗିଛି ମହାମାରୀ। କିଛିଦିନ ଧରି ପ୍ରାୟତଃ ସ୍ଥିର ସ୍ଥିତିରେ ରହିବା ପରେ ଏବେ ପୁଣି ସଂକ୍ରମଣ ଓ ମୃତ୍ୟୁରେ ସର୍ବକାଳୀନ ରେକର୍ଡ କରିଛି। ଗତ ୨୪ ଘଣ୍ଟାରେ ସର୍ବାଧିକ ୧୨,୮୫୨ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୮ଜଣଙ୍କ ଜୀବନ ଯାଇଛି।



ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନରୁ ୭,୧୯୫ ଜଣ ଚିହ୍ନଟ ହୋଇଥିବାବେଳେ ୫,୬୫୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଖୋର୍ଦ୍ଧାରୁ ସର୍ବାଧିକ ୧,୯୦୯ ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିଭଳି କଟକରୁ ୧,୦୭୩, ଅନୁଗୋଳରୁ ୮୭୪, ସୁନ୍ଦରଗଡ଼ରୁ ୮୪୮, କଳାହାଣ୍ଡିରୁ ୬୬୮, ମୟୂରଭଞ୍ଜରୁ ୫୮୬, ବାଲେଶ୍ୱରରୁ ୫୦୮, ଢେଙ୍କାନାଳରୁ ୪୮୨, ପୁରୀରୁ ୪୭୨, ବରଗଡ଼ରୁ ୪୬୧, ଝାରସୁଗୁଡ଼ାରୁ ୩୯୯, ସମ୍ବଲପୁରରୁ ୩୫୫, ନବରଙ୍ଗପୁରରୁ ୩୪୪, ବୌଦ୍ଧରୁ ୩୪୭, ଗଞ୍ଜାମରୁ ୩୪୦, ଯାଜପୁରରୁ ୩୩୭, ନୟାଗଡ଼ରୁ ୩୩୧, ଜଗତ୍‌ସିଂହପୁରରୁ ୩୦୦, କେନ୍ଦ୍ରାପଡ଼ାରୁ ୨୮୫, ବଲାଙ୍ଗୀରରୁ ୨୭୪, କୋରାପୁଟରୁ ୨୭୨ ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମଣ ୨ଶହ ତଳକୁ ରହିଥିବା ବେଳେ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୬,୯୨,୩୮୨ରେ ପହଞ୍ଚିଛି। ସେପଟେ ମୃତ୍ୟୁରେ ମଧ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ରହୁଛନ୍ତି। ୨୮ ମୃତକଙ୍କ ମଧ୍ୟରୁ କେବଳ ଖୋର୍ଦ୍ଧାରୁ ୫ଜଣ ଥିବାବେଳେ ସୁନ୍ଦରଗଡ଼ ଓ କଳାହାଣ୍ଡିରୁ ୪ଜଣ ଲେଖାଏ, ଅନୁଗୋଳ ଓ କେନ୍ଦ୍ରାପଡ଼ାରୁ ୩ଜଣ ଲେଖାଏ, ରାୟଗଡ଼ା, ପୁରୀ ଓ ନବରଙ୍ଗପୁରରୁ ୨ଜଣ ଲେଖାଏ, ଗଜପତି, ଗଞ୍ଜାମ ଓ ନୂଆପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଏଥିସହ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୪୮୪କୁ ବୃଦ୍ଧି ପାଇଛି। ଆଉ ୧୧,୬୨୭ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୫,୮୯,୬୧୦କୁ ବୃଦ୍ଧି ପାଇଛି। ଏବେ ରାଜ୍ୟରେ ୧,୦୦,୨୩୫ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ବୁଲା ଗୋରୁ, କୁକୁରଙ୍କ ପାଇଁ ଆଉ ୫୫ ଲକ୍ଷ ମଞ୍ଜୁରୀ

ଭୁବନେଶ୍ୱର, ୨୩।୫(ବ୍ୟୁରୋ)



କରୋନା ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବା ସହ ସ୍ଥିତି ନିୟନ୍ତ୍ରଣ ପାଇଁ ସାରା ରାଜ୍ୟରେ ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଛି। ଏଥିଯୋଗୁ ଦୋକାନ ବଜାର ବନ୍ଦ ରହୁଥିବାରୁ ବିଶେଷକରି ସହରାଞ୍ଚଳରେ ଥିବା ବୁଲା ଗୋରୁ, କୁକୁର ଆଦି ପ୍ରାଣୀମାନେ ଭୋକରେ ରହୁଛନ୍ତି। ଏ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ରିଲିଫ ପାଣ୍ଠିରୁ ଦ୍ୱିତୀୟ ପର୍ଯ୍ୟାୟରେ ୫୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ସହାୟତା ରାଶି ୫ ମହାନଗର ନିଗମ, ୪୮ ମ୍ୟୁନିସିପାଲିଟି ଓ ୬୧ ଏନ୍‌ଏସିଗୁଡ଼ିକୁ ଦିଆଯିବ। ଏହି ଅର୍ଥରେ ପୌର କର୍ତ୍ତୃପକ୍ଷ ସାମାଜିକ ଅନୁଷ୍ଠାନଗୁଡ଼ିକ ଜରିଆରେ ବୁଲା ପ୍ରାଣୀମାନଙ୍କୁ ଖାଦ୍ୟ ଯୋଗାଇ ଦେବେ। ନିର୍ଦ୍ଦେଶାନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ ପାଇଁ ଦୈନିକ ୨୦ହଜାର ଟଙ୍କା, କଟକ, ସମ୍ବଲପୁର, ରାଉରକେଲା, ଓ ବ୍ରହ୍ମପୁର ମହାନଗର ନିଗମ ପାଇଁ ଦୈନିକ ୧୦ହଜାର ଟଙ୍କା, ମ୍ୟୁନିସିପାଲିଟିଗୁଡ଼ିକ ଦୈନିକ ୫ହଜାର ଟଙ୍କା ଓ ଏନ୍‌ଏସିଗୁଡ଼ିକ ଦୈନିକ ୨ହଜାର ଟଙ୍କା ଖର୍ଚ୍ଚ କରିପାରିବେ। ସୂଚନାଯୋଗ୍ୟ, ବୁଲା ପ୍ରାଣୀମାନଙ୍କ ପାଇଁ ଗତ ୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା।

## ନନ୍ଦନକାନନରେ ୧୫ କର୍ମଚାରୀ ପଜିଟିଭ

ବାରଙ୍ଗ, ୨୩।୫(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପଶିଲା କରୋନା। ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ବନ୍ଦ ରହିଥିବାବେଳେ ଏବେ କରୋନାକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ ୨୨ତାରିଖରେ ନନ୍ଦନକାନନରେ କର୍ମଚାରୀମାନଙ୍କର ଆଣ୍ଟିଜେନ ଟେଷ୍ଟ ହୋଇଥିଲା। ମେଣ୍ଢାଶାଳ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ଆସି କର୍ମଚାରୀମାନଙ୍କର ଆଣ୍ଟିଜେନ ପରୀକ୍ଷା କରିଥିଲେ। ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀମାନଙ୍କୁ ମିଶାଇ ସମୁଦାୟ ୧୪୭ଜଣଙ୍କର ପରୀକ୍ଷା ହୋଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ଆସିଥିବା ରିପୋର୍ଟରେ ୧୫ଜଣଙ୍କର ପଜିଟିଭ ଚିହ୍ନଟ ହୋଇଥିବା ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଚିହ୍ନଟ କର୍ମଚାରୀମାନେ ହୋମ୍ ଆଇସୋଲେଶନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ବାରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ରବିବାର ୨୭ଜଣ କରୋନା ପଜିଟିଭ ବାହାରିଛନ୍ତି। ଫଳରେ ବାରଙ୍ଗରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୫୧୧ରେ ପହଞ୍ଚିଥିବା ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି।

## ସଂକ୍ଷେପରେ

### କରୋନା: ଆଜିଠୁ ଘରକୁ ଘର ବୁଲି ସର୍ଭେ

ଭୁବନେଶ୍ୱର, ୨୩।୫(ବ୍ୟୁରୋ): କରୋନା ସଂକ୍ରମଣର ଚେନ୍‌ରେ ବ୍ରେକ୍ ଲଗାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାରଠାରୁ ଘରକୁ ଘର ବୁଲି ସର୍ଭେ ଆରମ୍ଭ ହେବ। ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ୩ ମାସ ପାଇଁ ସାରା ରାଜ୍ୟରେ ଏହି ସର୍ଭେ ଚାଲିବ। ଏଥିରେ ଆଶା ଓ ଏଏନ୍‌ଏମ୍‌ମାନେ ସାମିଲ ହୋଇ ଘରକୁ ଘର ବୁଲି କୋଭିଡ୍ ଲକ୍ଷଣ ଓ ଜଟିଳ ଥିବା ରୋଗୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ। ଏଥିପାଇଁ ସେମାନଙ୍କୁ ମାସିକ ୧୦୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ଏ ନେଇ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏହାପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସର୍ଭେ କିପରି କରାଯିବ ସେ ନେଇ ଏକ ସର୍ତ୍ତାବଳୀ ଜାରି ହୋଇଥିଲା।

### ୧୨କୋଟି ଟଙ୍କା ଠକେଇ: କମ୍ପାନୀ କ୍ୟାଶିୟରଙ୍କ ସମେତ ୨ ଗିରଫ



ଝାରସୁଗୁଡ଼ା ଅଫିସ, ୨୩।୫: ଝାରସୁଗୁଡ଼ା ଜିଲା ସରବାହାଲସ୍ଥିତ ଓଡ଼ିଶା-ବେଙ୍ଗଲ କ୍ୟାରିୟର ଲିଃ ନାମକ ଏକ ଟ୍ରାନ୍ସପୋର୍ଟ କମ୍ପାନୀରୁ ୧୨କୋଟି ଟଙ୍କା ଠକେଇ ଅଭିଯୋଗରେ ପୋଲିସ କମ୍ପାନୀରେ କାର୍ଯ୍ୟରତ ଜଣେ କ୍ୟାସିୟରଙ୍କ ସମେତ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କ୍ୟାସିୟର ଚେନାରାମ ସାଇନି ଓ ଆକାଶ ପାଠକ। ଏ ନେଇ ଟ୍ରାନ୍ସପୋର୍ଟ ମାଲିକ ରବି ଅଗ୍ରୱାଲ ଝାରସୁଗୁଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଝାରସୁଗୁଡା ଥାନା କେସ୍ (ନଂ.୨୧୫/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଚେନାରାମଙ୍କୁ ପୋଲିସ ରାଞ୍ଚିରୁ ଗିରଫ କରିଥିବାବେଳେ ସହଯୋଗୀ ଆକାଶଙ୍କୁ ସରବାହାଲରୁ ଗିରଫ କରିଛି। ଆକାଶଙ୍କ ଏକ ପ୍ରିଣ୍ଟିଂ ପ୍ରେସ୍ ରହିଛି। ଏହି ପ୍ରେସ୍‌ରେ ସେ ନକଲି କାଗଜପତ୍ର ପ୍ରସ୍ତୁତ କରି କୋଟି କୋଟି ଟଙ୍କା ଠକେଇ କରିଥିବା ଜଣାପଡିଛି। ଆକାଶଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୮ ଲକ୍ଷ ଟଙ୍କା ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। କ୍ୟାସିୟର ଚେନାରାମ ଆକାଶଙ୍କୁ ୧କୋଟି ଟଙ୍କା ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏହି ମାମଲାରେ ଆଉ କେତେଜଣ ସମ୍ପୃକ୍ତ ଥିବାବେଳେ ସେମାନେ ପୋଲିସ ଭୟରେ ଫେରାର ଅଛନ୍ତି।

### ପୋତାଶ୍ରୟରୁ ଖାଲି କରାଯାଉଛି ଜାହାଜ

ପାରାଦୀପ, ୨୩।୫(ସ୍ୱ.ପ୍ର.): ସମ୍ଭାବ୍ୟ ବାତ୍ୟା 'ୟାସ୍'କୁ ନେଇ ପାରାଦୀପ ବନ୍ଦରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବନ୍ଦର ପୋତାଶ୍ରୟରେ ଥିବା ସମସ୍ତ ପଣ୍ୟବାହୀ ଜାହାଜଗୁଡ଼ିକୁ ସୋମବାର ସନ୍ଧ୍ୟା ସୁଦ୍ଧା ଖାଲି କରିବା କାର୍ଯ୍ୟ ଜାରି ରହିଛି। ରବିବାର ଥାର୍ଡ ସିଫ୍ଟରୁ ପୋତାଶ୍ରୟକୁ ଜାହାଜ ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଛି। ଏନେଇ ବନ୍ଦର ମେରାଇନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପସଂରକ୍ଷକ କ୍ୟାପଟେନ ଅତୁଲ୍ୟ କୁମାର ମହାପାତ୍ର କହିଛନ୍ତି। ସୋମବାର ସନ୍ଧ୍ୟା ଭିତରେ ସମସ୍ତ ଜାହାଜ ସମୁଦ୍ରର ନିରାପଦ ଅଞ୍ଚଳ(ଆନ୍ଥ୍ରସୀମା)କୁ ଯିବାପାଇଁ କୁହାଯାଇଛି। ଏତଦ୍‌ବ୍ୟତୀତ ଟ୍ରେନରୁ ପଣ୍ୟ ବୋଝେଇ ଖଲାସ କାମ ସୋମବାର ସନ୍ଧ୍ୟା ସୁଦ୍ଧା ସାରିବା ପରେ ରାତି ସିଫ୍ଟରୁ ଅପରେଶନ ବନ୍ଦ କରାଯିବ ବୋଲି ମହାପାତ୍ର କହିଛନ୍ତି। ଏହି ସମୟରେ ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିଷିଦ୍ଧାଞ୍ଚଳରୁ ଖାଲି କରାଯାଇ ଗେଟ୍ ବନ୍ଦ କରାଯିବ।

### ପିକ୍‌ଅପ୍ ଭ୍ୟାନ ଧକ୍କାରେ ବାଇକ୍ ଚାଳକ ମୃତ

ବେଗୁନିଆ, ୨୩।୫(ଡି.ଏନ୍.ଏ.): ବାଘମାରୀ-କଣ୍ଟିଲୋ ମୁଖ୍ୟ ସଡକପଥ ଅଧୀନ କୋଦବେରେଣି ଛକ ନିକଟରେ ରବିବାର ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଦବେରେଣି ଗ୍ରାମର ଧ୍ରୁବଚରଣ ପରିଡା। ଧ୍ରୁବଚରଣ ବାଇକରେ ପୋଖରୀକୁ ଗାଧୋଇବାକୁ ଯାଉଥିଲେ। ବିପରୀତ ପଟୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ସହ ମହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଧ୍ରୁବଚରଣଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୯୫/୨୧)ରୁଜୁ କରି ତଦନ୍ତ ଚଳାଇଛି।



ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁ ରବିବାର ରସୁଲଗଡ ଓଭରବ୍ରିଜ ଜନଶୂନ୍ୟ ହୋଇପଡ଼ିଛି।

## ୮ ଜିଲାରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଅନୁମୋଦନ

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

**ପ୍ରଧାନମନ୍ତ୍ରୀ, ହର୍ଷବର୍ଦ୍ଧନଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର**



ପିଏମ୍ କେୟାର୍ସ ଫଣ୍ଡରୁ ଓଡ଼ିଶାର ୮ ଜିଲାରେ ପ୍ରେସର ସ୍ୱିଙ୍ଗ ଆଡଜର୍ପଶନ (ପିଏସ୍‌ଏ) ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଅନୁମୋଦନ ମିଳିଛି। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଟୁଇଟ୍ ଯୋଗେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଛନ୍ତି। ଏହି ସମୟୋପଯୋଗୀ ପଦକ୍ଷେପ ଦ୍ୱାରା ଅନେକ ଲୋକଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ରାଜ୍ୟର ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କୋରାପୁଟ, ନୟାଗଡ଼ ଏବଂ ସୁବର୍ଣ୍ଣପୁର ଜିଲାରେ ଡିଆର୍‌ଡିଓ ଦ୍ୱାରା ପିଏସ୍‌ଏ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଓଡ଼ିଶାର ବୌଦ୍ଧ ଏବଂ କଟକ ଜିଲାରେ ଡିଆରଡିଓ ପିଏସ୍‌ଏ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରୁଛି। ଅପରପକ୍ଷରେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ପିଏସ୍‌ଏ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ହସ୍ତକ୍ଷେପ ଲୋଡ଼ିଥିବା ପରିପ୍ରେକ୍ଷୀରେ ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ ରାୟଗଡ଼ା ଜିଲାରେ ପିଏସ୍‌ଏ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜିଲାରେ କ୍ୟାପଟିଭ୍ ମେଡିକାଲ ଅକ୍ସିଜେନ୍ ଜେନେରେଶନ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ରାଜ୍ୟର କୋଭିଡ୍-୧୯ ବିରୋଧୀ ଲଢ଼େଇକୁ ସଶକ୍ତ କରିବା ସହ ସ୍ୱାସ୍ଥ୍ୟ ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ପାଇଁ ରାଜ୍ୟକୁ ପ୍ରସ୍ତୁତ ରଖିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଗତ ୧୫ ତାରିଖରେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଅନ୍ୟୂନ ଗୋଟିଏ ଲେଖାଏ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଧର୍ମେନ୍ଦ୍ର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଅଢ଼େଇ ବର୍ଷ ଶିଶୁପୁତ୍ର

**୨୩.୭୨ ସେକେଣ୍ଡରେ ୨୮ ରାଜ୍ୟର ରାଜଧାନୀ ନାମ ଆବୃତ୍ତି**

ରସୁଲପୁର, ୨୩।୫(ଡି.ଏନ୍.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାମଦେବପୁର ଗ୍ରାମର ଅଢ଼େଇ ବର୍ଷର ଶିଶୁପୁତ୍ର ଡି.ଏନ. କ୍ରିଷ୍ଣା ଦେବାଶିଷ ନିଜର ସ୍ମରଣଶକ୍ତି ଓ ବୁଦ୍ଧିମତ୍ତା ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ଅଧିକାର କରିପାରିଛନ୍ତି। ସେ ଦେଶର ୨୮ ରାଜ୍ୟର ରାଜଧାନୀ ନାମକୁ ୨୩.୭୨ ସେକେଣ୍ଡରେ ଉଚ୍ଚାରଣ କରି ଏଭଳି ଗୌରବ ଅର୍ଜନ କରିବାକୁ ସକ୍ଷମ ହୋଇ ପାରିଛନ୍ତି। ଦେବାଶିଷଙ୍କ ସଫଳତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ଏହି



ଡି.ଏନ. କ୍ରିଷ୍ଣା ଦେବାଶିଷ।

ଅନନ୍ୟ କୃତିତ୍ୱ ପାଇଁ ତାଙ୍କ ପରିବାର ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଉତ୍ତରାଖଣ୍ଡ ରାଜ୍ୟ ସ୍ଥଳସେନାରେ ଜଣେ ଟ୍ୟାଙ୍କ ଅପରେଟର ଭାବେ କାର୍ଯ୍ୟ କରୁଥିବା ଧର୍ମକାନ୍ତ ରାଉତଙ୍କ ଏକମାତ୍ର ପୁତ୍ର ଦେବାଶିଷ ୧ ଅକ୍ଟୋବର ୨୦୧୮ରେ ଜନ୍ମଗ୍ରହଣ କରିଥିଲେ। ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍ ପାଇଁ ୨୩ ଏପ୍ରିଲ ୨୦୨୧ରେ ମୌଖିକ ପରୀକ୍ଷାର ସମ୍ମୁଖୀନ ହୋଇଥିଲେ। ଉକ୍ତ ପରୀକ୍ଷାରେ ସେ ସଫଳତା ଅର୍ଜନ କରିଛନ୍ତି। ଦେବାଶିଷ ତାଙ୍କ ମା' ମିତାଙ୍କ ସହ ପଶ୍ଚିମବଙ୍ଗ ରାଜ୍ୟର ସିଲିଗୁଡ଼ି ଅଞ୍ଚଳରେ ରହୁଥିବା ଜଣାପଡ଼ିଛି। ପୁଅର ସଫଳତା ପଛରେ ମା'ଙ୍କ ପ୍ରଚ୍ଛନ୍ନ ହାତ ରହିଛି।

## କରୋନା କିଟ୍ ବାଣ୍ଟିଲେ ବିଧାୟକ

ଟାଙ୍ଗୀ(କଟକ)୨୩।୫(ଡି.ଏନ୍.ଏ)

କରୋନାକୁ ସାମ୍ନା କରିବାକୁ ରବିବାର ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଆଶା, ଅଙ୍ଗନୱାଡି କର୍ମୀମାନଙ୍କୁ କରୋନା ସୁରକ୍ଷା ଉପକରଣ ବାଣ୍ଟିଛନ୍ତି। ଟାଙ୍ଗୀ–ଚୌଦ୍ୱାର ବ୍ଲକ ଗରୁଡଗାଁ, ସଫା, କରଞ୍ଜି ପଞ୍ଚାୟତରେ ଅନୁଷ୍ଠିତ ଉକ୍ତ କିଟ୍ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ କରୋନା ଭୟାବହତାକୁ ସାମ୍ନା କରୁଥିବା ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ସୁରକ୍ଷିତ ରହି ଜନତାଙ୍କ ସେବା କରିବାକୁ କହିଥିଲେ। ଏଥିରେ ଗରୁଡଗାଁ ସରପଞ୍ଚ ସୁବୋଧ କୁମାର ସାମଲ, 'ଆମ୍ବା' ଅଧ୍ୟକ୍ଷ ନିବାସ ଚନ୍ଦ୍ର ପାଣ୍ଡବ ପ୍ରମୁଖ ଯୋଗଦେଇ ଥିଲେ।

## 'ଓଡିସିଏଲ୍ ୟୁନିଟ୍ ବିକ୍ରି କରା ନ ଯାଉ'

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଶ୍ରୀକାନ୍ତଙ୍କ ଅନୁରୋଧ**

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

ମହାମାରୀ ସମୟରେ ଓଡ଼ିଶାରେ ଥିବା ଏକମାତ୍ର ଔଷଧ ବିନିର୍ମାଣ ୟୁନିଟ୍ ଓଡ଼ିଶା ଡ୍ରଗ୍ସ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ଓଡିସିଏଲ୍)କୁ ବିକ୍ରି କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଉଭୟ କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ରହିଥିବା ଏହି କାରଖାନା ଲାଭଦାୟୀ ହୋଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ କେନ୍ଦ୍ର ସରକାର ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯାଉଛନ୍ତି। ଏହି ମୂଲ୍ୟବାନ୍ ୟୁନିଟ୍‌କୁ କିପରି ବନ୍ଦ କରା ନ ଯିବ, ସେଥିରେ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଚିଠି ଲେଖି ଅନୁରୋଧ କରିଛନ୍ତି।

ଶ୍ରୀକାନ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡିସିଏଲ୍ ହେଉଛି ଏକ ଲାଭଦାୟକ ୟୁନିଟ୍। ଏଥିରେ ରାଜ୍ୟ ସରକାର ଏବଂ ଇପିକଲର ୪୯ ପ୍ରତିଶତ ଅଂଶଧନ ରହିଛି। ଏହାସତ୍ତ୍ୱେ ଏଗୁଡିକ ଓଡିସିଏଲକୁ ବିକ୍ରି କରିବା ନେଇ ସମ୍ମତି ପ୍ରଦାନ କରିବା ତାଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଓଡିସିଏଲ୍ ୨୦୧୦-୧୧ରୁ ୨୦୨୦ ଡିସେମ୍ବରରେ ବନ୍ଦ ହେବା ପର୍ଯ୍ୟନ୍ତ ଲାଭ କରିଛି। ଏହାର ବାର୍ଷିକ ଲାଭ ପାଖାପାଖି ୨ କୋଟି ଟଙ୍କା ସହିତ ବାର୍ଷିକ ୧୦୦ କୋଟି ଟଙ୍କା ବେପାର କରିଥାଏ। ବିଗତ ବର୍ଷଗୁଡ଼ିକରେ ଥିବା ବକେୟା ପରିଶୋଧ କରି ଏହି କମ୍ପାନୀ ଋଣମୁକ୍ତ ହୋଇଥିଲା ବୋଲି ସେ କହିଛନ୍ତି। ଏହାସହ ସେ କେନ୍ଦ୍ରମନ୍ତ୍ରୀ ଥିବାବେଳେ ଉପା-୨ ସରକାରଙ୍କଠାରୁ ଓଡିସିଏଲ୍ ୫ କୋଟି ଟଙ୍କାର ଇନ୍‌ଫ୍ୟୁଜନ୍ ପାଇଥିଲା। ଯାହାଫଳରେ ଏହା ଏକ ଭାଏବଲ ୟୁନିଟ୍ ଭାବେ ଆଗକୁ ବଢ଼ିବାରେ ସହାୟକ ହୋଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିକୃତ ଅତ୍ୟାବଶ୍ୟକ ଔଷଧ ଏହି ୟୁନିଟ୍‌ରେ ଉତ୍ପାଦନ କରାଯାଉଥିଲା। ବାର୍ଷିକ ୨ କୋଟି କ୍ୟାପ୍‌ସୁଲ, ୩ କୋଟି ବଟିକା, ୨୫ ଲକ୍ଷ ଓଆର୍‌ଏସ୍, ୨ ଲକ୍ଷ ଲିକ୍ୱିଡ୍ ଓରାଲ, ୩୦ ଲକ୍ଷ ଇଞ୍ଜେକ୍ସନ୍ ଏଠାରେ ଉତ୍ପାଦନ ହୋଇପାରୁଥିଲା। ଏହି ୟୁନିଟ୍‌ରୁ ଅନ୍ୟ ରାଜ୍ୟକୁ ଉତ୍ପାଦ ବିକ୍ରି ହେଉଥିବାବେଳେ ଓଡ଼ିଶା ସରକାର ଏଠାରୁ କୌଣସି ଗୋଟିଏ ମଧ ଅର୍ଡର କରିନାହାନ୍ତି। ବର୍ତ୍ତମାନ ଏହି ୟୁନିଟ୍‌ର ଜମି ମୂଲ୍ୟ ପାଖାପାଖି ୨୦୦ କୋଟି ଟଙ୍କା ହେବ। ୧୯୭୭ରେ ଜନତା ପାର୍ଟି ସରକାର ପକ୍ଷରୁ ଓଡିସିଏଲ୍ ଓଡ଼ିଶାକୁ ଏକ ଉପହାର ଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଅତ୍ୟାବଶ୍ୟକ ଗୁଣାତ୍ମକ ଔଷଧ ଉତ୍ପାଦନ କରି ଓଡ଼ିଶା ଏବଂ ପୂର୍ବାଞ୍ଚଳ ରାଜ୍ୟବାସୀଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବା।

## ଚିଙ୍ଗୁଡ଼ି ପ୍ଲାଣ୍ଟରୁ ଆମୋନିଆ ଗ୍ୟାସ୍ ନିର୍ଗତ

**୩ ଗୁରୁତର, ୧୦ରୁ ଊର୍ଦ୍ଧ୍ୱ ଅସୁସ୍ଥ**

- ଆଇସ୍ ପ୍ଲେଟ୍ ଖସିବାରୁ ଆମୋନିଆ ହୋସ୍ ପାଇପ୍ ଫାଟିଯାଇଥିଲା
- ଗୁରୁତରଙ୍କ ମଧ୍ୟରେ ୩ ଜଣ ମହିଳା
- ପ୍ଲାଣ୍ଟକୁ ତତ୍କାଳ ଶଟ୍‌ଡାଉନ୍ କରାଯାଇଛି

ପାରାଦୀପ, ୨୩।୫(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠସ୍ଥିତ ଗଡ ଶିଳ୍ପାଞ୍ଚଳରେ ରବିବାର ଏକ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରୁ ଆମୋନିଆ ଗ୍ୟାସ ନିର୍ଗତ ହୋଇଛି। ଏହାର ପ୍ରଭାବରେ ସ୍ଥାନୀୟ ଲୋକଙ୍କ ମଧ୍ୟରୁ ୧୩ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଅସୁସ୍ଥ ଲୋକଙ୍କୁ ମେଡିକାଲ ନେବା ପାଇଁ କିଛି ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ଏପରିକି ସମ୍ପୃକ୍ତ କମ୍ପାନୀର ଲୋକ ମଧ କରୋନା ଭୟରେ ବାହାରି ନ ଥିଲେ। ଶେଷରେ ପାରାଦୀପ ଲକ୍ ଥାନା ପୋଲିସ ଓ ଗଡ ସରପଞ୍ଚ ମିହିର ସାହୁ ସେମାନଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗୁରୁତରମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ମେଡିକାଲ ପଠାଯାଇଛି। ଅନ୍ୟ ୧୦ ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଘଟଣା ପରେ ଲକ୍ ଥାନା ପୋଲିସ ଏଏସ୍‌ପି ନିମାଇଁ ସେଠୀ, ଏଡିଏମ୍ କାହ୍ନୁଚରଣ ଧୀର ପହଞ୍ଚି ପିପିଏଲ୍ ଓ ଇଫ୍‌କୋ କାରଖାନାର ଆମୋନିଆ ବୈଷୟିକ ଟିମ୍‌କୁ ଡାକି ଅନୁଧ୍ୟାନ କରିଥିଲେ। ଏଥିସହ ପ୍ଲାଣ୍ଟକୁ ତତ୍କାଳ ଶଟ୍‌ଡାଉନ୍ କରିଥିଲେ।



ପିପିଏଲ୍ ଓ ଇଫ୍‌କୋ କାରଖାନାର ବୈଷୟିକ ଟିମ୍ ଘଟଣାସ୍ଥଳରେ ଅନୁଧ୍ୟାନ କରୁଛନ୍ତି।

ଅଧିକ ତଦନ୍ତ ପାଇଁ କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇଙ୍କୁ ଏଡିଏମ୍ ଧୀର କହିଛନ୍ତି। ଅପରାହ୍ଣରେ ଦଳାଇ ଦୁର୍ଘଟଣା ଗ୍ରସ୍ତ ଲକ୍ଷ୍ମୀନାରାୟଣ ଏକ୍ସପୋର୍ଟ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟକୁ ଅନୁଧ୍ୟାନ କରିଛନ୍ତି। ତାଙ୍କ ସୂଚନା ମୁତାବକ, ଉକ୍ତ ପ୍ଲାଣ୍ଟ କିଛି ଦିନ ହେବ ବନ୍ଦ ରହିବା ପରେ ଗତ ମେ' ୧ରୁ ଚାଲିଥିଲା। ରବିବାର ପୂର୍ବାହ୍ନ ୧୦ଟା୩୦ରେ ଫ୍ରିଜର ରୁମର ଆଇସ୍ ପ୍ଲେଟ୍ ଖସି ଆମୋନିଆ ହୋସ ପାଇପ୍ ଉପରେ ପଡ଼ିବାରୁ ତାହା ଫାଟି ଯାଇଥିଲା। ଫଳରେ ଆମୋନିଆ ନିର୍ଗତ ହୋଇ ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହି ଘଟଣାରେ ସମ୍ପୃକ୍ତ ପ୍ଲାଣ୍ଟ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦଳାଇ କହିଛନ୍ତି। ଏହି ଦୁର୍ଘଟଣା ସମ୍ପର୍କରେ ଜାଣିବା ପାଇଁ ସମ୍ପୃକ୍ତ କମ୍ପାନୀ ମାଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ସମ୍ପ୍ରତି କରୋନା ଭୟାବହତା ଏବଂ ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଭୟଭୀତ ଥିବା ବେଳେ ଆମୋନିଆ ନିର୍ଗତ ଘଟଣା ଦୁଃଖକୁ ଦ୍ୱିଗୁଣିତ କରିଛି। ପାରାଦୀପରେ ବାତ୍ୟା ଓ ଆମୋନିଆ ନିର୍ଗତ ଘଟଣା ସହ ଏକାଧିକ ସାମଞ୍ଜସ୍ୟ ରହିଛି। ୧୯୯୯ ମହାବାତ୍ୟାର ୮ ଦିନ ପରେ ଆମୋନିଆ ନିର୍ଗତ ହେବାରୁ ସବୁ ଲୋକ ରାତାରାତି ପାରାଦୀପ ଛାଡ଼ି ପଳାଇଥିଲେ। ସେହିପରି ୨୦୧୩, ୨୦୧୫, ୨୦୧୮ ବାତ୍ୟା ପରେ ଓ ପୂର୍ବରୁ ଆମୋନିଆ ଗ୍ୟାସ ନିର୍ଗତ ହେବାର ଦୃଷ୍ଟାନ୍ତ ରହିଛି।

**ଆଜିର ମନ୍ତବ୍ୟ**

ଟିକା ନାହିଁ, ଜିଡିପି ସର୍ବନିମ୍ନ ସ୍ତରରେ, ଶୀର୍ଷରେ ମୃତ୍ୟୁସଂଖ୍ୟା। ସରକାରୀ ପ୍ରତିକ୍ରିୟା ଭାବେ କେବଳ ପ୍ରଧାନମନ୍ତ୍ରୀ କାନ୍ଦ ଦେଖିବାକୁ ମିଳୁଛି।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରଞ୍ଜୀତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଘରେ ଆପେ ରଜା।**

ମଣିଷ ନିଜ ଘରେ ଯେମିତି ଆରାମ ବା ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିଥାଏ, ପର ଘରେ ସେଭଳି ରହିପାରି ନ ଥାଏ। ପର ଘରେ ତାକୁ ଅନ୍ୟର ଇଚ୍ଛା ଅନୁସାରେ ଚଳିବାକୁ ପଡ଼ିଥାଏ, ସେଠାରେ ନିଜର ଅସ୍ତିତ୍ୱ ବୋଲି କିଛି ନ ଥାଏ। ନିଜ ଘର ନିଜର। ନିଜ ଘରେ ନିଜେ ମାଲିକ ବା ଶକ୍ତିଶାଳୀ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପେ ଥିଲେ ଜଗତ ଅଛି ପର କଥା କିଆଁ ବସିବ ବାଛି?**

ମଣିଷ ଯେପର୍ଯ୍ୟନ୍ତ ଦୁନିଆରେ ବଞ୍ଚି ରହିଛି ସେପର୍ଯ୍ୟନ୍ତ ଖାଇପିଇ ବେଶ ଆରାମରେ ସମୟ ବିତେଇବା ଉଚିତ। ଜୀବନ ଆଜି ଅଛି କାଲିକୁ ନଥିବ। ତେଣୁ ଅଯଥାରେ ପର କଥାକୁ ନେଇ ସମୟ ନଷ୍ଟ କରିବା ରେ ମାନେ କିଛି ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆସ୍ଥା ହରାଇବା ପରେ ତତ୍ପରତା

## ମୋଦି ସରକାରଙ୍କ ୭ ବର୍ଷ ପୂର୍ତ୍ତି ପାଳିବ ନାହିଁ ଭାଜପା

**ନୂଆଦିଲ୍ଲୀ,୨୩।୫**

ଦେଶବାସୀ କରୋନା ମହାମାରୀ ସହ ଯୁଝୁଥିବାବେଳେ ଭାଜପା ନେତାମାନଙ୍କ ଦେଖା ମିଳୁନାହିଁ। ଏଥିଯୋଗୁ କେନ୍ଦ୍ର ତଥା ଅନେକ ରାଜ୍ୟରେ କ୍ଷମତାସୀନ ଭାଜପା ପ୍ରତି ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି


ଜେ.ପି. ନଡ୍ଡା

ଲୋକଙ୍କ କଷ୍ଟ ଯନ୍ତ୍ରଣା ସମୟରେ ସେମାନଙ୍କ ସହ ଛିଡ଼ା ହେବା ପାଇଁ ଦଳୀୟ ନେତାଙ୍କୁ ଭାଜପା ପରାମର୍ଶ ଦେଇଛି। କୋଭିଡ୍-୧୯ର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କୁ ସହାୟତା ଦେବାରେ ଭାଜପା ନେତାମାନଙ୍କ ତତ୍ପରତା ଦେଖିବାକୁ ମିଳୁ ନାହିଁ। ଚାରିଆଡୁ ସମାଲୋଚିତ ହେବା ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଭୁଲ୍ ସୁଧାରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକର ସରକାରଙ୍କୁ ନଡ୍ଡା ଏକ ପତ୍ର ଲେଖିଛନ୍ତି। ମେ' ୩୦ରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ୭ ବର୍ଷ ପୂରିବାକୁ ଯାଉଥିବାବେଳେ ଏହି ଅବସରରେ କୌଣସି ଉତ୍ସବ ପାଳନ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଦଳୀୟ କର୍ମୀମାନେ ନିଜକୁ ସମାଜସେବାରେ ଉତ୍ସର୍ଗ କରିବା ଆବଶ୍ୟକ। ଭାଜପାକୁ ୭ ବର୍ଷ ହେଲା କ୍ଷମତାରେ ବସାଇଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଦିଆଯିବା ଉଚିତ। ସେହିପରି ମହାମାରୀରେ ନିଜ ମା'ବାପାଙ୍କୁ ହରାଇଥିବା ଅନାଥ ପିଲାମାନଙ୍କୁ ସହାୟତାର ହାତ ବଢ଼ାଇବା ପାଇଁ ଭାଜପା ଶାସିତ ରାଜ୍ୟଗୁଡ଼ିକ ଏହି ଅବସରରେ ଏକ ଯୋଜନା ଆରମ୍ଭ କରନ୍ତୁ ବୋଲି ନଡ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ନଡ୍ଡା ଗତ ୪ ଦିନ ମଧ୍ୟରେ ୩୧୭ ଭାଜପା ଏମ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ନଡ୍ଡାଙ୍କ ଏହି ଚିଠି ରବିବାର ଭାଜପାର ମୂଳଲକ୍ଷ୍ୟ 'ସେବା ହିଁ ସଙ୍ଗଠନ'କୁ ସ୍ମରଣ କରାଇଦେଇଛି।

## ପ୍ରସ୍ତୁତି ସମୀକ୍ଷା ...

ଏହି ଅବସରରେ ଅଧିକ ବିପଦସଙ୍କୁଳ ଅଞ୍ଚଳରୁ ଲୋକମାନଙ୍କ ନିରାପଦ ସ୍ଥାନାନ୍ତର ସୁନିଶ୍ଚିତ କରିବା ଲାଗି ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଦ୍ୟୁତ୍ ଯୋଗାଣ ଓ ଯୋଗାଯୋଗ ନେଟ୍‌ୱର୍କ ଯେପରି ଅଧିକ ସମୟ ବ୍ୟାହତ ନ ହେବ, ସେଥିପ୍ରତି ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ କହିଥିବା ପିଏମ୍‌ଓ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସେହିପରି ବାତ୍ୟା ବେଳେ ହସ୍ପିଟାଲରେ କରୋନା ରୋଗୀଙ୍କ ଚିକିତ୍ସା ଏବଂ ଟିକାକରଣ ଯେପରି ବ୍ୟାହତ ନ ହୁଏ, ତାହା ସୁନିଶ୍ଚିତ କରିବା ଲାଗି ରାଜ୍ୟ ସରକାରଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି ଓ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଉପକୂଳବର୍ତ୍ତୀ ସମ୍ପ୍ରଦାୟ ଓ ଶିଳ୍ପସଂସ୍ଥାଗୁଡ଼ିକ ସହ ସିଧାସଳଖ ଯୋଗାଯୋଗ କରି ସେମାନଙ୍କୁ ବାତ୍ୟା ସମ୍ପର୍କରେ ସତର୍କ କରାଇବାକୁ ପିଏମ୍‌ଓ ପକ୍ଷରୁ କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିବା ସହ ରାଜ୍ୟ ସରକାର ଓ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ସହ ସମ୍ପର୍କରେ ରହିଛି। ଓଡ଼ିଶା, ପଶ୍ଚିମବଙ୍ଗ ସମେତ ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏସ୍‌ଡିଆର୍‌ଏଫ୍ ଏବଂ ୪୬ ଏନ୍‌ଡିଆର୍‌ଏଫ୍ ଟିମ୍ ବୋଟ୍, ଗଛ କଟା ଯନ୍ତ୍ର ଓ ଅନ୍ୟାନ୍ୟ ସରଞ୍ଜାମ ଆଗୁଆ ପଠାଯାଇଥିବାବେଳେ ରବିବାର ଆଉ ୧୩ଟି ଟିମ୍‌କୁ ବିମାନ ଯୋଗେ ପଠାଯାଇଛି ଏବଂ ୧୦ଟି ଟିମ୍ ଷ୍ଟାଣ୍ଡବାଏ ରହିଛନ୍ତି। ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଅନ୍ୟ ମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


classifieds Everyday 0674-2580101, 2549302




**SALE**

Residential Cum commercial plots at Nakhara to Adaspur road. 8249851363, 8118078023. D-70450

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରୁହ: ଡିଜିପି


ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ଠାରେ ରବିବାର ପୋଲିସ ଡିଜି ଅଭୟ ସମ୍ଭାବ୍ୟ ବାତ୍ୟାର ସମୀକ୍ଷା କରୁଛନ୍ତି।

## ବିଭିନ୍ନ ଜିଲାକୁ ପଠାଗଲା ୬୦ ଓଡ୍ରାଫ ଟିମ୍

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା 'ୟାସ୍' ମୁକାବିଲା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଓଡ଼ିଶା ପୋଲିସ ପ୍ରସ୍ତୁତ ଅଛି ବୋଲି ରବିବାର ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ରେ ଅନୁଷ୍ଠିତ ଭର୍ଚୁଆଲ୍ ସମୀକ୍ଷା ବୈଠକରେ ପୋଲିସ ଡିଜି ଅଭୟ କହିଛନ୍ତି। ଏହି ବୈଠକରେ ଡିଜିପି ଅଭୟ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡା ଓ ଗଞ୍ଜାମ ଜିଲାର ଏସ୍‌ପିଙ୍କ ସହ ଆଲୋଚନା କରିବା ସହିତ ସମସ୍ତ ପରିସ୍ଥିତିର ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ପୂର୍ବ ଓ ପରବର୍ତ୍ତୀ ପ୍ରସ୍ତୁତି ସଂକ୍ରାନ୍ତରେ ଏସ୍‌ପିମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଏହି ସମୟରେ କରୋନା ସଂକ୍ରମିତଙ୍କୁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ବାତ୍ୟା ପରବର୍ତ୍ତୀ ସମୟରେ କିପରି ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ତାହା ମଧ୍ୟ ଆଲୋଚନା କରାଯାଇଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଭାବିତ ହେବାକୁ ଥିବା ଜିଲାଗୁଡ଼ିକୁ ୬୦ ଓଡ୍ରାଫ୍ ଟିମ୍ ପଠାଯାଇଛି। ସେମାନଙ୍କୁ ଉଚ୍ଚମାନର ଯନ୍ତ୍ରାଂଶ ସହ ଆବଶ୍ୟକ ସରଞ୍ଜାମ ଦିଆଯାଇଛି। ସମୀକ୍ଷା ବୈଠକରେ ଉପକୂଳବର୍ତ୍ତୀ ଜିଲାର ଏସ୍‌ପି, ରେଞ୍ଜ୍ ଡିଆଇଜି, ଇଷ୍ଟର୍ନ ରେଞ୍ଜ୍ ଆଇଜି, ଏଡିଜି କମ୍ୟୁନିକେଶନ, ଏଡିଜି ମେରାଇନ ଓ ଏଡିଜି ଆଇନଶୃଙ୍ଖଳା ପ୍ରମୁଖ ଭାଗ ନେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧ରେ ଦ୍ୱାଦଶ ପରୀକ୍ଷା ...

ଚଳିତବର୍ଷ ଦ୍ୱାଦଶ ପରୀକ୍ଷା ଅନୁଷ୍ଠିତ ହେବ। ଦ୍ୱାଦଶ ପରୀକ୍ଷା ତାରିଖ ଓ ପରୀକ୍ଷା ଫର୍ମାଟ ଜୁନ୍ ୧ରେ ଘୋଷଣା କରାଯାଇପାରେ ବୋଲି ଜଣାପଡ଼ିଛି। ତେବେ ବୈଠକ ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଯୁକ୍ତ୨ ପରୀକ୍ଷା କେବେ ହେବ ସେ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଏ ସଂକ୍ରାନ୍ତରେ ସବୁ ରାଜ୍ୟକୁ ୨୫ ତାରିଖ ସୁଦ୍ଧା ମତାମତ ମଗାଯାଇଛି। ରାଜ୍ୟଗୁଡ଼ିକର ମତାମତ ଆଧାରରେ ପରୀକ୍ଷା ପାଇଁ ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିଶଙ୍କ କହିଛନ୍ତି। ବୈଠକରେ ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, କେନ୍ଦ୍ର ସରକାର ଦୁଇଟି ପ୍ରସ୍ତାବ ଦେଇଛନ୍ତି। କରୋନା ସ୍ଥିତିର ସୁଧାର ଆସିବା ପରେ ଓ ପରୀକ୍ଷାକୁ ସଂକ୍ଷିପ୍ତ ଆକାରରେ କରିବା ପାଇଁ ପ୍ରସ୍ତାବ ରହିଛି। ତେବେ ବର୍ତ୍ତମାନ ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ରହିଛି। ଏହି ସ୍ଥିତି ଟଳିବା ପରେ କେନ୍ଦ୍ର ସରକାର ଦେଇଥିବା ପ୍ରସ୍ତାବ ଉପରେ ଆମେ ତର୍ଜମା କରିବୁ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ସୂଚନା ଦେଇଛନ୍ତି। ବୈଠକରୁ ମିଳିଥିବା ସୂଚନାନୁସାରେ, ସିବିଏସ୍‌ଇ ପରୀକ୍ଷା ପାଇଁ କେନ୍ଦ୍ର ସରକାର ଅବ୍‌ଜେକ୍ଟିଭ ଟାଇପ୍ ପରୀକ୍ଷା କରିବା ପାଇଁ ଚାହୁଁଛନ୍ତି। ଦିଲ୍ଲୀକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ରାଜ୍ୟ ଯୁକ୍ତ୨ ପରୀକ୍ଷା କରିବା ପାଇଁ ପ୍ରସ୍ତୁତ ଥିବା ଜଣାପଡିଛି। ପରୀକ୍ଷାର୍ଥୀ ଏହି ପରୀକ୍ଷା ନିଜ ଘରୋଇ କେନ୍ଦ୍ରରେ ଦେବେ। ଜୁନ୍ ଶେଷ ସପ୍ତାହରେ ପରୀକ୍ଷା କରିବା ନେଇ ସିବିଏସ୍‌ଇ ବିଚାର କରୁଥିବା ସୂଚନା ରହିଛି। ହେଲେ ବୋର୍ଡ ଏ ନେଇ କୌଣସି ମତ ରଖିନାହିଁ। ସେହିପରି ବିଭିନ୍ନ ରାଜ୍ୟ ବୋର୍ଡ ନିଜ ନିଜର ନିଷ୍ପତ୍ତି ନେଇପାରିବେ ବୋଲି କୁହାଯାଇଛି। ସେହିପରି ମେଡିକାଲ, ଇଞ୍ଜିନିୟରିଂ ପାଇଁ ପ୍ରବେଶିକା ପରୀକ୍ଷା ହେବ ବୋଲି ଜଣାପଡ଼ିଛି। ଏହି ବୈଠକରେ କେନ୍ଦ୍ର ଶିକ୍ଷା ସଚିବ ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ପରୀକ୍ଷା ବୋର୍ଡର ଅଧ୍ୟକ୍ଷ ଭର୍ଚ୍ଚୁଆଲରେ ଯୋଗଦେଇଥିଲେ। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡ଼େକର, ସମସ୍ତ ରାଜ୍ୟର ଶିକ୍ଷାମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

### ଉଗ୍ର ହେଉଛି ୟାସ...

ତୀବ୍ରତା ୧୮୫ କି.ମି. ରହିପାରେ। ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଅତି ପ୍ରବଳ ବର୍ଷା ହେବ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବା ସହ ୨୦ ଫୁଟ୍ ଉଚ୍ଚ ଜୁଆର ଉଠିବା ସମ୍ଭାବନା ରହିଛି।

ଲଘୁଚାପ ଅବପାତର ରୂପ ନେବା ପରେ ଧୀରେ ଧୀରେ ଉତ୍ତର ଉତ୍ତର-ପଶ୍ଚିମ ଦିଗ ଦେଇ ଗତିକରୁଛି। ସୋମବାର ସକାଳେ ଆହୁରି ବଳ ଗୋଟାଇ ଏହା ସାମୁଦ୍ରିକ ଝଡ଼ରେ ପରିଣତ ହେବ। ଏହାର ୨୪ ଘଣ୍ଟା ପରେ ବଳଶାଳୀ ବାତ୍ୟା 'ୟାସ୍' ଅତି ଭୟଙ୍କର ରୂପ ଧାରଣ କରି ଉପକୂଳମୁହାଁ ହେବ। ବୁଧବାର ସକାଳେ ଏହା ପାରାଦୀପ ଏବଂ ସାଗରଦ୍ୱୀପ ମଧ୍ୟଦେଇ ସ୍ଥଳଭାଗରେ ମାଡ଼ ହେବାର ସମ୍ଭାବନା ରହିଛି। ସୋମବାର ବାତ୍ୟାର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କି.ମି ରହିବ। ମଙ୍ଗଳବାର ରାତିରେ ଏହା ଅତି ଭୟଙ୍କର ହେବା ସହ ୧୪୫ରୁ ୧୫୫ ଏବଂ ବେଳେବେଳେ ୧୬୫ କି.ମି. ବେଗରେ ବହିବ। ବୁଧବାର ବାତ୍ୟା ଅତି ଭୟଙ୍କର ହୋଇ ଘଣ୍ଟା ପ୍ରତି ୧୫୫ରୁ ୧୬୫ କି.ମି. ଏବଂ ବେଳେବେଳେ ଏହା ୧୮୫ କି.ମି. ବେଗରେ ଉପକୂଳ ଛୁଇଁବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ୟାସ୍ ମାଡ଼ରେ କଚ୍ଚାଘର, ବିଦ୍ୟୁତ୍ ଖୁଣ୍ଟ, ଟେଲିଫୋନ ଟାୱାର, ବଡ଼ ବଡ଼ ଗଛ ଧରାଶାୟୀ ହୋଇପାରେ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ସମ୍ବେଦନଶୀଳ ସ୍ଥାନରୁ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଉଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଉଦ୍ଧାର, ଥଇଥାନ, ରିଲିଫ ଆଦି କାର୍ଯ୍ୟ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି। ସେହିପରି ବାତ୍ୟା ପରବର୍ତ୍ତୀ ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୨୨, ଓଡ୍ରାଫ୍ ୫୦ ଏବଂ ଅଗ୍ନିଶମ ବାହିନୀର ୧୭୫ ଟିମ୍‌କୁ ନିୟୋଜିତ କରାଯାଇଛି। ଏନ୍‌ଡିଆର୍‌ଏଫ୍‌ର ଆଉ କେତେକ ଟିମ୍ ଖୁବଶୀଘ୍ର ଏହି ମିଶନରେ ସାମିଲ ହେବାକୁ ଯାଉଛନ୍ତି। ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି। ମୁକାବିଲା କାର୍ଯ୍ୟକୁ ନିୟମିତ ତଦାରଖ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଖାଲୁଆ ଓ ବିପଦପୂର୍ଣ୍ଣ ଅଞ୍ଚଳରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ଡାକବାଜି ଯନ୍ତ୍ର ଯୋଗେ ଉପକୂଳରେ ଲୋକମାନଙ୍କୁ ସଚେତନ କରାଯାଉଛି। ଅନ୍ୟପକ୍ଷରେ ବାତ୍ୟାର କିଭଳି ସଫଳ ମୁକାବିଲା କରାଯାଇପାରିବ ସେନେଇ ରବିବାର କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଯୋଗଦେଇଥିଲେ। ଓଡ଼ିଶା ଏବଂ ପଶ୍ଚିମବଙ୍ଗକୁ ବାତ୍ୟା ସମ୍ପର୍କରେ ସୂଚିତ କରାଯାଇଛି ଏବଂ ଆବଶ୍ୟକ ସାମଗ୍ରୀ ସହ ପ୍ରସ୍ତୁତ ରହିବାକୁ କୁହାଯାଇଛି। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ, ପାନୀୟ ଜଳ ଓ ଅନ୍ୟ ଜରୁରୀ ସାମଗ୍ରୀ ମହଜୁଦ ରଖିବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ୬୫ ଏନ୍‌ଡିଆରଏଫ୍ ଟିମ୍‌କୁ ମୁତୟନ କରାଯାଇଥିବାବେଳେ ଅନ୍ୟ ୨୦ଟି ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ସେନା, ନୌସେନା, ତଟରକ୍ଷୀ ବାହିନୀକୁ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟରଗୁଡ଼ିକୁ ବାତ୍ୟା ସମୟରେ ନିରବଚ୍ଛିନ୍ନ ଅକ୍ସିଜେନ ଯୋଗାଣ ନେଇ ନିଶ୍ଚିତ କରାଯାଉଛି। ଯେପରି କୌଣସି ଜଣେ ହେଲେ ବ୍ୟକ୍ତିଙ୍କ ଜୀବନହାନି ନ ଘଟିବ ସେଥିପ୍ରତି ପ୍ରାଥମିକତା ଦେବାକୁ କ୍ୟାବିନେଟ ସଚିବ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାର ଯଥାସମ୍ଭବ ସହାୟତା ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

- ୧୬୫ କି.ମି. ବେଗରେ ମାଡ଼ ହୋଇପାରେ
- ଉପକୂଳକୁ ଧ୍ୱସ୍ତବିଧ୍ୱସ୍ତ କରିବା ଆଶଙ୍କା
- ଅତି ପ୍ରବଳ ବର୍ଷାର ଚେତାବନୀ ଦେଲା ଆଇଏମ୍‌ଡି
- ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖାରେ ବନ୍ୟା ହୋଇପାରେ
- ୨୨ ଏନ୍‌ଡିଆର୍‌ଏଫ୍, ୫୦ ରାପିଡ୍ ଆକ୍ସନ ଟିମ୍, ୧୭୫ ଅଗ୍ନିଶମ ବାହିନୀ ପ୍ରସ୍ତୁତ
- ମୁଖ୍ୟ ଶାସନ ସଚିବଙ୍କ ସହ କ୍ୟାବିନେଟ ସଚିବଙ୍କ ବୈଠକ
- ରିଲିଫ, ଉଦ୍ଧାର ପାଇଁ ସେନା, ନୌସେନା, କୋଷ୍ଟଗାର୍ଡ ସଜାଗ

### ୪ ଜିଲାକୁ ବଡ଼ ବିପଦ

ସାମୁଦ୍ରିକ ଝଡ଼ ୟାସ୍ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲା ପାଇଁ ବଡ଼ ବିପଦ ସାଜିପାରେ ବୋଲି ଆଶଙ୍କା କରାଯାଉଛି। ବାତ୍ୟା ପ୍ରଭାବରେ ୨୫ ତାରିଖ ରାତିରୁ ଉପରୋକ୍ତ ୪ ଜିଲା ସମେତ ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେହିପରି ମୟୂରଭଞ୍ଜ, ଢେଙ୍କାନାଳ ଏବଂ ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟଲୋୱାର୍ନିଂ ଜାରି କରାଯାଇଛି। ୨୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ପ୍ରବଳରୁ ଅତି ପ୍ରବଳ ଏବଂ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଅତିପ୍ରବଳ ଏପରି କି କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବା ନେଇ ଚେତାବନୀ ଦିଆଯାଇଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ଏଥିସହିତ ବାତ୍ୟା ପ୍ରଭାବରେ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ଖୋର୍ଦ୍ଧା ଏବଂ ସୁନ୍ଦରଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ପ୍ରବଳ ବର୍ଷା ଯୋଗୁ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ୨୦ ଫୁଟ୍ ଉଚ୍ଚତାର ଢେଉ ଉଠିବା ସହିତ ବହୁ ଜୋରରେ ପବନ ବହିବ। ଗଭୀର ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରି ଆସିବାକୁ କୁହାଯାଇଛି। ଆସନ୍ତା ୨୪ରୁ ୨୭ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ସତର୍କ କରାଯାଇଛି।

### ପେଟ୍ରୋଲ୧୭, ଡିଜେଲ ...

ବୃଦ୍ଧି ଘଟିଥିବା ବେଳେ ଡିଜେଲ ୯୧.୬୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୭ ପଇସା ଏବଂ ଡିଜେଲ ୨୭ ପଇସା ବଢ଼ିଥିବା ସୂଚନା ମିଳିଛି। ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୩.୨୧ ଟଙ୍କା ଓ ଡିଜେଲ ଲିଟର ପିଛା ୮୪.୦୭ ଟଙ୍କାରେ ପହଞ୍ଚିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୪.୮୬ ଟଙ୍କା, ୯୩.୨୭ ଟଙ୍କା ଏବଂ ୯୯.୪୯ ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୮୮.୮୭ ଟଙ୍କା, ୮୬.୯୧ ଟଙ୍କା ଏବଂ ୯୧.୨୯ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। କରୋନା ମହାମାରୀ ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା କୋଭିଡ୍ କଟକଣା ଓ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଭଳି ପରିସ୍ଥିତି ପାଇଁ ଗାଡ଼ି ଚଳାଚଳ ବ୍ୟାପକ ଭାବେ ହ୍ରାସ ପାଇଛି। ଯାହାର ପ୍ରଭାବ ତୈଳ ବଜାର ଉପରେ ସିଧା ସଳଖ ପଡୁଛି ବୋଲି ପେଟ୍ରୋଲିୟମ ଡିଲରମାନେ ମତ ଦେଇଛନ୍ତି। ସେହିଭଳି ତେଲ ଦର ଉଚ୍ଚା ରହିବାରୁ ଅନାବଶ୍ୟକ ଭାବେ ଗ୍ରାହକମାନେ ମଧ୍ୟ ଏହାର ବ୍ୟବହାରକୁ କମ୍ କରି ଦେଇଥିବା ଦେଖାଦେଇଛି। ଫଳରେ ତୈଳ ଚାହିଦା ମଧ୍ୟ ସେହି ଅନୁପାତରେ ହ୍ରାସ ପାଉଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ଗୃହ, ଭୂମି, ଗାଡ଼ିମୋଟର, ଧାର କରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ରାଶିରେ ରାଜଯୋଗ ସଂଘଟିତ ହୋଇଥିବାରୁ ବନ୍ଧୁମାନଙ୍କ ସାହାଯ୍ୟରେ ଅସ୍ୱସ୍ତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ଘରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌ର କୌଣସି ଦରକାରୀ କାଗଜ ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗର ସୂଚନାରେ ବିସ୍ମୟ ପ୍ରକାଶ କରିବେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳଙ୍କ କୁପ୍ରଭାବରୁ ସ୍ୱାସ୍ଥ୍ୟହାନି ଓ ଉତ୍ତେଜନାପୂର୍ଣ୍ଣ କଥାବାର୍ତ୍ତାରେ ସମସ୍ୟା ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ର ପାରିବାରିକ ଅସ୍ଥିରତାକୁ ଠିକ୍ ମାର୍ଗରେ ସମାଧାନ କରିପାରିବେ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ କରି ମନ ଅସ୍ଥିର ରହିପାରେ।

**କର୍କଟ** ଅଷ୍ଟମସ୍ଥ ବୃହସ୍ପତି ହେତୁ ଆଜିର ପ୍ରତ୍ୟେକ କାମ ସମ୍ପନ୍ନ କଷ୍ଟକର ହୋଇପାରେ। ପୁଷ୍ୟା ନକ୍ଷତ୍ର ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଧନସ୍ଥାନରେ ଚନ୍ଦ୍ର ଥିବାରୁ ଆଜି ସକାଳୁ ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନ ଖୁସି ରହିବ। ଆପଣଙ୍କ କାମକୁ ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପ୍ରତ୍ୟୁଷରୁ ତରବରିଆ ଯାତ୍ରା ପୂର୍ବରୁ ଜିନିଷପତ୍ରକୁ ଦେଖିନେବା ଭଲ। ପରିବହନ, ନିର୍ମାଣ , ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ଆଶା ରଖିଛନ୍ତି, ନିଶ୍ଚୟ ପାଇବେ। ଅଫିସ୍ କାମରେ ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା** ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅଫିସ ଭିତରେ ସହକର୍ମୀଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ, ଅବଶ୍ୟ ଲାଭବାନ୍ ହେବେ । ଚିତ୍ରା ନକ୍ଷତ୍ରର କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ସକାଳୁ ଯାତ୍ରା ଓ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବେ। ଜ୍ୟେଷ୍ଠା ନକ୍ଷତ୍ର ପାଇଁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ନିରୁପଦ୍ରବ ରହିବ। ପଡ଼ୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ, ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ ଆଶା କରାଯାଇପାରେ। ମୂଳା ନକ୍ଷତ୍ରର ବିଳାସ ବ୍ୟସନ ମଧ୍ୟରେ ସମୟଗୁଡ଼ିକ ଅତିବାହିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କୁଟୀର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ଭଲ ରହିବ।

**ମକର** ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ଜରିଆରେ ସଜାଡ଼ି ନେବେ। ପ୍ରକଳ୍ପ କାର୍ଯ୍ୟ, ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ଦୁର୍ଭାବନା ଉଦ୍ରେକ ହୋଇପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**କୁମ୍ଭ** ଯେଉଁ କାମରେ ହାତ ଦେବା ପାଇଁ ଚିନ୍ତା କରୁଛନ୍ତି, ତାହା ଦ୍ୱନ୍ଦାତ୍ମକ ସ୍ଥିତିରେ ପକାଇପାରେ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ। ଜମିଜମା, ଯାନ୍ତ୍ରିକ ଶିଳ୍ପ, ନିର୍ମାଣ କ୍ଷେତ୍ର, ସମସ୍ୟା ମୁକ୍ତ ରହିବାର ସମ୍ଭାବନା ରହିଛି। ଅର୍ଥନୈତିକ, ସାମାଜିକ, ପାରିବାରିକ, କଳାତ୍ମକ ଦିଗଟି ସକାଶେ ଦିନଟି ବହୁତ ଭଲ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଭଲକୁ ଭେଳ କ୍ରମରେ ମନକୁ ଆସିବ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଲଦି ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ବନ୍ଧୁ ସମ୍ପର୍କରେ ବିଶେଷ ଉନ୍ନତି କରିବେ।

ଆଜି ବୈଶାଖ ଶୁକ୍ଳ ତ୍ରୟୋଦଶୀ ସୋମବାର, ମେ ୨୪ ତାରିଖ, ରାଶିନକ୍ଷତ୍ର-ଦିବା ଘ.୦୯।୪୮ ଗତେ, ସ୍ୱାତୀ/ତୁଳା, ମିଥୁନ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୮।୪୦ ଗତେ ଘ.୧୦।୨୫ ମଧ୍ୟେ ଅମୃତବେଳା ॥ ରାତ୍ରି ୦୩।୪୪ ଗତେ ଘ.୦୪।୨୮ ମଧ୍ୟେ ମାହେନ୍ଦ୍ରବେଳା ॥ ଦିବା ଘ.୦୬।୪୯ ଗତେ ଘ.୦୮।୨୭ ମଧ୍ୟେ ରାହୁକାଳ ॥

# ଖବରଦାତାଙ୍କୁ ପୋଲିସ ଆକ୍ରମଣ
# ବିଭିନ୍ନ ମହଲରୁ ପ୍ରତିବାଦ

**ପୁରୀରେ ଜଣେ ପରିବା ବ୍ୟବସାୟୀଙ୍କୁ ପୋଲିସର ନିର୍ଘାତ ମାଡ଼ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରାଗଲା, ତାହାକୁ ବିଭିନ୍ନ ବର୍ଗର ବ୍ୟକ୍ତି ନିନ୍ଦା କରୁଛନ୍ତି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଦମନଲୀଳାକୁ ଘୋର ପ୍ରତିବାଦ କରାଯାଉଛି। କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ଖବରଦାତାଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସବୁ ମହଲରୁ ଦାବି ହେଉଛି।**

## କ୍ଷମତାର ଅପବ୍ୟବହାର



" ପୁରୀରେ ଖବରଦାତାଙ୍କୁ ମାଡ଼ ଓ ଆକ୍ରମଣକୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ। ଏହା କ୍ଷମତାର ଅପବ୍ୟବହାର ଓ ଅମାନବୀୟ। ପୋଲିସର ମନମୁଖି ବ୍ୟବହାରକୁ ସବୁ ବର୍ଗର ଲୋକେ ସାମଗ୍ରିକ ଭାବେ ବିରୋଧ କରିବା ଦରକାର।

**– ପ୍ରେମାନନ୍ଦ ମହାନ୍ତି, ପୂର୍ବତନ ସଭାପତି, ପୁରୀ ବାର୍ ଆସୋସିଏଶନ୍**

## ସମାଜ ପାଇଁ ଶୁଭଙ୍କର ନୁହେଁ



" ଖବର ସଂଗ୍ରହ କରୁଥିବାବେଳେ ଖବରଦାତାଙ୍କୁ ପୋଲିସର ମାଡ଼ ଅତ୍ୟନ୍ତ ନିନ୍ଦନୀୟ। ଏଭଳି ଆକ୍ରମଣ ସମାଜ ପାଇଁ ଶୁଭଙ୍କର ନୁହେଁ। ତେଣୁ ଉଚ୍ଚସ୍ତରରେ ଯଥାଶୀଘ୍ର ଏହାର ତଦନ୍ତ କରାଯାଇ ଦୋଷୀ ପୋଲିସ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।

**– ହାଡୁବନ୍ଧୁ ଜେନା, ସଭାପତି, ପିପିଲି ଓକିଲ ସଂଘ, ପୁରୀ**

## ଦତ୍ତାତ୍ରେୟଙ୍କୁ ନ୍ୟାୟ ମିଳୁ



" ସେଦିନ ଘଟଣାସ୍ଥଳରେ ମୁଁ ଥିଲି। ପୋଲିସ ନିର୍ମମ ଭାବେ ଖବରଦାତା ଦତ୍ତାତ୍ରେୟ ନାୟକଙ୍କୁ ଆକ୍ରମଣ କରିଥିଲା। ଖବରଦାତାଙ୍କ ଉପରେ ପୁରୀ ପୋଲିସର ଆକ୍ରମଣ ନୂଆ କଥା ନୁହେଁ। ଏଭଳି ବର୍ବରକାଣ୍ଡ ବାରମ୍ବାର ଘଟୁଛି ଓ ସମସ୍ତେ ନୀରବଦ୍ରଷ୍ଟା ସାଜୁଛନ୍ତି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ମୋତେ ଆଚମ୍ବିତ କରୁଛି। ଘଟଣାର ତଦନ୍ତ ହୋଇ ଦତ୍ତାତ୍ରେୟଙ୍କୁ ନ୍ୟାୟ ମିଳୁ।

**– ଜୟନ୍ତ କୁମାର ଦାଶ, ଭାଜପା ଯୁବମୋର୍ଚ୍ଚା ସଭାପତି, ପୁରୀ ଜିଲା**

## ସରକାର କାହାକୁ ଘଣ୍ଟ ଘୋଡ଼ାଉଛନ୍ତି



" ପୁରୀରେ ଧରିତ୍ରୀ ଖବରଦାତାଙ୍କ ଉପରେ ହୋଇଥିବା ଆକ୍ରମଣ ଅଶୋଭନୀୟ ଘଟଣା। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ବିଭାଗୀୟ ସର୍ବୋଚ୍ଚ ଅଧିକାରୀ ନୀରବ କାହିଁକି। ସରକାର କାହାକୁ ଘଣ୍ଟ ଘୋଡ଼ାଉଛନ୍ତି। ଏ ନେଇ ଆଲୋଚନା ହେବା ଦରକାର। ଖବରଦାତାମାନେ ପ୍ରଶାସନକୁ ଅସହଯୋଗ ଆରମ୍ଭ କଲେ ପ୍ରଶାସନ ଚେତିବ। ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଘଟଣାକୁ ନିନ୍ଦା କରୁଛି।

**–ସୂର୍ଯ୍ୟ ନାରାୟଣ ରଥ, ଆବାହକ, ଶ୍ରୀଜଗନ୍ନାଥ ଭକ୍ତ ପରିଷଦ, ପୁରୀ**

## ସବୁ ବର୍ଗର ଲୋକେ ନିନ୍ଦା କରନ୍ତୁ



" ଖବରଦାତାଙ୍କ ଉପରେ ପୋଲିସର ଆକ୍ରମଣକୁ ସିପିଆଇଏମ୍ ପକ୍ଷରୁ ନିନ୍ଦା କରାଯାଉଛି। ପ୍ରଶାସନର ଜନବିରୋଧୀ କାର୍ଯ୍ୟ ଉପରେ ନଜର ରଖୁଥିବା ଖବରଦାତାଙ୍କୁ ଆକ୍ରମଣ ସମାଜ ପାଇଁ ମଙ୍ଗଳମୟ ନୁହେଁ। ଜନଜୀବନର ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରୁଥିବାବେଳେ ଦତ୍ତାତ୍ରେୟଙ୍କ ଉପରେ ପୋଲିସ ଆକ୍ରମଣ କରିଛି। ଏହାକୁ ସମାଜର ସବୁ ବର୍ଗର ଲୋକେ ନିନ୍ଦା କରିବା ଦରକାର। ଆକ୍ରମଣରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

**–ଶରତ କୁମାର ରାୟଗୁରୁ, ସମ୍ପାଦକ, ସିପିଆଇଏମ୍, ପୁରୀ**

## ଖବରଦାତାଙ୍କୁ ସହଯୋଗ ଆବଶ୍ୟକ



" ଖବରଦାତାଙ୍କୁ ପୋଲିସର ମାଡ଼ ଘଟଣାକୁ ପିପିଲି ସାମ୍ବାଦିକ ସଂଘ ପକ୍ଷରୁ ଘୋର ନିନ୍ଦା କରାଯାଉଛି। ଆକ୍ରମଣକାରୀ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଖବରଦାତାମାନେ ଅନେକ ବାଧାବିଘ୍ନକୁ ସହ୍ୟ କରି ଖବର ସଂଗ୍ରହ କରିଥାନ୍ତି। ଏଥିପାଇଁ ଖବରଦାତାଙ୍କ ପ୍ରତି ସମସ୍ତଙ୍କ ସହଯୋଗ ଓ ସହାନୁଭୂତି ଆବଶ୍ୟକ।

**– ମନୋରଞ୍ଜନ ମହାପାତ୍ର, ଉପସଭାପତି, ପିପିଲି ସାମ୍ବାଦିକ ସଂଘ, ପିପିଲି**

## ଦୋଷୀଙ୍କୁ ଦଣ୍ଡ ଦିଆଯାଉ



" ଘଟଣାକୁ ଉତ୍କଳମଣି ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଉଛି। ଜଣେ ଖବରଦାତା ନିଜର ପରିଚୟ ଦେବା ପରେ ବି ପୋଲିସ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ। ଦୋଷୀଙ୍କୁ ଦଣ୍ଡ ଦିଆଯାଇ ଆଇନକୁ ସମ୍ମାନ ଦେବାକୁ ଦାବି କରୁଛି।

**– ଧୀରେନ୍ଦ୍ର ନାଥ ଦାସ, ଉପଦେଷ୍ଟା ଉତ୍କଳ ମଣି ସାମ୍ବାଦିକ ସଂଘ, ପିପିଲି**

## ସଂଘ ଲଢ଼େଇ କରିବ



" ଖବରଦାତାଙ୍କୁ ଆକ୍ରମଣ ନିହାତି ଅମାନବୀୟ। ପୋଲିସର ଦମନଲୀଳା ଦେଖିବାକୁ ମିଳିବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ବିଳମ୍ବ କାହିଁକି ? ଉକ୍ତ ଅଧିକାରୀମାନେ କର୍ତ୍ତବ୍ୟ ସମ୍ପାଦନରେ ଅବହେଳା କରୁଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଆମ ସଂଘ ଖବରଦାତାଙ୍କ ନ୍ୟାୟ ପାଇଁ ଲଢ଼େଇ କରିବ।

**– କୈଳାସ ଚନ୍ଦ୍ର ବରାଳ, ସଭାପତି, ପୁରୀ ଜିଲା ମାନବ ଅଧିକାର ସୁରକ୍ଷା ସଂଘ, ପୁରୀ**

## ବରଦାସ୍ତ କରାଯିବ ନାହିଁ



" ପୁରୀରେ ଜିଲା ପ୍ରତିନିଧିଙ୍କ ପ୍ରତି ହୋଇଥିବା ଅମାନବୀୟ ବ୍ୟବହାରକୁ ମୁଁ ସଂଘ ପକ୍ଷରୁ ନିନ୍ଦା କରୁଛି। ପୋଲିସର ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– ମନୋଜ କୁମାର ପାତ୍ର, ସଭାପତି, ବିଷମକଟକ ସାମ୍ବାଦିକ ସଂଘ**

## ଦୋଷୀଙ୍କୁ ସୁରକ୍ଷା ଦିଆ ନ ଯାଉ



" ଖବରଦାତାଙ୍କୁ ମାଡ଼ ଘଟଣା ପୋଲିସର ବର୍ବରତାକୁ ଦର୍ଶାଉଛି। ପୋଲିସର ସ୍ୱାର୍ଥ ନଷ୍ଟ ହେଲେ ସେ ନୀତିନିୟମ ଭୁଲି ଯାଏ। ଖବରଦାତାଙ୍କୁ ମାଡ଼ ଘଟଣା ତାହା ସୂଚାଉଛି। ଖବରଦାତାଙ୍କୁ ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଏଣୁ ତଦନ୍ତ ପୂର୍ବରୁ ପ୍ରଥମେ ଏସପିଙ୍କୁ ବଦଳାଇ ନୂଆ ଏସ୍‌ପିଙ୍କୁ ନିଯୁକ୍ତି ଦିଆଯାଉ।

**– ଶ୍ରୀକାନ୍ତ ଖଟେଇ, ଜିଲା ସଭାପତି, ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼**

## ଗଣମାଧ୍ୟମର କଣ୍ଠରୋଧ ପାଇଁ ଅପଚେଷ୍ଟା



" ଗଣମାଧ୍ୟମର କଣ୍ଠରୋଧ ପାଇଁ ଅପଚେଷ୍ଟା ଚାଲିଛି। ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସ କର୍ମଚାରୀମାନେ ଜଣେ ଅପରାଧୀ ଭଳି ଆଚରଣ କରିଛନ୍ତି। ତାଙ୍କୁ ମାଡ଼ ମାରି ଘୋଷାରି ନେବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନି। ପୋଲିସ ଅପରାଧୀଙ୍କୁ ଧରିପାରୁ ନ ଥିବାବେଳେ ଖବରଦାତାଙ୍କୁ ମାଡ଼ ମାରି ପାରିବାପଣିଆ ଦେଖାଉଛି। ଏହା ପୋଲିସର ଔଦ୍ଧତ୍ୟ ଛଡ଼ା ଆଉ କିଛି ନୁହେଁ।

**– ପ୍ରଦୀପ ମିତ୍ର, ସାମାଜିକ କର୍ମୀ, ଜଗତ୍‌ସିଂହପୁର**

## ଖବରଦାତାଙ୍କୁ ଆକ୍ରମଣ ନିନ୍ଦନୀୟ



" ଖବର ସଂଗ୍ରହ କରୁଥିବା ବ୍ୟକ୍ତିବିଶେଷ ପ୍ରତ୍ୟେକ ତଥ୍ୟ ଲୋକଲୋଚନକୁ ଆଣିଥାନ୍ତି। ଯାହାକୁ ନେଇ ସରକାର ଏବଂ ଅମଲାତନ୍ତ୍ର ତତ୍ପରତା ପ୍ରକାଶ କରିଥାନ୍ତି। ଏଭଳି ବ୍ୟକ୍ତିଙ୍କ ଉପରେ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାକୁ ଗୁରୁତ୍ୱର ଭାବେ ବିଚାର କରି ପୋଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

**– ବ୍ରହ୍ମନାଥ ରଥ, ବରିଷ୍ଠ ଖବରଦାତା, ବାଲେଶ୍ୱର**

## ଗଣମାଧ୍ୟମ ପ୍ରତିନିଧି ଅସୁରକ୍ଷିତ



" ଓଡ଼ିଶା ପୋଲିସର ବର୍ବରତା ଯୋଗୁ ଖବରଦାତାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପୋଲିସ ଡିଜି ଅଭୟ ଏଥିପ୍ରତି ଦୃଷ୍ଟି ଦେଇ ପୁରୀ ଖବରଦାତାଙ୍କ ପ୍ରତି ଜୁଲୁମ କରିଥିବା ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ।

**– ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ବରିଷ୍ଠ ସାମ୍ବାଦିକ, ବାରିପଦା**

## ଗଣମାଧ୍ୟମର କଣ୍ଠରୋଧ ପାଇଁ ହୀନ ଚକ୍ରାନ୍ତ



" ପୁରୀରେ ଖବର ସଂଗ୍ରହ ବେଳେ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ମୁଁ ଦୃଢ଼ ନିନ୍ଦା କରୁଛି। ଗଣମାଧ୍ୟମର କଣ୍ଠରୋଧ ପାଇଁ ଏହା ଏକ ହୀନ ଚକ୍ରାନ୍ତ। ଘଟଣାର ଉଚିତ ତଦନ୍ତ ହେବା ସହ ଏଥିରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରୁଛି।

**– ଭବାନୀ ଶଙ୍କର ମିଶ୍ର, ସଭାପତି, ପ୍ରେସ୍ କ୍ଲବ କୋରାପୁଟ**

## ଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ ଅଣାଯାଉ



" ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କ ଉପରେ ପୋଲିସର ଅତ୍ୟାଚାର ମାନବ ଅଧିକାରକୁ କ୍ଷୁଣ୍ଣ କରିଛି। ବାରମ୍ବାର ଖବରଦାତାଙ୍କ ଉପରେ ଆକ୍ରମଣ କରଯାଉଛି। ମୁଁ ନିଜେ ଏହାର ଭୁକ୍ତଭୋଗୀ। ଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ ଅଣାଯାଉ। ଏହିଭଳି ଘଟଣାରେ ପୋଲିସ ମହାନିର୍ଦ୍ଦେଶକ ତୁରନ୍ତ ହସ୍ତକ୍ଷେପ କରନ୍ତୁ। ପୋଲିସ ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣାର ତଦନ୍ତ ଭାର ପୋଲିସକୁ ଦିଆଯାଉଥିବାରୁ ଦୋଷୀ ଖସି ଯାଉଛନ୍ତି।

**– ବିଭୂତି ପ୍ରସାଦ ପଣ୍ଡା, ଏସ୍‌ୟୁଜେ, ନବରଙ୍ଗପୁର ଜିଲା ସଭାପତି**

## ନୈତିକତା ଭୁଲିଗଲାଣି ପୋଲିସ



" ରାଜ୍ୟ ପୋଲିସର ଅଧିକାଂଶ କର୍ମଚାରୀ ନୀତି ଓ ନୈତିକତା ଭୁଲିଗଲେଣି। ବିଭାଗୀୟ ମୁଖ୍ୟ ଏମାନଙ୍କୁ ମାର୍ଜିତ ଓ ମାନବୀୟ ଆଚରଣ ଶିଖାନ୍ତୁ। ଗଣମାଧ୍ୟମକୁ ସାମାନ୍ୟ ସମ୍ମାନ କିମ୍ବା ସୌହାର୍ଦ୍ଦ୍ୟ ପ୍ରଦର୍ଶନ କରିବାରେ ପୋଲିସ ପଛଘୁଞ୍ଚା ଦେଉଛି। ପୁରୀରେ ଧରିତ୍ରୀ ସାମ୍ବାଦିକଙ୍କୁ ବର୍ବରୋଚିତ ଆକ୍ରମଣକୁ ଗଜପତି ଜିଲା ସାମ୍ବାଦିକ ସଂଘ ତୀବ୍ର ନିନ୍ଦା କରୁଛି। ଆକ୍ରମଣରେ ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ଗରୁଡ଼ଧ୍ୱଜ ଚୌଧୁରୀ, ସଭାପତି, ଗଜପତି ଜିଲା ସାମ୍ବାଦିକ ସଂଘ**

## ପୋଲିସ ଆକ୍ରମଣ ନିନ୍ଦନୀୟ



" ପୁରୀରେ ଫଳ ବ୍ୟବସାୟୀଙ୍କୁ ମାଡ଼ ମରାଯିବା ବେଳେ ସତ୍ୟ ଓ ନ୍ୟାୟର ପରିପ୍ରକାଶ ପାଇଁ ପ୍ରଚେଷ୍ଟା କରୁଥିବା ସାମ୍ବାଦିକ ଦତ୍ତାତ୍ରେୟ ନାୟକଙ୍କ ଉପରେ ପୋଲିସର ଆକ୍ରମଣ ନିନ୍ଦନୀୟ। ଏହା କେବଳ ପୁରୀ ନୁହେଁ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟ ପୋଲିସ ଆକ୍ରୋଶମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ନେଉଛି। ପୋଲିସ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଯତ୍ନବାନ ହେବା ଆବଶ୍ୟକ।

**– ସନ୍ତୋଷ ନାୟକ, ସଭାପତି, ଭଞ୍ଜନଗର ବାର ଆସୋସିଏଶନ**

## ଗଣତନ୍ତ୍ରର କଣ୍ଠରୋଧ ପାଇଁ ଉଦ୍ୟମ



" ପୁରୀରେ ବିନା କାରଣରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ମାଡ ମାରିବା ଘଟଣାକୁ ମୁଁ ଦୃଢ଼ ନିନ୍ଦା କରୁଛି। ବିନା କାରଣରେ ଖବରଦାତାଙ୍କ ଉପରେ ଅତ୍ୟାଚାର କରି ଗଣତନ୍ତ୍ରର କଣ୍ଠରୋଧ କରିବାକୁ ଉଦ୍ୟମ କରାଯାଇଛି। ଏହି କାର୍ଯ୍ୟ କରିଥିବା ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆଗାମୀ ଦିନରେ ଏଭଳି ଘଟଣା ଯେଭଳି ନ ଘଟେ ସେଥିପାଇଁ ପୋଲିସ ମହାନିର୍ଦ୍ଦେଶକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**– ରାମ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ, ମାଲକାନଗିରି**

## ନିନ୍ଦନୀୟ ଘଟଣା



" ମହାମାରୀ କରୋନା ସମୟରେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଖବରଦାତାଙ୍କୁ ଆଗଧାଡିର କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ଗତ ବୁଧବାର ପୁରୀରେ ଜଣେ କାର୍ଯ୍ୟରତ ଖବତଦାତା ଧରିତ୍ରୀର ଜିଲା ପ୍ରତିନିଧିଙ୍କୁ ପୋଲିସ ଯେଉଁ ପ୍ରକାର ଆକ୍ରମଣ କଲା ତାହା ଏକ ନିନ୍ଦନୀୟ ଘଟଣା। ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହେବା କଥା। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ତ୍ରିନାଥ ଗୁଆଲ, ଝାରସୁଗୁଡ଼ା ବାର୍ ଆସୋସିଏଶନ ସଭାପତି**

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



" ପୁରୀରେ ଧରିତ୍ରୀ ପ୍ରତିନିଧିଙ୍କୁ ପୋଲିସ ଆକ୍ରମଣ ଘଟଣା ନିନ୍ଦନୀୟ। ଗଣତାନ୍ତ୍ରିକ ରାଷ୍ଟ୍ରରେ ପୋଲିସର ଏଭଳି ଅମାନୁଷିକ କାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ। ନିଜର ଦୋଷକୁ ଘୋଡ଼ାଇବା ପାଇଁ ଅତୀତରେ ଅନେକବାର ପୋଲିସର ଏହିପରି ଆକ୍ରମଣ ଦେଖିବାକୁ ମିଳିଛି। ଏହାକୁ ବାଲିଅନ୍ତା ପ୍ରେସ କ୍ଲବ ତରଫରୁ ଘୋର ବିରୋଧ କରାଯିବା ସହ ଦୋଷୀ ବିରୋଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଦାବି କରୁଛୁ।

**– ସୋମନାଥ ସ୍ୱାଇଁ, ସଭାପତି, ବାଲିଅନ୍ତା ପ୍ରେସ କ୍ଲବ, ଖୋର୍ଦ୍ଧା**

## ଅସୁରକ୍ଷିତ ମନେହେଉଛି



" କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ପୁରୀ ପୋଲିସର ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଅସୁରକ୍ଷିତ ମନେହେଉଛି। ପୋଲିସର କାର୍ଯ୍ୟଧାରା ବ୍ରିଟିଶ ରାଜର ଭ୍ରମ ସୃଷ୍ଟି କରୁଛି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛି। ରାଜ୍ୟ ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ବିଲ ଆଣନ୍ତୁ।

**– ଆଦିତ୍ୟ ମେକାପ, ସଭାପତି, ଯାଜପୁର ଜିଲା ସାମ୍ବାଦିକ ୟୁନିୟନ**

## ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ



" ରାଜ୍ୟରେ ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି। ସାମ୍ବାଦିକମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି। ଖବରଦାତାଙ୍କୁ ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**–ସର୍ବେଶ୍ୱର ବେହୁରା, ସୂଚନା ଅଧିକାର କର୍ମୀ, ଯାଜପୁର**

## ସରକାର ଚୁପ୍ ବସିଛନ୍ତି



" ପୁରୀରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପୋଲିସର ଆକ୍ରମଣକୁ ମୁଁ ଦୃଢ଼ ନିନ୍ଦା କରୁଛି। ସାମ୍ବାଦିକଙ୍କ ଉପରେ ଆକ୍ରମଣ ହେଲେ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏଠାରେ ଖୋଦ୍ ପୋଲିସ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ କରିଥିଲେ ମଧ୍ୟ ସରକାର ଚୁପ୍ ବସିଛନ୍ତି। ଆକ୍ରମଣକାରୀ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ତାହା ନ ହେଲେ ଏଭଳି ଘଟଣା ବାରମ୍ବାର ଘଟିବ।

**– ଅମୂଲ୍ୟ ସାହୁ, ଖବରଦାତା, ରାୟଗଡ଼ା**

## ଗଣତନ୍ତ୍ରରେ ଏଭଳି ଘଟଣା ନିନ୍ଦନୀୟ



" ପୁରୀ ଜିଲା ଧରିତ୍ରୀର ସାମ୍ବାଦିକଙ୍କୁ ପୋଲିସ କର୍ମଚାରୀମାନେ ଯେଉଁଭଳି ମାଡ଼ମାରି ବ୍ୟବହାର କଲେ ଏହାକୁ ଘୋର ନିନ୍ଦା କରୁଛି। ସମ୍ପୃକ୍ତ ପୋଲିସ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସାମ୍ବାଦିକମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଯୋଦ୍ଧା ଭାବେ ଘୋଷଣା କରିଥିବାବେଳେ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ଘୋର ନିନ୍ଦନୀୟ। ଗଣତନ୍ତ୍ର ଶାସନରେ ଏଭଳି ଘଟଣା ନିନ୍ଦନୀୟ।

**– ସୁଧୀର କପରଦାର, ବରିଷ୍ଠ ସାମ୍ବାଦିକ, ଦେବଗଡ଼**



କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସର ମାଡ଼ ଓ ଦୁର୍ବ୍ୟବହାର ଘଟଣାର କାର୍ଯ୍ୟାନୁଷ୍ଠାନ ଦାବିରେ ରବିବାର ଓଡ଼ିଶା ସାମ୍ବାଦିକ ସଂଘ କନ୍ଧମାଳ ଶାଖା ପକ୍ଷରୁ ଜି. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



Irasis Acharya @irasisacharya · 17m
ଜଣେ କାର୍ଯ୍ୟରତ ସାମ୍ବାଦିକ ହିସାବରେ ଦତ୍ତାତ୍ରେୟ ନାୟକଙ୍କ ପ୍ରତି ପୋଲିସର ଆକ୍ରୋଶ ଅତ୍ୟନ୍ତ ନିନ୍ଦନୀୟ ।। ଗଣମାଧ୍ୟମର କଣ୍ଠରୁଦ୍ଧ କରିବା ନିଶ୍ଚିତ ରୂପେ ଅଗଣତାନ୍ତ୍ରିକ ବ୍ୟବହାର।
@Naveen_Odisha @DGPOdisha
@AdyashaSatpath3 @DharitriLive1
#ShameOnOdishaPolice
#IStandWithDattatreya



Gobind Agrawal
@GobindAgrawal1
କରୋନା ପରି ମହାବିପତ୍ତି ସମୟରେ ପୁରୀର ପରିବା ବେପାରୀଙ୍କୁ ପୋଲିସ ପିଟିବା ସହିତ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତଥା ଧରିତ୍ରୀ ସାମ୍ବାଦିକଙ୍କୁ ଦାଦାଗିରି କରିବାକୁ ମୁଁ ଦୃଢ ନିନ୍ଦା କରୁଛି ଏବଂ ଯୋଡିତ ସମସ୍ତ ପୋଲିସ ମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ପାଇଁ @CMO_Odisha @GovernorOdisha @odisha_police କୁ ଦାବି କରୁଛି।



ସମ୍ବଲପୁର ଜିଲା ସାମ୍ବାଦିକ ସଂଘ
SAMBALPUR DISTRICT JOURNALISTS' ASSOCIATION
NEAR V.S.S. TOWN HALL, SAMBALPUR - 768001 (ORISSA)

## ପୋଲିସର ଏଭଳି କାମ ଅମାନୁଷିକ



" କୋଭିଡ୍ ମହାମାରୀ ସମୟରେ ଖବରଦାତାଙ୍କୁ ରାଜ୍ୟ ସରକାର କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏଭଳି ସମୟରେ ପୁରୀରେ ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ପୋଲିସର ଏଭଳି କାମ ଅମାନୁଷିଙ୍କିକ ଅଟେ।

**– ସୁଶାନ୍ତ କୁମାର କର, ଜର୍ନାଲିଷ୍ଟ ଆସୋସିଏଶନ ଅଫ ନୂଆପଡ଼ା**

## ସରକାର ନିରପେକ୍ଷ ତଦନ୍ତ କରନ୍ତୁ



" ଗତ ବୁଧବାର ପୁରୀ ସହରରେ ଜଣେ ପରିବା ବ୍ୟବସାୟୀଙ୍କ ଉପରେ କୁମ୍ଭାରପଡା ପୋଲିସ ଆକ୍ରମଣ କରିଥିଲା। ଏହି ସମୟରେ ଧରିତ୍ରୀ ଜିଲା ପ୍ରତିନିଧି ଖବର ସଂଗ୍ରହ କରୁଥିବାବେଳେ ପୋଲିସ ତାଙ୍କ ଉପରେ ଆକ୍ରମଣ କରିଥିଲା। ଜଣେ ଖବରଦାତାଙ୍କ ପ୍ରତି ପୋଲିସର ଏଭଳି ଅମାନବୀୟ ବ୍ୟବହାର ପୋଲିସ ବିଭାଗପାଇଁ ଲଜ୍ଜାଜନକ ଘଟଣା। ରାଜ୍ୟ ସରକାର ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**– ପଦ୍ମିନୀ ସିଂହ, ସାମାଜିକ କର୍ମୀ, ସମଲେଶ୍ୱରୀ ମା' ଘର ଚାରିଟେବୁଲ୍ ଟ୍ରଷ୍ଟ, ଝାରସୁଗୁଡ଼ା**

## ଖବରଦାତା ସୁରକ୍ଷା ଆଇନ ଅଣାଯାଉ



" ପୁରୀରେ ଧରିତ୍ରୀର ଜିଲା ପ୍ରତିନିଧିଙ୍କ ଉପରେ ପୋଲିସର ଆକ୍ରମଣ ରାଜ୍ୟରେ ପ୍ରଥମ ନୁହେଁ। ଏଭଳି ଅନେକ ଘଟଣା ଘଟୁଛି। ରାଜ୍ୟର ଖବରଦାତାଙ୍କ ଗୁରୁତ୍ୱକୁ ପୋଲିସ ଜାଣିଶୁଣି ଅଣଦେଖା କରୁଛି। ପୋଲିସ ନଜର କ୍ଷମତା ଓ ବଳ ପ୍ରୟୋଗ କରି ମୁହଁ ବନ୍ଦ କରିବା ଗଣତନ୍ତ୍ର ପ୍ରତି ଅଶୁଭ ସଙ୍କେତ। ରାଜ୍ୟରେ ଖବରଦାତାଙ୍କ ସୁରକ୍ଷା ଦିଗରେ ନୂଆ ଆଇନ ଆଣିବା ବର୍ତ୍ତମାନ ସମୟରେ ଜରୁରୀ ହୋଇପଡ଼ିଛି।

**– ପ୍ରକାଶ ପ୍ରଧାନ, ଯୁବ ଖବରଦାତା, ଅନୁଗୋଳ**

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ



" କୋଭିଡ୍ କଟକଣା ଯାଞ୍ଚ ସମୟରେ କାହାକୁ ମାଡ଼ ମାରିବା, ନିର୍ଯାତନା ଦେବା ଅଧିକାର ପୋଲିସର ନାହିଁ। ଏହାସତ୍ତ୍ୱେ ପୁରୀରେ କର୍ତ୍ତବ୍ୟରତ 'ଧରିତ୍ରୀ' ସାମ୍ବାଦିକଙ୍କୁ ଯେଉଁଭଳି ଆକ୍ରମଣ କରାଗଲା, ତାହା ଦୁଃଖଦାୟକ। ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ଟଙ୍କଧର ବେହେରା, ଢେଙ୍କାନାଳ ଜିଲା ଓକିଲ ସଂଘ ସମ୍ପାଦକ**

## ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଛି



" ରାଜ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଛି। ପୁରୀରେ କାର୍ଯ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଆକ୍ରମଣ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ପୋଲିସର ଏଭଳି ବର୍ବରୋଚିତ ଆଚରଣ ବାରମ୍ବାର ଘଟୁଛି। ଏଥିପ୍ରତି ତୁରନ୍ତ ରାଜ୍ୟ ସରକାର ପଦକ୍ଷେପ ନେବା ଆବଶ୍ୟକ।

**– ଲିଙ୍ଗରାଜ ସାହୁ, ଆବାହକ, ସାମ୍ବାଦିକ ମିଳିତ ମଞ୍ଚ, ଭୁବନେଶ୍ୱର**

## ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ମିଳୁ



" ଗଣମାଧ୍ୟମର ପ୍ରତିନିଧି ବୋଲି ଜାଣିବା ପରେ ମଧ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ମାଡ ମରାଯାଇଛି। ନୀତି ଓ ନୈତିକତାକୁ ଭୁଲି ପୋଲିସ ଏଭଳି କାଣ୍ଡ କରିଛି। ଏହାଦ୍ୱାରା ଗଣମାଧ୍ୟମର ସ୍ୱରକୁ ଚପାଇ ଦେବାକୁ ଉଦ୍ୟମ ହେଉଛି। ମୁଖ୍ୟମନ୍ତ୍ରୀ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**– କିଶୋର ହୋତା, ଖବରଦାତା, ବୀରମହାରାଜପୁର, ସୁବର୍ଣ୍ଣପୁର**

## ପୋଲିସ ଅମାନବୀୟ କାମ କରିଛି



" ଧରିତ୍ରୀ ଖବରଦାତାଙ୍କୁ ପୋଲିସ ଆକ୍ରମଣ କରିବା ନିନ୍ଦନୀୟ। ଏହି ଘଟଣାରେ ପୋଲିସର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଅମାନବୀୟ। ଫଳରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଜରୁରୀ।

**– ସୁରେନ୍ଦ୍ର ପଣ୍ଡା, ବରିଷ୍ଠ ଆଡ଼ଭୋକେଟ୍, ବରଗଡ଼**

## ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ



" କରୋନା ସମୟରେ ସରକାର ଓ ଲୋକଙ୍କ ମଧ୍ୟରେ ସେତୁ ପାଲଟିଛନ୍ତି ସାମ୍ବାଦିକ। ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ଆଗ ଧାଡ଼ିର କରୋନା ଯୋଦ୍ଧା ଭାବରେ ଘୋଷଣା କରିଛନ୍ତି। ହେଲେ ପୁରୀରେ ସାମ୍ବାଦିକଙ୍କ ଉପରେ ପୋଲିସର ଜୁଲୁମ ଦେଖିବାକୁ ମିଳିଛି। ପୋଲିସର ଏହି ଦାଦାଗିରିକୁ ସୁନ୍ଦରଗଡ଼ ଜିଲା ପ୍ରେସ କ୍ଲବ କଡ଼ା ଶବ୍ଦରେ ନିନ୍ଦା କରୁଛି। ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଦୋଷୀ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

**– ଦେବାଶିଷ କବି, ସମ୍ପାଦକ ଜିଲା ପ୍ରେସ କ୍ଲବ, ସୁନ୍ଦରଗଡ଼**

ନିଶ୍ଚିତ ଥାଅ- ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ-ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି- ବିଜୟ ସୁନିଶ୍ଚିତ। -ଶ୍ରୀଅରବିନ୍ଦ

# ଅସୁବିଧାରେ ଟିକା

କରୋନାକୁ ପ୍ରତିହତ କରିବା ଲାଗି ଟିକା ଅମୋଘ ଅସ୍ତ୍ର ବୋଲି କୁହାଯାଉଛି। ଭାରତରେ ଦୁଇଟି ଟିକା-କୋଭିଶିଲ୍ଡ ଓ କୋଭାକ୍ସିନ ଉପଲବ୍ଧ ହେଉଛି। ଅକ୍ସଫୋର୍ଡ ଆଷ୍ଟ୍ରାଜେନିକା ଦ୍ୱାରା ବିକଶିତ କୋଭିଶିଲ୍ଡ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ରେ ପ୍ରସ୍ତୁତ ହେଉଥିବା ବେଳେ ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଦ୍ୱାରା ବିକଶିତ କୋଭାକ୍ସିନ୍ ଭାରତ ବାୟୋଟେକ୍ ତିଆରି କରୁଛି। ସମୂହ ଟିକାକରଣ ହେବା ପୂର୍ବରୁ ଏହି ଦୁଇଟି ଟିକାର ମାନ ଓ ପରୀକ୍ଷଣ ନେଇ ଯଥେଷ୍ଟ ଆଶଙ୍କା ପ୍ରକାଶ ପାଇଥିଲା। କେନ୍ଦ୍ର ସରକାର ବାରମ୍ବାର ବିଜ୍ଞାପନ ମାଧ୍ୟମରେ କୁହାଇ ହେଲେ ଯେ, ଭାରତୀୟ ଟିକା ସମ୍ପୂର୍ଣ୍ଣ ନିରାପଦ ଓ ତାହାକୁ ସମସ୍ତେ ନେବା ଉଚିତ। ଜନସାଧାରଣ ଭୟ ତ୍ୟାଗ କରି ଏସବୁକୁ ନେବା ଆରମ୍ଭ କଲେ। କିନ୍ତୁ ଚାହିଦା ଅନୁଯାୟୀ ଟିକା ନ ମିଳିବା ଯୋଗୁ ସରକାର ପ୍ରଥମ ଡୋଜ୍ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ସମୟ ବ୍ୟବଧାନକୁ ବଢ଼ାଇ ଚାଲିଛନ୍ତି। ଏଭଳି ସ୍ଥଳେ ଟିକାକୁ ନେଇ ଯେଉଁ ବିଷୟ ଏବେ ପଦାକୁ ଆସିଛି ତାହା କେନ୍ଦ୍ର ସରକାରଙ୍କ ଅପାରଗତା ଓ ସ୍ଥଳବିଶେଷରେ ପରିଚାଳନାଗତ ତ୍ରୁଟିକୁ ବ୍ୟାପକ ଭାବେ ଦର୍ଶାଇଛି। ଉଦାହରଣ ସ୍ୱରୂପ, ପୂର୍ବରୁ ଭାରତରେ ପୋଲିଓ, ବସନ୍ତ, ମିଳିମିଳା ଆଦି ରୋଗ ପାଇଁ କେନ୍ଦ୍ର ସରକାର ଟିକା ଯୋଗାଡ଼ କରି ପ୍ରତ୍ୟେକ ରାଜ୍ୟର ଚାହିଦା ଅନୁଯାୟୀ ଯୋଗାଇ ଦେଉଥିଲେ। ସେହି ବ୍ୟବସ୍ଥାକୁ ବଜାୟ ରଖି କେନ୍ଦ୍ର ସରକାର ମହଜୁଦ ଟିକା ଅନୁଯାୟୀ ସମୂହ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବା କଥା। ଏହି ବ୍ୟବସ୍ଥା ଭାଙ୍ଗି ଦିଆଗଲା।

୨୨ ମେ'ରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଯାଦବ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ କହିଛନ୍ତି ଯେ, କୋଭିଡ୍ ଟିକା କେତେ ମହଜୁଦ ଅଛି ତାହାକୁ ବିଚାର ନ କରି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ନିୟମାବଳୀ ନ ମାନି କେନ୍ଦ୍ର ସରକାର ଭାରତରେ ଟିକାକରଣ ବ୍ୟାପକ କରିଥିଲେ। ତାଙ୍କ କହିବା ଅନୁଯାୟୀ ପ୍ରାରମ୍ଭରେ ୩୦ କୋଟି ଲୋକଙ୍କ ଟିକାକରଣ ପାଇଁ ଯୋଜନା କରାଯାଇଥିବା ବେଳେ ଆବଶ୍ୟକ ଥିଲା ୬୦ କୋଟି ଡୋଜ୍। ସରକାର ସେହି ଲକ୍ଷ୍ୟରେ ପହଞ୍ଚିବା ପୂର୍ବରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଟିକାକରଣ ବିଷୟରେ ଘୋଷଣା କରିଦେଲେ। ଯାଦବ ଯେଉଁ ବିଷୟକୁ ସୂଚିତ କରିଛନ୍ତି, ତାହାକୁ ଗଭୀର ଭାବେ ତର୍ଜମା କରାଯିବା ଦରକାର। ଏକ ବୃହତ୍ ଟିକା ପ୍ରସ୍ତୁତକାରୀ କମ୍ପାନୀର ଅନ୍ୟତମ ସର୍ବୋଚ୍ଚ ଅଧିକାରୀ ବାସ୍ତବତାକୁ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି। ସେଥିପାଇଁ ତାଙ୍କ ମୁହଁରୁ ସତ କଥା ବାହାରିପଡ଼ିଛି। ଏବେ ତାଙ୍କ ମତଠାରୁ କମ୍ପାନୀ ନିଜକୁ ଦୂରେଇ ରଖିଛି ବୋଲି ଯେଉଁ ସଫେଇ ଦେଇଛି, ତାହା ଚାପରେ ପଡ଼ି କରାଯାଉଛି ବୋଲି ସ୍ପଷ୍ଟ ଜଣାପଡୁଛି। ଭାରତରେ କୋଭିଶିଲ୍ଡର ମାନ ବିଦେଶରେ ପ୍ରସ୍ତୁତ କୋଭିଶିଲ୍ଡ ସହ ତୁଳନାତ୍ମକ ଭାବେ ଗବେଷଣା କରାଯାଇ ରିପୋର୍ଟ ପ୍ରକାଶ ପାଇ ନ ଥିବାରୁ ତାହାର ପ୍ରଭାବ ନେଇ ଅନେକ ସନ୍ଦେହ ରହିଛି। କୋଭିଶିଲ୍ଡର ପ୍ରଥମ ଡୋଜ୍ ନେଇଥିବା ଅନେକ ବ୍ୟକ୍ତିଙ୍କ ଶରୀରରେ ଆଣ୍ଟିବଡି ଆଖିଦୃଶିଆ ବୃଦ୍ଧି ପାଉନାହିଁ। ଏଭଳି ତଥ୍ୟ ସାମ୍ନାକୁ ଆସିବା ହେତୁ ଭାରତରେ ପ୍ରସ୍ତୁତ କୋଭିଶିଲ୍ଡର ପ୍ରଭାବ ସନ୍ଦେହକୁ ଚାଲିଯାଉଛି।

କୋଭାକ୍ସିନ୍‌କୁ ସରକାର ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଟିକା ବୋଲି କହି ଡିଣ୍ଡିମ ପିଟୁଛନ୍ତି। ଏପରି କି କେତେକ ରିପୋର୍ଟରେ ଏହା କୋଭିଶିଲ୍ଡଠାରୁ ଅଧିକ ପ୍ରଭାବୀ ବୋଲି କୁହାଗଲାଣି। କିନ୍ତୁ ଆଶ୍ଚର୍ଯ୍ୟ ହେବା ଭଳି ଏକ ଖବର ବର୍ତ୍ତମାନ ପ୍ରକାଶ ପାଇଛି। ଡବ୍ଲ୍ୟୁଏଚ୍‌ଓ କହିଛି ଯେ, ତା'ର ଟିକା ତାଲିକାରେ କୋଭାକ୍ସିନ୍ ନାହିଁ। ଏହାର ଗୁଣବତ୍ତା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଯେଉଁ ଗବେଷଣାତ୍ମକ କାଗଜପତ୍ର ମଗାଯାଇଥିଲା ଭାରତ ତାହାର ସନ୍ତୋଷଜନକ ଉତ୍ତର ଦେଇନାହିଁ। ତେଣୁ ଯେଉଁ ଭାରତୀୟ କୋଭାକ୍ସିନ୍‌ର ଦ୍ୱିତୀୟ ଡୋଜ୍ ନେଇ ପ୍ରମାଣପତ୍ର ପାଇଛନ୍ତି, ସେମାନଙ୍କୁ ବିଦେଶ ଯାତ୍ରା କରିବାର ଅନୁମତି ମଧ୍ୟ ମିଳିବ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, କୋଭାକ୍ସିନ୍ ଡବ୍ଲ୍ୟୁଏଚ୍‌ଓ ମାନକ ପୂରଣ କରିବାରେ ଅସମର୍ଥ ହୋଇଛି। କୋଭାକ୍ସିନ୍ ନେବା ପୂର୍ବରୁ ଯେଉଁ ଭୟ ଭାରତୀୟଙ୍କ ମନରେ ଜାତ ହୋଇଥିଲା ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ତାହାକୁ ସିଦ୍ଧ କରିଦେଉଛି।

ନିଜ ଲୋକଙ୍କ ଚାହିଦା ମେଣ୍ଟାଇବା ସକାଶେ ଉପରୋକ୍ତ ଦୁଇ ଟିକାକୁ ଛାଡ଼ି ଦେଇ ବିଦେଶରୁ ଅନ୍ୟାନ୍ୟ ଟିକା ଆଣିବା ପାଇଁ ଓଡ଼ିଶା ସମେତ ଅନେକ ରାଜ୍ୟ କିଛିଦିନ ପୂର୍ବରୁ ଘୋଷଣା କରିଥିଲେ। ଏଥିପାଇଁ ବିଭିନ୍ନ ରାଜ୍ୟ ଗ୍ଲୋବାଲ ଟେଣ୍ଡର କରିଛନ୍ତି। ୨୩ ମେ'ରେ ଖବର ମିଳିଛି ଯେ, ପଞ୍ଜାବ ସରକାରକୁ ମଡର୍ନା ସିଧାସଳଖ ଟିକା ଦେବାକୁ ମନା କରିଦେଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି, ତାହା କେବଳ ଭାରତ ସରକାରଙ୍କ ସହ ଏ ଦିଗରେ ଚୁକ୍ତିବଦ୍ଧ। ଏହା ଜଣାଶୁଣା ଯେ, ପ୍ରତ୍ୟେକ ଦେଶ ତା'ର ନାଗରିକଙ୍କ ପାଇଁ କେନ୍ଦ୍ରୀୟ ସ୍ତରରେ ଟିକା କ୍ରୟ କରୁଛନ୍ତି। ମଡର୍ନାର ନିଷ୍ପତ୍ତି ଯଦି ଅନ୍ୟ ବିଦେଶୀ ଟିକା କମ୍ପାନୀକୁ ପ୍ରଭାବିତ କରେ, ତେବେ ରାଜ୍ୟଗୁଡ଼ିକ ସେମାନଙ୍କ ଲୋକଙ୍କୁ ଚାହିଦା ମୁତାବକ ଟିକା ଦେବାରେ ବିଫଳ ହେବେ। ଏଥିରୁ ପ୍ରମାଣ ମିଳୁଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ପଟେ ରାଜ୍ୟଗୁଡ଼ିକୁ ସ୍ୱାଧୀନ ଛାଡ଼ି ଦେଇ କହୁଛନ୍ତି ସେମାନେ ଟିକାର ବ୍ୟବସ୍ଥା ସ୍ୱୟଂ କରନ୍ତୁ। ଅନ୍ୟପଟେ ବିଦେଶୀ କମ୍ପାନୀଗୁଡ଼ିକ କେନ୍ଦ୍ର ସରକାର ବ୍ୟତୀତ ଅନ୍ୟ କାହା ସଙ୍ଗେ ବ୍ୟବସାୟ କରିବାକୁ ଅସ୍ୱୀକାର କରିଦେଉଛନ୍ତି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ସିଧାସଳଖ ଜିଲାପାଳମାନଙ୍କ ସହିତ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରି କହିଛନ୍ତି, କୌଣସି ସ୍ଥାନରେ ଟିକା ଯେମିତି ନଷ୍ଟ ନ ହୁଏ। ଜିଲାପାଳମାନେ ନିଜ ନିଜ ଢଙ୍ଗରେ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରିଆସୁଛନ୍ତି। ଏହା ସତ୍ୟ ଯେ, ସେଥିରୁ ଅଧିକାଂଶ ବିଫଳ ମଧ୍ୟ ହେଉଛନ୍ତି। କିନ୍ତୁ ଗୋଟିଏ ପଟେ ଟିକାର ଅଭାବ ଥିବା ବେଳେ ଅନ୍ୟପଟେ ବିଭିନ୍ନ ସ୍ତରରୁ ଉପଦେଶ ଦିଆଗଲେ ବିଶୃଙ୍ଖଳା ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଯେଉଁ ରାଜ୍ୟଗୁଡ଼ିକ ଗ୍ଲୋବାଲ ଟେଣ୍ଡର ଘୋଷଣା କରିଛନ୍ତି, ସେମାନେ ଭାରତର ଅନ୍ୟ ରାଜ୍ୟ ସହିତ ଟଣାଓଟରା ହେଉନାହାନ୍ତି। ସମଗ୍ର ପୃଥିବୀବ୍ୟାପୀ ଉତ୍ପାଦିତ ସୀମିତ ଟିକା ହାସଲ ସକାଶେ ଅନ୍ୟ ଦେଶଗୁଡ଼ିକ ସହିତ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ। ଏବେ ଭୟ ଉପୁଜୁଛି, ପଞ୍ଜାବ ସହ ସିଧାସଳଖ ବ୍ୟବସାୟ କରିବା ପାଇଁ ମଡର୍ନା କମ୍ପାନୀ ଯେମିତି ମନା କରିଦେଇପାରୁଛି, ସେଭଳି ସ୍ଥାନେ ଭାରତର ସ୍ଥିତି ଭୟାବହ ହୋଇଯାଇପାରେ।

# ରାଜନୈତିକ ବିଚାର ନା ଆତଙ୍କବାଦ



ଅନିଲ କୁମାର ବିଶ୍ୱାଳ

କୋଭିଡ୍ ବିରୋଧରେ ସାରା ଦେଶର ଜନତା ଲଢ଼େଇ କରୁଥିବା ବେଳେ ଆଉ ଏକ ଦୁଃଖଦାୟକ ଘଟଣାରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା। ଏପ୍ରିଲ ୩ ତାରିଖରେ ଛତିଶଗଡ଼ରେ, ଯେଉଁଠି ଦେଶର ସବୁଠାରୁ ଅଧିକ କରୋନା ସେତେବେଳେ ସଂକ୍ରମିତ ହେଉଥିଲେ, ସେଠାରେ ମାଓବାଦୀମାନେ ୨୨ କେନ୍ଦ୍ରୀୟ ସୁରକ୍ଷା ବଳର ସିପାହିଙ୍କୁ ହତ୍ୟା କରିଲେ। କଥା ହେଉଛି ଯେତେବେଳେ ଏକ ମହାମାରୀ ମାତିଛି, ଲୋକମାନଙ୍କ ଜୀବନ ବିପନ୍ନରେ, ସେତିକିବେଳେ ମାଓବାଦୀଙ୍କର ଏପରି ବର୍ବରୋଚିତ ଆକ୍ରମଣ କୌଣସି ଜେହାଦି ଆତଙ୍କବାଦୀଙ୍କଠାରୁ ବି କିଛି କମ୍ ନୁହେଁ। ମାଓଙ୍କ ଆଦର୍ଶରେ ଚାଲୁଥିବା ଏଭଳି ହିଂସାକୁ ଏକ ରାଜନୈତିକ ବିଚାର କୁହାଯାଇପାରିବ କି ନାହିଁ ଏହା ଉପରେ ପୁନଃ ବିଚାର କରିବାର ଆବଶ୍ୟକତା ରହିଛି। ସବୁବେଳେ ହିଂସା, ଗଳା କଟା, ଗୁଳିକାଣ୍ଡ ଉପରେ ବିଶ୍ୱାସ କରୁଥିବା ଦଳେ ବନ୍ଧୁକଧାରୀଙ୍କୁ କ'ଣ ରାଜନୈତିକ ବିଚାରର ମର୍ଯ୍ୟାଦା ଦିଆଯାଇ ପାରିବ?

ଆନ୍ଦୋଳନ କରିବା, ପ୍ରତିବାଦ କରିବାର ଅଧିକାର ଗଣତନ୍ତ୍ରରେ ସମସ୍ତଙ୍କର ଅଛି। ହେଲେ ପ୍ରତିବାଦ କରିବା ନାଁରେ ଯଦି ଲୁଚି ଲୁଚି ଜଙ୍ଗଲ ଭିତରେ ସମାନ୍ତରାଳ ସେନା ତିଆରି କରାଯାଇ ସାଧାରଣ ଲୋକ ଓ ଦେଶର ପୋଲିସଙ୍କୁ ହତ୍ୟା କରାହୁଏ ତା'ହେଲେ ଏହା ଆଉ ଆନ୍ଦୋଳନର ପଦବାଚ୍ୟ ହୋଇ ରହିବ କି ? ଏହାକୁ ଆତଙ୍କବାଦ କାର୍ଯ୍ୟକଳାପ କୁହାଯିବ। ଗାନ୍ଧୀଙ୍କର ଅହିଂସା ହେଉଛି ଆମର ପାଥେୟ। ପୂରା ବିଶ୍ୱରେ ଅହିଂସା ବର୍ତ୍ତମାନର ସବୁଠାରୁ ବଡ଼ ରାଜନୈତିକ ବିଚାରର ରୂପ ନେବାକୁ ଯାଉଛି। କିନ୍ତୁ ବଡ଼ ଦୁଃଖର କଥା ଆମ ଦେଶରେ ହିଁ କିଛି ଏପରି ରାଜନୈତିକ ବିଚାର ଏବେ ବି ବଞ୍ଚିଛି, ଯାହା କେବଳ ହିଂସା ଏବଂ ହତ୍ୟାରେ ବିଶ୍ୱାସ କରୁଛି।

ମୂଳତଃ ବାମପନ୍ଥୀ ବିଚାର ଜର୍ମାନୀର ଦାର୍ଶନିକ କାର୍ଲମାର୍କ୍ସଙ୍କ ଦ୍ୱାରା ଦିଆଯାଇଥିବା ସିଦ୍ଧାନ୍ତ ଉପରେ ଠିଆ ହୋଇଛି। ବାମପନ୍ଥୀମାନେ ଏକ ଏପରି ସମାଜର ପରିକଳ୍ପନା କରି ଆସୁଛନ୍ତି ଯେଉଁ ସମାଜରେ ବର୍ଗଭେଦ ଓ ଜାତିଭେଦ ନ ଥିବ। ଏହା ଶୁଣିବାକୁ ଭଲ, କିନ୍ତୁ ଏପରି ସମାଜର ନିର୍ମାଣ କେବଳ ହିଂସାତ୍ମକ ଆନ୍ଦୋଳନ ଦ୍ୱାରା ହିଁ ହୋଇପାରିବ ବୋଲି ସେମାନଙ୍କର ସିଦ୍ଧାନ୍ତ କହୁଛି। ସେହି ଶାନ୍ତିପୂର୍ଣ୍ଣ ଭବିଷ୍ୟତ ନ ଆସିବା ପର୍ଯ୍ୟନ୍ତ ପୂରା ହିଂସାତ୍ମକ ଭାବେ ଲଢ଼ିବାକୁ ପଡ଼ିବ; ଯାହା ପରବର୍ତ୍ତୀ ସମୟରେ ମାଓବାଦ ନାମରେ ଆଗକୁ ବଢ଼ିଛି। ଏମାନଙ୍କର ବୈଚାରିକ ଆଦର୍ଶ ହେଉଛନ୍ତି ମାଓ ସେ ତୁଙ୍ଗ, ଯାହାଙ୍କ ନେତୃତ୍ୱରେ ହୋଇଥିବା 'ଚାଇନିଜ ସିଭିଲ ୱାର୍'ରେ ପ୍ରାୟ ୧୫ ଲକ୍ଷ ଲୋକଙ୍କର ଜୀବନ ଯାଇଥିଲା। ବାମପନ୍ଥୀ ବୈଚାରିକ ଆଧାରରେ ବିଭିନ୍ନ ଆତଙ୍କି ସଙ୍ଗଠନ ସାରା ବିଶ୍ୱରେ ଏକ ସମୟରେ (୧୯୬୭ ରୁ ୧୯୭୦) ଆରମ୍ଭ ହୋଇଥିଲା। ବିଶ୍ୱରେ କମ୍ୟୁନିଷ୍ଟ ପାର୍ଟି (ମାର୍କିଷ୍ଟ – ଲେନିନିଷ୍ଟ) ନାମରେ ଗୁଡ଼ିଏ ସଙ୍ଗଠନ ଅନେକ ଦେଶରେ ଏକ ସମୟରେ ଜନ୍ମ ନେଲେ ଆଉ ସେମାନେ ସମସ୍ତେ ହିଂସାତ୍ମକ ରାଜନୈତିକ ଆଭିମୁଖ୍ୟରେ ବିଶ୍ୱାସ ରଖିଲେ। ଭାରତରେ ବି ୧୯୬୭ ମସିହାରେ କାନୁ ସାନ୍ୟାଲଙ୍କ ନେତୃତ୍ୱରେ ଏକ ନୂଆ ପାର୍ଟି ଗଠନ ହେଲା, ଯାହାର ନାମ ଥିଲା କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ (ମାର୍କିଷ୍ଟ-ଲେନିନିଷ୍ଟ)। 'ତେରାଇ ରିପୋର୍ଟ' ରେ କାନୁ ଲେଖିଛନ୍ତି, ସେ ଓ ଅନ୍ୟ ୩ ଜଣ ଯେଉଁମାନେ ଭାରତରେ ମାଓବାଦ ଆରମ୍ଭ କରିଥିଲେ ସେମାନେ ୧୯୬୭ରେ ଚାଇନା ଯାଇ ସେଠାରେ ମାଓଙ୍କ ସହିତ ଆଲୋଚନା କରିଥିଲେ। ମାଓ କେମିତି ବନ୍ଧୁକ ମୁନରେ ଶାସନ କ୍ଷମତାକୁ ଆସିଲେ ତାହା ତାଙ୍କୁ ବେଶି ଅନୁପ୍ରାଣିତ କରିଲା ଓ ସେମାନେ ସେହି ଅନୁସାରେ ଭାରତ ପାଇଁ ବ୍ଲୁ ପ୍ରିଣ୍ଟ ତିଆରି କରିଲେ। କାନୁ ସାନ୍ୟାଲ ୧୯୭୦ରେ ଗିରଫ ହେଲେ। ୧୯୭୭ରେ ଯେତେବେଳେ ପଶ୍ଚିମବଙ୍ଗ ଓ ଦେଶରେ ସରକାର ବଦଳିଲା ସେ ଜେଲରୁ ମୁକୁଳିଲେ। ୧୯୭୭ ପରେ ପୁଣି ଦେଶରେ ବାମ ଆତଙ୍କ ବୃଦ୍ଧି ପାଇଲା। ୨୦୦୭ରେ ଦେଶର ପ୍ରାୟ ଅଧା ଜିଲାରେ ମାଓବାଦୀମାନେ ସକ୍ରିୟ ଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବାମପନ୍ଥୀ ଆତଙ୍କବାଦ ଦେଶର ଅନ୍ତରୀଣ ସୁରକ୍ଷା ବିରୋଧରେ ବର୍ତ୍ତମାନ ବଡ଼ ଶତ୍ରୁ ବୋଲି କହିଥିଲେ। ୨୦୧୮ରେ କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁସାରେ ଭାରତରେ ବିଗତ ୨୦ ବର୍ଷରେ ୧୨ହଜାର ଲୋକଙ୍କର ଜୀବନ ଯାଇଛି ମାଓବାଦୀଙ୍କ ହିଂସାରେ। ସେଥିରୁ ୨୭୦୦ ହେଉଛନ୍ତି ପୋଲିସ ବା ସୁରକ୍ଷାକର୍ମୀ। ଆମ ଦେଶର ଗୋଇନ୍ଦା ଖବର ଅନୁସାରେ ଭାରତରେ ମାଓବାଦ ନାଁରେ ହେଉଥିବା ଆତଙ୍କି କାର୍ଯ୍ୟକଳାପକୁ ଚାଇନା, ପାକିସ୍ତାନ, ନେପାଳରୁ ସାହାଯ୍ୟ ମିଳେ। ସେହିପରି ପ୍ରତିବନ୍ଧିତ ଆତଙ୍କି ସଙ୍ଗଠନ ଉଲଫା, ନାଗାଲାଣ୍ଡ ସୋସିଆଲିଷ୍ଟ କାଉନ୍‌ସିଲ, ଏଲଟିଟିଇ ଭଳି ଉଗ୍ରବାଦୀ ସଙ୍ଗଠନ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରର ମାଓବାଦୀମାନଙ୍କୁ ତାଲିମ, ଗୁଳିଗୋଳା ଦେଉଥିବାର ପ୍ରମାଣ ଅଛି। ଛତିଶଗଡ଼ର ସୁକୁମାର ଦରଭାରେ ୨୫ ମେ, ୨୦୧୩ରେ ହୋଇଥିବା ମାଓ ଆକ୍ରମଣରେ ୨୭ ଜଣଙ୍କର ମୃତ୍ୟୁ ହୋଇଥିଲା, ଯେଉଁଥିରେ ଛତିଶଗଡ଼ କଂଗ୍ରେସ ଦଳର ଜଣେ ପୂର୍ବତନ ମନ୍ତ୍ରୀ ମହେନ୍ଦ୍ର ଶର୍ମା ଓ ଛତିଶଗଡ କଂଗ୍ରେସର ମୁଖ୍ୟ ନନ୍ଦ ପଟେଲ ଥିଲେ। ଫେବୃୟାରୀ ୧୫, ୨୦୧୦ରେ ପଶ୍ଚିମବଙ୍ଗର ସିଲଦାରେ ମାଓବାଦୀମାନେ ଇଷ୍ଟର୍ନ ଫ୍ରଣ୍ଟ ରାଇଫଲର ୨୪ ଯବାନଙ୍କୁ ହତ୍ୟା କରିଥିଲେ। ୬ ଏପ୍ରିଲ ୨୦୧୦ରେ ଦାନ୍ତେୱାଡାରେ ମାଓବାଦୀମାନେ ୭୬ କେନ୍ଦ୍ରୀୟ ସୁରକ୍ଷା ସିପାହିଙ୍କୁ ହତ୍ୟା କରିଥିଲେ। ୦୩ ଏପ୍ରିଲ ୨୦୨୧ରେ ସୁକ୍‌ମାରେ ୨୨ ସିପାହିଙ୍କୁ ମାରିଥିଲେ ମାଓବାଦୀ। ଏହାଛଡ଼ା ଯିଏ ତାଙ୍କର କଥା ନ ମାନିଲା ତାକୁ ପୋଲିସ ଇନଫର୍ମର କହି ସରଳ ନିରୀହ ଆଦିବାସୀଙ୍କୁ ହତ୍ୟା କରିବା ମାଓବାଦୀଙ୍କର ନିୟମିତ କାମ ହୋଇଆସିଛି।

ରୁଷିଆରେ ସମାଜବାଦ ନାଁରେ ବାମପନ୍ଥୀମାନଙ୍କ ଦ୍ୱାରା ୧୯୧୭ରୁ ୧୯୫୯ ଭିତରେ ୧ କୋଟି ଲୋକଙ୍କର ହତ୍ୟା ହୋଇଥିଲା। ୧୯୮୯ରେ ଚାଇନାରେ ହୋଇଥିବା ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ଚାଇନାର ବାମପନ୍ଥୀ ସରକାର ଟିନାମେନ ଛକରେ ଆଖିବୁଜା ଗୁଳିଚାଳନା କରିଥିଲେ। ୧୦ ହଜାର ଛାତ୍ର, ସାଧାରଣ ଜନତା ଜୀବନ ହରାଇଥିଲେ। କ୍ୟୁବାର କମ୍ୟୁନିଷ୍ଟ ଶାସକ ଫିଡେଲ କାଷ୍ଟ୍ରୋଙ୍କର ବର୍ବରତା ସାରା ଦୁନିଆ ଜାଣିଛି। ଉତ୍ତର କୋରିଆର ବାମପନ୍ଥୀ ରାଷ୍ଟ୍ରପତି କିମଙ୍କର ଏକଛତ୍ରବାଦୀ ପାଗଳାମିର ଚର୍ଚ୍ଚା, ସବୁବେଳେ ଯୁଦ୍ଧ ଘୋଷଣାର ଧମକ ଏବେ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ। ୭୦ ଦଶକରେ ବାମବାଦ ଆତଙ୍କବାଦୀ ଯାହାକୁ ରେଡ୍ ଆର୍ମି ବୋଲି ମଧ୍ୟ କୁହାଯାଉଥିଲା ତାହା ସାରା ବିଶ୍ୱରେ ବ୍ୟାପିଥିଲା। ଆମେରିକା, କାନାଡା, ଜାପାନ ଭଳି ଦେଶ ଏହା ଦ୍ୱାରା ପ୍ରଭାବିତ ହୋଇଥିଲେ। ଭାରତରେ ଏବେ ଚାଲୁଥିବା ନକ୍ସଲ ଆନ୍ଦୋଳନ ସେହି ୭୦ ଦଶକରେ ସାରା ବିଶ୍ୱରେ ହୋଇଥିବା ବାମବାଦ ଆତଙ୍କବାଦରୁ ସୃଷ୍ଟି।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ପ୍ରକାଶ ପାଉଥିବା 'ଦି ହାର୍ଭାର୍ଡ କ୍ରିମଶନ'ରେ ପ୍ରକାଶିତ ଏକ ସନ୍ଦର୍ଭରେ କୁହାଯାଇଛି ଯେ, କମ୍ୟୁନିଜମ ବିଚାରଧାରାର ସମୁଦାୟ ୧୦୦ ବର୍ଷର ଇତିହାସ, ଯେଉଁଥିରେ ସେମାନେ ୧୦୦ ମିଲିୟନ ଲୋକଙ୍କର ହତ୍ୟା କରିଛନ୍ତି। କମ୍ୟୁନିଜମ ଯେଉଁଠି କ୍ଷମତାକୁ ଆସିଛି ସବୁଠାରେ ବର୍ଗ ସଂଘର୍ଷ ନାଁରେ ଲକ୍ଷ ଲକ୍ଷ ଲୋକଙ୍କର ହତ୍ୟା ହୋଇଛି ଓ କମ୍ୟୁନିଷ୍ଟମାନେ ସରକାର ତିଆରି କରିଛନ୍ତି। ୧୯୯୭ରେ ଷ୍ଟିଫେନାସ କର୍ସସ, ନିକୋଲାସ ୱାର୍ଥଙ୍କ ଦ୍ୱାରା ଲିଖିତ 'ଦି ବ୍ଲାକ ବୁକ୍ ଅଫ କମ୍ୟୁନିଜମ' ପୁସ୍ତକରେ କମ୍ୟୁନିଷ୍ଟମାନଙ୍କର ସରକାର କେଉଁଠି କେଉଁଠି ଆସିଲା ବେଳେ କ'ଣ କ'ଣ ଘଟିଥିଲା ସେ ସବୁର ତଥ୍ୟ ଅଛି, ଯାହାନୁସାରେ କମ୍ୟୁନିଜମମାନଙ୍କ ପାଇଁ ୯୪ ମିଲିୟନ ଲୋକଙ୍କର ଜୀବନ ଯାଇଛି; ଯେଉଁଥିରେ ଗଣହତ୍ୟା, ବନ୍ଦୀଶାଳାରେ ହତ୍ୟା, ଯୁଦ୍ଧ, ଅନାହାର ମୃତ୍ୟୁ ଆଦି ସାମିଲ ଅଛି। ସବୁଠାରୁ ବେଶି ହୋଇଛି ରୁଷିଆ ଏବଂ ଚାଇନାରେ। ବିଶ୍ୱରେ ଅନେକ ଦେଶ ଏହି ବାମ ଆତଙ୍କରେ ପ୍ରଭାବିତ ହୋଇଛନ୍ତି। କାନାଡା, ଆମେରିକା, ପେରୁ, କଲମ୍ବିଆ, ବେଲଜିୟମ, ଇଟାଲି, ସ୍ପେନ, ଜର୍ମାନୀ, ଗ୍ରୀସ, ଫ୍ରାନ୍ସ, ତୁର୍କୀ, ପର୍ତ୍ତୁଗାଲ ସମସ୍ତେ କ୍ଷତିଗ୍ରସ୍ତ ହୋଇଛନ୍ତି, ଆଭ୍ୟନ୍ତରୀଣ ହିଂସାର ସମ୍ମୁଖୀନ ହୋଇଛନ୍ତି। ପେରୁରେ ବାମ ଆତଙ୍କବାଦ ସଙ୍ଗଠନଗୁଡ଼ିକ ଦ୍ୱାରା ପାଖାପାଖି ୩୧ ହଜାର ଲୋକଙ୍କର ମୃତ୍ୟୁ ହୋଇଛି ବୋଲି ପେରୁର ସରକାରୀ ତଥ୍ୟ କହୁଛି। ରୁଷିଆରେ କମ୍ୟୁନିଜମ୍‌ର ପତନ ପରେ ବିଶ୍ୱରେ ଅନେକ ଦେଶରେ ବାମପନ୍ଥୀ ଉଗ୍ରବାଦୀ ସଙ୍ଗଠନଗୁଡ଼ିକ ଦୁର୍ବଳ ହୋଇଗଲେ।

କିଛି ବର୍ଷ ତଳେ ବସ୍ତରର ସୁକ୍‌ମା ଜିଲାରେ ମାଓବାଦୀମାନେ ଜଣେ ସ୍କୁଲ ଛାତ୍ର କୁଞ୍ଜାମୀ ଶଙ୍କରଙ୍କୁ ପୋଲିସ ଇନ୍‌ଫର୍ମର ବୋଲି କହି ଗଳା କାଟି ହତ୍ୟା କରିଥିଲେ। ସ୍କୁଲରେ ପାଠ ପଢୁଥିବା ଏହି ଛାତ୍ରଙ୍କଠାରୁ ସେହି ତଥାକଥିତ ବିପ୍ଳବୀମାନଙ୍କର କ'ଣ ଡର ଥିଲା? ମାର୍କ୍ସଙ୍କ ବର୍ଗ ସଂଘର୍ଷର ଶବ୍ଦାବଳୀରେ ଏହି ଆଦିବାସୀ ଛାତ୍ର କେଉଁ ବର୍ଗରେ ଆସୁଥିଲା? ଓଡ଼ିଶା- ଝାଡ଼ଖଣ୍ଡ ସୀମା ସୁନ୍ଦରଗଡ଼ ଜିଲାରେ ୨୦୧୧ରେ କାନ୍ଦରୀ ଲୋହାର ନାମକ ଜଣେ ହୋମ ଗାର୍ଡଙ୍କୁ ମାଓବାଦୀମାନେ ହତ୍ୟା କରିଥିବା ବେଳେ ତା'ର ତିନି ବର୍ଷର ଶିଶୁକୁ ମଧ୍ୟ ଗଳାକାଟି ହତ୍ୟା କରିଥିଲେ। ଏଠାରେ ପ୍ରଶ୍ନ ଉଠେ ସେହି ତିନି ବର୍ଷର ଶିଶୁ କ'ଣ ପୁଞ୍ଜିବାଦୀ ଥିଲା ନା ଶୋଷକ ଥିଲା? ଏହିପରି ଘଟଣା ସ୍ପଷ୍ଟ କରିଥାଏ ଯେ, ମାଓବାଦୀମାନେ କୌଣସି ବୈଚାରିକ ଆନ୍ଦୋଳନ ଚଳାଉ ନାହାନ୍ତି ବରଂ ସେମାନେ ଏକ ଆତଙ୍କି ଗ୍ୟାଙ୍ଗରେ ପରିଣତ ହୋଇ ସାରିଛନ୍ତି ଓ ଆତଙ୍କ ବଳରେ କିଛି ଅଞ୍ଚଳରେ ନିଜର ସାମ୍ରାଜ୍ୟ ସ୍ଥାପିତ କରିବାକୁ ଚାହାନ୍ତି।

ହରିରାଜପୁର, ପୁରୀ
ମୋ- ୮୨୪୯୮୬୮୯୬୧

# ଚତୁର୍ଥ ଔଦ୍ୟୋଗିକ ବିପ୍ଳବ ଓ ଭାରତ



ଇଂ. ମାୟାଧର ସ୍ୱାଇଁ

ବିପ୍ଳବ ଅର୍ଥ ହେଉଛି କୌଣସି ଅବସ୍ଥାର ଆତଙ୍କିତ, ଦ୍ରୁତ ଓ ପ୍ରାୟ ସମ୍ପୂର୍ଣ୍ଣ ପରିବର୍ତ୍ତନ। ମାନବ ସମାଜର ଇତିହାସକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଯେତେବେଳେ କୌଣସି ନୂତନ ପ୍ରଯୁକ୍ତିବିଦ୍ୟା ଆବିଷ୍କୃତ ହୋଇଛି କିମ୍ବା ନୂତନ ଅବଧାରଣା ଆସିଛି, ସମାଜର ଆର୍ଥନୀତିକ ଓ ସାମାଜିକ ଗଠନରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି, ଏହା ହିଁ ହେଉଛି ବିପ୍ଳବ। ଅବଶ୍ୟ ଦୁଇଟି ବିପ୍ଳବ ମଧ୍ୟରେ ଅନେକ ବର୍ଷର ବ୍ୟବଧାନ ଥାଇପାରେ।

ଆଜକୁ ପ୍ରାୟ ଦଶ ହଜାର ବର୍ଷ ତଳେ ମନୁଷ୍ୟ ଯେତେବେଳେ ଯାଯାବର ଜୀବନ ଛାଡ଼ି ଗୋଟିଏ ଜାଗାରେ ସ୍ଥାୟୀ ଭାବେ ରହି କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କଲା, ତାହା ଥିଲା ମନୁଷ୍ୟ ସମାଜର ପ୍ରଥମ ବଡ଼ ପରିବର୍ତ୍ତନ। ଏହି କୃଷି ବିପ୍ଳବରେ ପଶୁମାନଙ୍କୁ ବଶୀଭୂତ କରି ନିଜ କାର୍ଯ୍ୟରେ ଲଗାଇବା ଅନେକ ପରିମାଣରେ ମନୁଷ୍ୟକୁ ସାହାଯ୍ୟ କଲା। ଉତ୍ପାଦନ, ପରିବହନ ଓ ଯୋଗାଯୋଗ ପାଇଁ ଉଭୟ ମନୁଷ୍ୟ ଓ ଗୃହପାଳିତ ପଶୁର ମିଳିତ ଶକ୍ତି କୃଷି ବିପ୍ଳବକୁ ଦୃଢ଼ୀଭୂତ କଲା। ଧୀରେ ଧୀରେ କୃଷି ଉତ୍ପାଦନ ବଢ଼ିଲା ଏବଂ ଏହା ସାଙ୍ଗକୁ ପୃଥିବୀର ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଲା। ଫଳରେ ଗୋଟିଏ ଗୋଟିଏ ଜାଗାରେ ବଡ଼ ବଡ଼ ଜନବସତି ସ୍ଥାପିତ ହେଲା ଏବଂ ଏଥିରୁ ବଡ଼ ବଡ଼ ସହର ଉତ୍ପତ୍ତି ହେଲା।

କୃଷି ବିପ୍ଳବର ବହୁତ ପରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ହୋଇ କଳକାରଖାନା ସ୍ଥାପିତ ହେଲା ଏବଂ ମନୁଷ୍ୟର ବାହୁବଳ କିମ୍ବା ପଶୁବଳ ବଦଳରେ କଳ ବ୍ୟବହୃତ ହେଲା; ଯାହାଦ୍ୱାରା କାର୍ଯ୍ୟ ବହୁତ ଶୀଘ୍ର ଓ ସହଜରେ ହୋଇପାରିଲା।

ପ୍ରଥମ ଔଦ୍ୟୋଗିକ ବିପ୍ଳବ ୧୭୬୦ ମସିହାରୁ ୧୮୪୦ ମସିହା ପର୍ଯ୍ୟନ୍ତ ବ୍ୟାପି ଥିଲା। ଏହି ସମୟରେ ବାଷ୍ପୀୟ ଇଞ୍ଜିନ୍‌ର ଉଦ୍ଭାବନ ଏବଂ ରେଳପଥ ନିର୍ମାଣ ଏହାକୁ ତ୍ୱରାନ୍ୱିତ କରିଥିଲା। କୋଇଲା ଆବିଷ୍କାର ମଧ୍ୟ ଏହି ସମୟରେ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିଥିଲା। ଏହି ବିପ୍ଳବରେ ଯାନ୍ତ୍ରିକ ଯୁଗର ଆରମ୍ଭ ହେଲା।

ଦ୍ୱିତୀୟ ଔଦ୍ୟୋଗିକ ବିପ୍ଳବ ଊନବିଂଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ ହୋଇ ବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ବ୍ୟାପିଥିଲା। ଏହା ଥିଲା ବିଦ୍ୟୁତ୍‌ର ଯୁଗ। ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ କଳକାରଖାନା ଚାଲିବା ସହିତ ଆସେମ୍ବ୍ଲି ଲାଇନ୍‌ର ଉଦ୍ଭାବନ ଯୋଗୁ ଅଳ୍ପ ସମୟରେ ବହୁଳ ଉତ୍ପାଦନ ହୋଇପାରିଲା। ଆମେରିକାର ଫୋର୍ଡ କମ୍ପାନୀ ଆସେମ୍ବ୍ଲି ଲାଇନ୍‌ର ବିକାଶ କରି କମ୍ ଖର୍ଚ୍ଚ ଓ କମ୍ ସମୟରେ ଅଧିକ ପରିମାଣର ମୋଟରଗାଡ଼ି ଉତ୍ପାଦ କରିପାରିଥିଲେ ଏବଂ ଫଳରେ ମୋଟର କାର୍ ଶସ୍ତା ହୋଇ ଏକ ଲୋକପ୍ରିୟ ଯାନବାହନରେ ପରିଣତ ହୋଇଥିଲା।

ତୃତୀୟ ଔଦ୍ୟୋଗିକ ବିପ୍ଳବ ୧୯୬୦ ଦଶକରେ ଆରମ୍ଭ ହେଲା। ଏହାକୁ କମ୍ପ୍ୟୁଟର କିମ୍ବା ଡିଜିଟାଲ ଯୁଗ କୁହାଯାଏ। ଏହି ଯୁଗରେ ଅର୍ଦ୍ଧ – ପରିବାହୀ (ସେମିକଣ୍ଡକ୍ଟର), ଟ୍ରାନ୍‌ଜିଷ୍ଟର, ଚିପ୍‌ସ, ମେନ୍‌ଫ୍ରେମ୍, କମ୍ପ୍ୟୁଟର, ପର୍ସନାଲ କମ୍ପ୍ୟୁଟର, ଲାପ୍‌ଟପ, ମୋବାଇଲ ଫୋନ, ଇଣ୍ଟରନେଟ୍ ଆଦିର ବିକାଶ ପୃଥିବୀକୁ ଗୋଟିଏ ବିଶ୍ୱ ଗ୍ରାମରେ ପରିଣତ କରିଦେଲା। ଏହାକୁ ତଥ୍ୟ ପ୍ରଯୁକ୍ତିବିଦ୍ୟା (ଇନ୍‌ଫର୍ମେସନ୍ ଟେକ୍ନୋଲୋଜି) ଯୁଗ ମଧ୍ୟ କୁହାଯାଏ। ମନୁଷ୍ୟ କରୁଥିବା ଅନେକ କାର୍ଯ୍ୟକୁ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ସାହାଯ୍ୟରେ ସ୍ୱଳ୍ପ ସମୟରେ କରିଦେଲା। ଡିଜିଟାଲ ପ୍ରଯୁକ୍ତିବିଦ୍ୟା ବ୍ୟବସାୟ, ଶିକ୍ଷା, ପ୍ରଶାସନ ଆଦିରେ ବ୍ୟବହୃତ ହେଲା।

ପ୍ରଥମ ଔଦ୍ୟୋଗିକ ବିପ୍ଳବ ୟୁରୋପରେ ଏବଂ ଦ୍ୱିତୀୟ ଔଦ୍ୟୋଗିକ ବିପ୍ଳବ ଯୁକ୍ତରାଷ୍ଟ୍ର ଆମେରିକାରେ ହୋଇଥିଲା। ଏହି ଦୁଇଟିରେ ଭାରତର କିଛି ଅବଦାନ ନ ଥିଲା। ମାତ୍ର ତୃତୀୟ ଔଦ୍ୟୋଗିକ ବିପ୍ଳବରେ ଭାରତର ପୂର୍ଣ୍ଣ ସହଯୋଗ ରହିଛି ଏବଂ ଭାରତ ଏଥିରେ ଲାଭବାନ ମଧ୍ୟ ହୋଇଛି। ଡିଜିଟାଲ ଯୁଗ ପାଇଁ ଆବଶ୍ୟକୀୟ ମାନବ ସମ୍ବଳ ଭାରତ ପାଖରେ ଉପଲବ୍ଧ ଥିବାରୁ ଭାରତ ଏଥିରୁ ସୁବିଧା ନେଇପାରିଲା। ଆମେରିକା ଓ ୟୁରୋପରେ ଶ୍ରମଶକ୍ତିର ମୂଲ୍ୟ ଅଧିକ ଥିବାରୁ ଡିଜିଟାଲ କମ୍ପାନୀଗୁଡ଼ିକ ସେଠାରେ କାର୍ଯ୍ୟକରିବା ପାଇଁ ଏସିଆ ମହାଦେଶ ଆଡ଼କୁ ଚାହିଁଲେ। ସଫ୍ଟୱେର ଇଞ୍ଜିନିୟରମାନଙ୍କ ପାଇଁ ମୁଖ୍ୟତଃ ଦୁଇଟି ଆବଶ୍ୟକତା ଦରକାର ପଡ଼ିଲା। ଏହା ହେଉଛି ଉତ୍ତମ ମେଧା ଓ ଇଂଲିଶରେ ଭଲ ଜ୍ଞାନ। ଏହି ଦୁଇଟି ଭାରତୀୟ ଯୁବ ଇଞ୍ଜିନିୟରମାନଙ୍କ ପାଖରେ ଥିବାରୁ ଭାରତ ବିଶ୍ୱ ଦରବାରରେ ସଫ୍ଟୱେର ଇଞ୍ଜିନିୟରିଂରେ ବଡ଼ ସଫଳତା ପାଇଲା। ଏସିଆ ମହାଦେଶର ଚାଇନା, କୋରିଆ ଓ ଭିଏତ୍‌ନାମରେ ମେଧାବୀ ଇଞ୍ଜିନିୟର ଥିଲେ ସୁଦ୍ଧା ସେମାନଙ୍କର ସୀମିତ ଇଂଲିଶ ଜ୍ଞାନ ଯୋଗୁ ସେମାନେ ଭାରତଠାରୁ ପଛରେ ପଡ଼ିଗଲେ। ଏଥିପାଇଁ ଆମ୍ଭେମାନେ କୃତଜ୍ଞ ଯେ, ଇଂରେଜମାନେ ଆମକୁ ଏହି ଭାଷା ଶିଖାଇଥିଲେ ଏବଂ ଭାରତର ସ୍ୱାଧୀନ ସରକାର ମଧ୍ୟ ଏହି ଭାଷାକୁ ଗୁରୁତ୍ୱ ଦେଉଛନ୍ତି। କ୍ରମେ ଭାରତରେ ବହୁଜାତୀୟ ସଫ୍ଟୱେର କମ୍ପାନୀ ପ୍ରତିଷ୍ଠିତ ହୋଇଛି। ଏକ ସମୟ ଥିଲା ଭାରତୀୟ ସଫ୍ଟୱେର ଇଞ୍ଜିନିୟରମାନେ ଆମେରିକା ଓ ୟୁରୋପର ଡିଜିଟାଲ ଦୁନିଆରେ ଛାଇ ହୋଇ ଯାଇଥିଲେ।

ବର୍ତ୍ତମାନ ଆରମ୍ଭ ହୋଇଛି ଚତୁର୍ଥ ଔଦ୍ୟୋଗିକ ବିପ୍ଳବ। ଏହା ହେଉଛି ଯାନ୍ତ୍ରିକ ଭାଷା ବା ମେସିନ୍ ଲାଙ୍ଗୁଏଜ୍‌ର ଯୁଗ। ଏଥିରେ କୃତ୍ରିମ ମେଧା, ରୋବୋଟ୍ ବିଜ୍ଞାନ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ, ଥ୍ରିଡି ପ୍ରିଣ୍ଟିଙ୍ଗ୍, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍, ଜିନୀୟ ଇଞ୍ଜିନିୟରିଂ, ବ୍ଲକ ଚେନ୍, ଭର୍ଚୁଆଲ୍ ରିୟଲିଟି ଆଦି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅଛି। ଆଧୁନିକ ମେସିନ୍ ଲାଙ୍ଗୁଏଜ୍‌ର ଏକ ବିଶେଷତ୍ୱ ହେଉଛି ଯେ ଏଥିରେ ପୂର୍ବଭଳି ଆଉ ପ୍ରୋଗ୍ରାମିଂ କରିବାକୁ ପଡ଼ିବ ନାହିଁ। କମ୍ପ୍ୟୁଟର ନିଜେ ପ୍ରୋଗ୍ରାମିଂ କରି ଗଣନା କରିବ। ଏଥିରେ ସଫ୍ଟୱେର ଇଞ୍ଜିନିୟରଙ୍କ ଭୂମିକା ଗୌଣ ହୋଇଯିବ ଏବଂ ଶକ୍ତିଶାଳୀ ସୁପରକମ୍ପ୍ୟୁଟର ନିର୍ମାଣକର୍ତ୍ତାଙ୍କ ବଳିଷ୍ଠ ଭୂମିକା ରହିବ। ଏହି ହିସାବରେ ଦେଖିଲେ ସଫଟ୍ୱେର ଇଞ୍ଜିନିୟରମାନଙ୍କର ଭବିଷ୍ୟତ ଅନ୍ଧକାର ଦେଖାଯାଉଛି ଏବଂ ଏହା ସହିତ ଭାରତୀୟ ଅର୍ଥନୀତି ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ଅଛି। କାରଣ ସଫ୍ଟୱେର ଇଞ୍ଜିନିୟରମାନେ ଭାରତକୁ ଅଧିକ ପରିମାଣର ବୈଦେଶିକ ମୁଦ୍ରା ଆଣିଥାଆନ୍ତି।

ଚତୁର୍ଥ ଔଦ୍ୟୋଗିକ ବିପ୍ଳବରେ ଯେଉଁ ଦେଶ ଶକ୍ତିଶାଳୀ ସୁପରକମ୍ପ୍ୟୁଟର ନିର୍ମାଣରେ ଦକ୍ଷ, ସେମାନେ ଅଧିକ ଲାଭବାନ ହେବେ। ୨୦୨୦ ମସିହା ନଭେମ୍ବର ମାସରେ ପ୍ରକାଶ ପାଇଥିବା ପୃଥିବୀର ଶ୍ରେଷ୍ଠ ୫୦୦ ଶକ୍ତିଶାଳୀ ସୁପରକମ୍ପ୍ୟୁଟର ମଧ୍ୟରେ ଚାଇନାର ୨୧୨ଟି, ଯୁକ୍ତରାଷ୍ଟ୍ର ଆମେରିକାର ୧୧୩ଟି ଓ ଜାପାନର ୩୪ଟି ଥିବାବେଳେ ଭାରତର ମାତ୍ର ତିନୋଟି ଅଛି। ଭାରତୀୟମାନଙ୍କ ପାଖରେ ସୁପରକମ୍ପ୍ୟୁଟର ନିର୍ମାଣର ଜ୍ଞାନ ଅଛି । କିନ୍ତୁ ଏଥିପାଇଁ ଅଧିକ ଅର୍ଥ ଆବଶ୍ୟକ ହୋଇଥାଏ। ଏଣୁ ସରକାର ଚେଷ୍ଟା ନ କଲେ ଆମେ ତୃତୀୟ ଔଦ୍ୟୋଗିକ ବିପ୍ଳବରେ ହାସଲ କରିଥିବା ସୁବିଧା ଚତୁର୍ଥ ବିପ୍ଳବରେ ଶେଷ ହୋଇଯିବ।

୭୦, ଲକ୍ଷ୍ମୀବିହାର, ଫେଜ-୧, ଭୁବନେଶ୍ୱର,
ମୋ- ୯୪୩୮୬୯୩୭୨୪

## ଏଇ ଭାରତରେ

ଜଳ ସଙ୍କଟ ଏବେ ଜଳ ସଂରକ୍ଷଣରେ ଅଭିନବ ଉପାୟ ଖୋଜିବାକୁ ବାଧ୍ୟ କରିଛି। ଏଥିପାଇଁ ସରକାର ହୁଅନ୍ତୁ ବା ବ୍ୟକ୍ତିବିଶେଷ, ପ୍ରାକୃତିକ ଜଳାଶୟର ସଂରକ୍ଷଣ ପାଇଁ ଅଣ୍ଟା ଭିଡିଛନ୍ତି। କିନ୍ତୁ ଗୁଜରାଟର ଅମିତ୍ ଜୋଷୀଙ୍କ ବର୍ଷା ଜଳ ସଂରକ୍ଷଣ ପଦ୍ଧତି ଏବେ ବେଶ୍ ଆଦୃତ ହେବାରେ ଲାଗିଛି। ସେ ଛାତ ଉପରୁ ସଂଗୃହୀତ ବର୍ଷା ଜଳକୁ ଫିଲଟର କରି ସଂରକ୍ଷିତ ରଖିବାର ଉପାୟ ଆବିଷ୍କାର କରିଛନ୍ତି। ଏଥିରେ ସେ ବର୍ଷା ଜଳକୁ 'ନିରେନ୍' ଫିଲଟର ମାଧ୍ୟମରେ ଫିଲଟର କରି ବ୍ୟବହାର ଉପଯୋଗୀ କରୁଛନ୍ତି। ଏହା ଶସ୍ତାରେ ହେଉଛି। ଏବେ ସୁଦ୍ଧା ଅମିତ୍ ୧୦ କୋଟି ଲିଟର ବର୍ଷା ପାଣି ବଞ୍ଚାଇ ସାରିଲେଣି। ଅମିତ ରହନ୍ତି ଗାନ୍ଧୀନଗରରେ। ବର୍ଜ୍ୟ ପରିଚାଳନାରେ ୧୭ ବର୍ଷ ଚାକିରି ପରେ ତାକୁ ଛାଡି ଏବେ ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ଦ୍ୱାରା ଆବିଷ୍କୃତ 'ନିରେନ' ଫିଲଟର ସିଷ୍ଟମରେ ଦୁଇ ପର୍ଯ୍ୟାୟରେ ଜଳ ଫିଲଟର ହେଉଛି। ଫିଲଟର ପରେ ପାଣି ପାଇପ ମାଧ୍ୟମରେ ସ୍ୱତନ୍ତ୍ର କୁଣ୍ଡରେ ଗଚ୍ଛିତ ରହୁଛି। ପରେ ଏହାକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଉଛି। ବହୁବର୍ଷ ଗବେଷଣା ପରେ ୨୦୧୮ ସେ ଏହି ବ୍ୟବସ୍ଥାର ଆବିଷ୍କାର କରିଥିଲେ। କିନ୍ତୁ ୨୦୨୦ରେ ଏହି ଫିଲଟର ପଦ୍ଧତିରେ ବର୍ଷାଜଳ ସଂରକ୍ଷଣ ଆରମ୍ଭ କରିଥିଲେ ଓ ଏବେ ସୁଦ୍ଧା ବିଭିନ୍ନ ଅଞ୍ଚଳରେ ୧୦୦୦ ପରିବାର ଉପକୃତ ହେବା ସହ ଉତ୍ତର ଆମେରିକାରେ ୨୦୦ ପରିବାର ଏହି ପଦ୍ଧତିରେ ବର୍ଷାଜଳ ସଂଗ୍ରହ କରି ଫିଲଟର କରୁଛନ୍ତି। ତାଙ୍କ ପଦ୍ଧତିରେ ବିଦ୍ୟୁତ ଆବଶ୍ୟକ ପଡୁନି। ଇନଓ୍ୱାଟର ପଦ୍ଧତିଠାରୁ ଏହା ୪୦ରୁ ୬୦% ଶସ୍ତା ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ମେ ୧୯୯୬

- ତାମିଲନାଡୁର ଆର୍କଟ ଆମ୍ବେଦକର ଜିଲାର ପେରୁମ୍ବୁଆଇଠାରେ ଦୁଇ ବସ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୧୩ ମୃତ।
- କେନ୍ଦ୍ରୀୟ ଅବକାରୀ ଓ ବହିଃଶୁଳ୍କ ବିଭାଗର ଅନୁମୋଦନ ନ ନେଇ ପାରାଦୀପ ବନ୍ଦରରୁ ୩,୨୮୦ ମେଟ୍ରିକ୍‌ଟନ୍ ଡିଜେଲ ନେଇ ପଳାଉଥିବା ଜାହାଜ ଜବତ।

## ଚିରନ୍ତନୀ

ମରଣ ପରେ ଅମର ହେବ
ସେ ଆଶା ନାହିଁ ପୋଷି,
ସେ ଖାଲି ମନଭୁଲାଣି ମିଛ କଥା,
ଅଳ୍ପ ଏହି ଜୀବନ-କାଳ
ନ ପାରେ ମନ ତୋଷି
କଳ୍ପନାର ସେ ଲାଗି ବାଚାଳତା! -(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | | | | |
| | | | 9 | 8 | | | | |
| 2 | | | | 7 | | | | 4 |
| 9 | | | 5 | | | | | |
| | 7 | 5 | | 4 | | | | 2 |
| | | | | | | 6 | | |
| 5 | | 6 | 8 | 9 | | 4 | | |
| | 8 | 7 | | | | 5 | | 6 |
| | 2 | | | | 3 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 6 | 1 | 2 | 4 | 9 | 8 |
| 9 | 6 | 2 | 5 | 8 | 4 | 7 | 1 | 3 |
| 4 | 8 | 1 | 3 | 9 | 7 | 2 | 6 | 5 |
| 3 | 4 | 6 | 8 | 2 | 1 | 5 | 7 | 9 |
| 8 | 1 | 9 | 4 | 7 | 5 | 3 | 2 | 6 |
| 2 | 5 | 7 | 9 | 3 | 6 | 1 | 8 | 4 |
| 5 | 7 | 4 | 1 | 6 | 9 | 8 | 3 | 2 |
| 1 | 9 | 3 | 2 | 4 | 8 | 6 | 5 | 7 |
| 6 | 2 | 8 | 7 | 5 | 3 | 9 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେଉ

ମହାଶୟ,

ଦୁର୍ନୀତିଗ୍ରସ୍ତ ଜନପ୍ରତିନିଧିଙ୍କ ପାଖରେ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ରହିଛି। ଏମାନେ ପ୍ରାପ୍ତ ରାଜନୈତିକ ଏବଂ ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି ଏସବୁ କଳାଧନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆକାରରେ ରଖିଛନ୍ତି। ହାଇସ୍କୁଲର ସାମାନ୍ୟ ହିନ୍ଦୀ ମାଷ୍ଟର ଓ କଲେଜ ଅଧ୍ୟାପକଙ୍କ ଘରୁ ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରା କୋଟି କୋଟି ଟଙ୍କାର କଳାଧନ ଜବତ କରାଯାଉଥିବା ବେଳେ ଦୁର୍ନୀତିଗ୍ରସ୍ତ ଜନପ୍ରତିନିଧିଙ୍କ ଘରେ ଭିଜିଲାନ୍ସ ଓ ସିବିଆଇ ତରଫରୁ ଚଢାଉ ହେଉନାହିଁ କାହିଁକି? ଜନପ୍ରତିନିଧିମାନେ ଆମକୁ ନିରନ୍ତର ଶୋଷଣ କରିଚାଲିଛନ୍ତି। ଏମାନେ ରଖିଥିବା କଳାଧନରେ ପ୍ରାୟତଃ ଭୂସମ୍ପତ୍ତି କ୍ରୟ କରି ଏହାକୁ ଧଳା କରୁଛନ୍ତି। ଏହି କଳାଧନକୁ ବିକ୍ରେତାଙ୍କ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କରାଯାଉଛି କିମ୍ବା ନଗଦ ଆକାରରେ ଆଗରୁ ଦିଆ ହେଉଛ। ଏହାଛଡା ଏମାନଙ୍କ ପାଖରେ କୋଟି କୋଟି ଟଙ୍କାର ସୁନା, ହୀରା, ନୀଳା ଆଦି ମୂଲ୍ୟବାନ ଅଳଙ୍କାର ମଧ୍ୟ ରହିଛି। ସରକାରୀ ଯୋଜନାର ସିଂହଭାଗ ଏମାନଙ୍କ ଦ୍ୱାରା ଆତ୍ମସାତ ହେଉଛି। ଏପରି ଅବ୍ୟାହତ ରହିଲେ, କଦାପି ଆମର ବିକାଶ ହୋଇପାରିବ ନାହିଁ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୧୭ ହାତୀଥିବା ପଲ ଝାଡ଼ଖଣ୍ଡ ମୁହାଁ

ବାରିପଦା ଅଫିସ: ଦୀର୍ଘ ଦିନ ହେଲା ଆତଙ୍କ ସୃଷ୍ଟି କରି ଆସୁଥିବା ୧୭ ହାତୀଥିବା ପଲ ମୟୂରଭଞ୍ଜ ଛାଡ଼ି ଝାଡ଼ଖଣ୍ଡ ମୁହାଁ ହୋଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଗତ ୧୮ ତାରିଖରେ ଏହି ହାତୀପଲ ଚମ୍ପୁଆ ବନଖଣ୍ଡରୁ ବୈତରଣୀ ନଦୀ ପାର ହୋଇ କରଞ୍ଜିଆ ବନଖଣ୍ଡରେ ପ୍ରବେଶ କରିଥିଲେ। ରରୁଆଁ, ଶୁକୁଳି ଏବଂ କରଞ୍ଜିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଆତଙ୍କ ଖେଳାଇ ଥିଲେ। ଖାଦ୍ୟ ଅନ୍ୱେଷଣରେ ଗାଁରେ ପଶି ବ୍ୟାପକ କ୍ଷୟକ୍ଷତି କରିଥିଲେ। ୬ ଦିନ ପରେ ହାତୀପଲ ଶୁକୁଳି ବ୍ଲକ କୁଜିଆମ ଜଙ୍ଗଲରେ ରହିଛନ୍ତି। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରହିଥିବା ବନ ବିଭାଗ ସୂଚନା ଦେଇଛି।

## ସଂକ୍ଷେପରେ

### 'ୟାସ୍' ଲାଗି କଂଗ୍ରେସର ୧୧ ଜଣିଆ ଟାସ୍କଫୋର୍ସ କମିଟି

ଭୁବନେଶ୍ୱର, ୨୩।୫(ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ୟାସ୍' ପରିପ୍ରେକ୍ଷୀରେ ୧୦ଟି ଜିଲାର ଜନସାଧାରଣଙ୍କୁ ଆବଶ୍ୟକ ସୂଚନା, ବିଭିନ୍ନ ସେବା ଓ ସହଯୋଗ ଯୋଗାଇବା ଲାଗି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ୧୧ ଜଣିଆ ଟାସ୍କଫୋର୍ସ କମିଟି ଗଠନ କରିଛନ୍ତି। ଏହି କମିଟିରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଅଧ୍ୟକ୍ଷ ଥିବାବେଳେ ବରିଷ୍ଠ କଂଗ୍ରେସ ନେତା ଜାନକୀବଲ୍ଲଭ ପଟ୍ଟନାୟକ ଆବାହକ ଅଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଶୁଭେନ୍ଦୁ ମହାନ୍ତି, ବିଶ୍ୱଭୂଷଣ ଦାସ, ଶମ୍ଭୁନାଥ ପାଣିଗ୍ରାହୀ, ପଦ୍ମାକର ଗୁରୁ, ବିଜୟାନନ୍ଦ ଚାଉଳିଆ, ନଳିନୀକାନ୍ତ ମହାନ୍ତି, ସତ୍ୟଶିବ ଦାସ, ଯୋଗେଶ ଅଗ୍ରୱାଲ ପ୍ରମୁଖ ସଦସ୍ୟ ଅଛନ୍ତି। ସେହିପରି ବାତ୍ୟା ସମ୍ଭାବନାଥିବା ଜିଲାଗୁଡ଼ିକରେ ଜିଲା କଂଗ୍ରେସ କମିଟି ସଭାପତିଙ୍କ ନେତୃତ୍ୱରେ ୮ ଜଣିଆ କମିଟି ଗଠନ କରିବା ସହ ସେମାନଙ୍କ ଯୋଗାଯୋଗ ନମ୍ବର ସହ ୨୪ ଘଣ୍ଟିଆ ହେଲ୍ପଲାଇନ ନମ୍ବର ଜିଲାବାସୀଙ୍କ ଲାଗି ଜାରିକରିବାକୁ ଓ ଲୋକଙ୍କୁ ଯଥାସମ୍ଭବ ସହଯୋଗର ହାତ ବଢ଼ାଇବାକୁ ନିରଞ୍ଜନ ନିବେଦନ କରିଛନ୍ତି।

### ଆବାସ ଯୋଜନାରେ ଓଡ଼ିଶାରୁ ୮ ଲକ୍ଷ ଲୋକ ଉପକୃତ

ଭୁବନେଶ୍ୱର, ୨୩।୫(ବ୍ୟୁରୋ): ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଓଡ଼ିଶାର ୮ ଲକ୍ଷ ୧୭ ହଜାର ୫୧୩ ଜଣ ଲାଭାର୍ଥୀ ଉପକୃତ ହୋଇଛନ୍ତି। ସେହିପରି ଏହାସହ ଦେଶରେ ୬୧.୮୪ ଲକ୍ଷ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ନିଜ ପକ୍କାଘର ସ୍ୱପ୍ନ ପୂରଣ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ରବିବାର ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। କରୋନାର ଏହି କଠିନ ପରିସ୍ଥିତିରେ ମଧ ମୋଦି ସରକାରଙ୍କ ଜନକଲ୍ୟାଣ ଯୋଜନା ଗୁଡ଼ିକ ଗରିବଙ୍କ ସାହାରା ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଜରିଆରେ ଦେଶର କୋଣ ଅନୁକୋଣରେ ଗରିବ ଏବଂ ବଞ୍ଚିତଙ୍କ ମୁଣ୍ଡ ଉପରେ ପକ୍କା ଛାତ ଦେଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ତାଙ୍କର ସମ୍ମାନକୁ ସୁନିଶ୍ଚିତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ପ୍ରଶଂସିତ ଅଙ୍ଗନୱାଡ଼ି କର୍ମୀଙ୍କ ପରଲୋକ

ହିଞ୍ଜିଳିକାଟୁ,୨୩।୫(ଡି.ଏନ.ଏ.): କର୍କଟରେ ଆକ୍ରାନ୍ତ ହୋଇ ମଧ ଗତବର୍ଷ ଲୋକଙ୍କୁ କରେନା ସମ୍ପର୍କରେ ସଚେତନ କରି ଚର୍ଚ୍ଚାକୁ ଆସିଥିବା ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଖଣ୍ଡରା ଗ୍ରାମର ଅଙ୍ଗନୱାଡ଼ି କର୍ମୀ ରମା ସାହୁଙ୍କ ରବିବାର ପରଲୋକ ଘଟିଛି। ରମା ନିଜ ଅସୁସ୍ଥତାକୁ ପଛରେ ପକାଇ କରୋନାର ପ୍ରଥମ ଲହର ସମୟରେ ନିଜ ପଞ୍ଚାୟତରେ ୨୦୧ ଘର ବୁଲି ମା' ଓ ଶିଶୁଙ୍କୁ ଖାଦ୍ୟ ବଣ୍ଟନ କରିବା ସହ ଲୋକଙ୍କ ମଧ୍ୟରେ କରୋନା ସଚେତନତା ସୃଷ୍ଟି କରୁଥିଲେ। ସେ ସମୟରେ ରାଜ୍ୟ ସରକାରଙ୍କ କରୋନା ମୁଖପାତ୍ର ଥିବା ସୁବ୍ରତୋ ବାଗଚୀ ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ୨ ସନ୍ତାନଙ୍କ ଅକାଳ ମୃତ୍ୟୁ ଓ କର୍କଟ ରୋଗାକ୍ରାନ୍ତ ସତ୍ତ୍ୱେ ଉତ୍ତମ କାର୍ଯ୍ୟ କରିଥିବାରୁ ଜିଲା ଓ ରାଜ୍ୟସ୍ତରରେ ରମା ପୁରସ୍କୃତ ହୋଇଥିଲେ। ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ଖବର ପରିବେଷଣ ପରେ ଦିଲ୍ଲୀର ମ୍ୟାନକାଇଣ୍ଡ ଫାର୍ମା ନାମକ ଏକ କମ୍ପାନୀ ରମାଙ୍କ ଚିକିତ୍ସା ପାଇଁ ୧ ଲକ୍ଷ ଟଙ୍କା ସହାୟତା ଯୋଗାଇଥିଲା। ରମାଙ୍କ ବିୟୋଗରେ ହିଞ୍ଜିଳିକାଟୁ ସିଡିପିଓ ଶୁଭଶ୍ରୀ ପାତ୍ରଙ୍କ ସହ ବହୁ କର୍ମଚାରୀ, ଅଙ୍ଗନୱାଡ଼ି ଶୋକ ପ୍ରକାଶ କରିଛନ୍ତି।

# '୨୪ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବା ଲାଗି ପ୍ରସ୍ତୁତି'

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ୟାସ୍' ଦ୍ୱାରା ସଙ୍ଗଠିତ ସମ୍ଭାବ୍ୟ କ୍ଷୟକ୍ଷତିର ମୁକାବିଲା ସହ ବାତ୍ୟା ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସରବରାହର ପୁନରୁଦ୍ଧାର ନିମନ୍ତେ ନିଜକୁ ପ୍ରସ୍ତୁତ ରଖିବାକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ରବିବାର ସମସ୍ତ ବିତରଣ କମ୍ପାନୀ, ଗ୍ରୀଡ୍‌କୋ, ଓପିଟିସିଏଲ୍, ପିଜିସିଆଇଏଲ୍ ଓ ଏନ୍‌ଟିପିସିର ଅଧିକାରୀଙ୍କୁ ଭର୍ଚୁଆଲ ବୈଠକରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରିବାକୁ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ସହ ମାନବ ସମ୍ବଳ ବିନିଯୋଗ, ଯନ୍ତ୍ରପାତିର

**ଶକ୍ତିମନ୍ତ୍ରୀଙ୍କ ସମୀକ୍ଷା**

ଉପଯୋଗ ଓ ସରଞ୍ଜାମ ଉପଲବ୍ଧ ଆଦିକୁ ପ୍ରଭାବୀ ଭାବେ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ବିଦ୍ୟୁତ୍‌ଜନିତ ଧନଜୀବନ ହାନି ଯେପରି ନ ଘଟେ ସେଥିପ୍ରତି ଧ୍ୟାନ ଦେବାକୁ ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ-ମୃତ୍ୟୁ ମିଶନକୁ ସଫଳ କରିବାକୁ ସେ ପରାମର୍ଶ ଦେବାସହ ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିବା ଅଧିକାରୀମାନେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧିଙ୍କ ସହ ଯୋଗାଯୋଗରେ ରହି ସେମାନଙ୍କ ସହଯୋଗ ନେବାକୁ କହିଛନ୍ତି।

ସେ କହିଛନ୍ତି ଯେ ପ୍ରତି ଜିଲାରେ ନିୟନ୍ତ୍ରଣ କକ୍ଷ ସ୍ଥାପନ ସହ ଜିଲା ପ୍ରଶାସନ ସହିତ ସମ୍ପର୍କରେ ରହିବା। ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ କୋଭିଡ୍ ହସ୍ପିଟାଲ୍‌ଗୁଡ଼ିକ କାର୍ଯ୍ୟକ୍ଷମ ରହିଛି। ତେଣୁ ଏହି ବାତ୍ୟା ସମୟରେ କିପରି ବିକଳ୍ପ ପଦ୍ଧତିରେ ବିଦ୍ୟୁତ୍ ଯୋଗାଣ କରାଯିବ ସେଥିପାଇଁ ଆକଳନ କରି ଡିଜି ସେଟ୍ ଉପଲବ୍ଧ କରିବାକୁ ହେବ। ବାତ୍ୟା ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଜିଲା ସଦର ମହକୁମା, କୋଭିଡ୍ ହସ୍ପିଟାଲ, ଅକ୍ସିଜେନ ପ୍ଲାଣ୍ଟ, ବ୍ଲକ ମୁଖ୍ୟାଳୟ, ପାଣି ପମ୍ପ ପ୍ରଭୃତି ସ୍ଥାନକୁ ଅଗ୍ରାଧିକାରଭିତ୍ତିରେ ବିଦ୍ୟୁତ୍ ଯୋଗାଣ କରାଯିବ। ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ତରଫରୁ ଆବଶ୍ୟକ ମାନବସମ୍ବଳ ଓ ଉପକରଣ, ଯାନବାହନ ଆଦି ଆଗୁଆ ପ୍ରସ୍ତୁତ ରଖାଯାଇଥିବା ପ୍ରକାଶ କରାଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ, କେବୁଲ, ତାର, ଟ୍ରାନ୍ସଫର୍ମର, ଶକ୍ତିଚାଳିତ କରତ, ବାଉଁଶ ଶିଡ଼ି, ଡବଲ ପୁଲି, ହାଇଡ୍ରା ମେଶିନ, ପୋଲ୍ ମାଷ୍ଟର, ୱେଲ୍ଡିଂ ମେଶିନ, ଆସ୍କା ଲାଇଟ୍, ଡିଜି ସେଟ୍, ଟର୍ଚ୍ଚ ଲାଇଟ୍, ଭ୍ରାମ୍ୟମାଣ ପାୱାର ବ୍ୟାଙ୍କ, ଫାଷ୍ଟ-ଏଡ୍ ବକ୍ସ, କର୍ମଚାରୀଙ୍କ ପାଇଁ ଶୁଖିଲା ଖାଦ୍ୟ, ଔଷଧ, ସାପ ବିଷନାଶକ ଔଷଧ ଆଦି ମହଜୁଦ ରଖାଯାଇଥିବା କୁହାଯାଇଛି। ଖୁବ୍‌ଶୀଘ୍ର ବିଦ୍ୟୁତ୍ କମ୍ପାନୀଗୁଡ଼ିକ ଏବଂ ଓପିଟିସିଏଲ୍ ତରଫରୁ ବୈଦ୍ୟୁତିକ ଓ ମୁଦ୍ରଣ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଜ୍ଞାପନ ପ୍ରକାଶ କରାଯିବ। ସୋମବାର ମକ୍‌ଡ୍ରିଲ୍ କରାଯାଇ କର୍ମଚାରୀଙ୍କୁ ତ୍ୱରିତ ସେବା ଏବଂ ପୁନରୁଦ୍ଧାର ଉପରେ ତାଲିମ ଦିଆଯିବ।




ଭୁବନେଶ୍ୱର କଳ୍ପନା ଛକସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ କର୍ମଚାରୀମାନେ ସମ୍ଭାବ୍ୟ ବାତ୍ୟା ପୂର୍ବରୁ ରବିବାର ବିଭିନ୍ନ ସରଞ୍ଜାମ ପ୍ରସ୍ତୁତ କରୁଛନ୍ତି।

# 'ଲୋକଙ୍କୁ ଠିକଣା ସମୟରେ ସ୍ଥାନାନ୍ତର କର'

**ବାତ୍ୟା ପୂର୍ବରୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ରବିବାର ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହାର ପ୍ରସ୍ତୁତି ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି। ଭର୍ଚୁଆଲରେ ହୋଇଥିବା ସମୀକ୍ଷାରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ହୋଇଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି)କୁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କଡାକଡି ପାଳନ ଲାଗି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜାରି କରାଯାଇଥିବା ଏସ୍‌ଓପିରେ ବତ୍ୟା ସମୟରେ ଲୋକଙ୍କ ରହଣି ପାଇଁ ବିକଳ୍ପ ଆଶୟସ୍ଥଳର ଅନୁଧ୍ୟାନ ସହିତ ତାହା ତୁରନ୍ତ ବୃତାନ୍ତ କରିବାକୁ କୁହାଯାଇଛି। ବିଶେଷକରି କରୋନା ସଂକ୍ରମିତ ବ୍ୟକ୍ତି ଯେଉଁମାନେ ଗୃହ ସଙ୍ଗରୋଧରେ ଅଛନ୍ତି ସେମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ସକାଶେ ଅଧିକ ସଂଖ୍ୟାରେ ଆଶ୍ରୟସ୍ଥଳ ଲାଗି କୁହାଯାଇଛି। ଏହାସହ ଲୋକଙ୍କୁ ଯେଭଳି ଠିକଣା ସମୟରେ ସ୍ଥାନାନ୍ତର କରାଯାଇପାରିବ ଏବଂ ସେମାନଙ୍କ ପାଇଁ ବିଭିନ୍ନ ଖାଦ୍ୟସାମଗ୍ରୀ ଯଥା ଛତୁଆ, ବିସ୍କୁଟ ସହିତ ପାନୀୟଜଳ ଓ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବୃଦ୍ଧ, ଶାରୀରିକ ଓ ମାନସିକ ଅକ୍ଷମ, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା, ଶିଶୁ ଏବଂ ନବଜାତଙ୍କ ସ୍ୱତନ୍ତ୍ର ଯତ୍ନ ନେବା ସହିତ ଆଶୁ ଚିକିତ୍ସା ବାକ୍ସ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ମ୍ୟୁନିସିପାଲ କମିଶନର ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସମ୍ଭାବ୍ୟ ବାତ୍ୟା ଦୃଷ୍ଟିରୁ ପୂର୍ଣ୍ଣ ସଜାଗ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମହିଳା, ଶିଶୁ ଓ ଅନ୍ୟ ସମ୍ବେଦନଶୀଳ ବ୍ୟକ୍ତିଙ୍କ ସୁରକ୍ଷାଲାଗି ଆଶୟସ୍ଥଳଗୁଡିକରେ ମହିଳା ହୋମଗାର୍ଡ ଓ ସୁରକ୍ଷାକର୍ମୀ ନିଯୁକ୍ତି ପାଇଁ କୁହାଯାଇଛି। ସ୍ଥାନୀୟ ସ୍ୱେଚ୍ଛାସେବୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚିହ୍ନଟ କରି ଆଶ୍ରୟସ୍ଥଳରେ ମୁତୟନ ଲାଗି ଏସ୍‌ଓପିରେ ଉଲ୍ଲେଖ ରହିଛି।

# ଭାଇ ବାହାଘରରେ ମହିଳା ତହସିଲଦାରଙ୍କ ନୃତ୍ୟ, ଭିଡିଓ ଭାଇରାଲ

ତିର୍ତ୍ତୋଲ,୨୩।୫ (ଡି.ଏନ୍.ଏ.)

ଭାଇ ବାହାଘର ସମୟରେ ଜଣେ ମହିଳା ତହସିଲଦାର କୋଭିଡ୍ ନିୟମ ଉଲ୍ଲଂଘନ କରି ନାଚୁଥିବା ଭିଡିଓ ଭାଇରାଲ ହୋଇଛି। ସେ ଯାଜପୁର ଜିଲାର ଜଣେ ତହସିଲଦାର ହୋଇଥିବାବେଳେ ଶୁକ୍ରବାର ରାତିରେ ଭାଇଙ୍କ ବାହାଘର ବରଯାତ୍ରୀ ଦଳ ସହ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମକୁ ଆସିଥିଲେ। ମାତ୍ର ଏହି ସମୟରେ କୋଭିଡ୍ ନିୟମ ମାନିବାକୁ ସମ୍ପୂର୍ଣ୍ଣ ଭୁଲିଯାଇଥିଲେ। ଲକ୍‌ଡାଉନ୍ ସମୟରେ ବିବାହ ଉତ୍ସବରେ କେବଳ ୨୫ଜଣ ଯୋଗଦେବା ପାଇଁ ନିୟମ ଥିବା ବେଳେ ଏହାକୁ ଉଲ୍ଲଂଘନ କରାଯାଇ ବରଯାତ୍ରୀ ଦଳରେ ଶତାଧିକ ଲୋକ ସାମିଲ ହୋଇଥିଲେ। କାହା ମୁହଁରେ ମାସ୍କ ନ ଥିବା ବେଳେ କେହି ସାମାଜିକ ଦୂରତ୍ୱ ମାନି ନ ଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଏପରି କି ସମ୍ପୃକ୍ତ ତହସିଲଦାର ମଧ କୌଣସି ନିୟମ ନ ମାନି ନାଚଗୀତରେ ମସ୍‌ଗୁଲ୍ ଥିବା ଜଣାପଡ଼ିଛି। ତାଙ୍କ ବ୍ୟତୀତ ଉକ୍ତ ବରଯାତ୍ରୀ ଦଳରେ ବହୁ ହାଇପ୍ରୋଫାଇଲ ଲୋକ ଓ ପ୍ରଶାସନିକ ଅଧିକାରୀ ମଧ ସାମିଲ ହୋଇଥିଲେ। ଜଗନ୍ନାଥପୁର ବଜାରଠାରୁ ବରଯାତ୍ରୀ ଦଳ ପାଖାପାଖି ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ବାଣ ଫୁଟାଇ, ଡିଜେ ବଜାଇ ଶୋଭାଯାତ୍ରା କରିଥିଲେ। ଖବରପାଇ ତିର୍ତ୍ତୋଲ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଫେରିଆସିଥିବା ଚର୍ଚ୍ଚା ହୋଇଛି। ସାଧାରଣ ଲୋକ ନିୟମ ଭାଙ୍ଗିଲେ ପୋଲିସ ମାଡ଼ମାରି ଜରିମାନା ଆଦାୟ କରୁଥିବା ବେଳେ ଏଠାରେ ଚୁପ କାହିଁକି ରହିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ତିର୍ତ୍ତୋଲ ଏସ୍‌ଡିପିଓ ଦୀପକ କୁମାର ଜେନା କହିଛନ୍ତି, ରବିବାର ସମ୍ପୃକ୍ତ ଗ୍ରାମକୁ ଏକ ପୋଲିସ ଟିମ୍ ଯାଇ ଘଟଣାର ତଦନ୍ତ କରିଛି। ଉକ୍ତ ବିବାହ ଉତ୍ସବରେ କୋଭିଡ ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ଏନେଇ ମାମଲା ରୁଜୁ ହେବ ବୋଲି ସେ କହିଛନ୍ତି।

# ବାଲେଶ୍ୱର, ଭଦ୍ରକରେ ଅଗ୍ନିଶମ ଆଇଜି

**ବିଭିନ୍ନ ଜିଲାରେ ୧୭୫ ଉଦ୍ଧାରକାରୀ ଟିମ୍ ପ୍ରସ୍ତୁତ**

ଭୁବନେଶ୍ୱର,(ବ୍ୟୁରୋ)/ ବାଲେଶ୍ୱର ଅଫିସ, ୨୩।୫

ସମ୍ଭାବ୍ୟ ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ଉପକୂଳବର୍ତ୍ତୀ ଜିଲା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ଅଗ୍ନିଶମ ବିଭାଗ ସଜାଗ ରହିଛି। ଏସବୁ ଜିଲାରେ ବାତ୍ୟାର ପ୍ରଭାବ ଅଧିକ ରହୁଥିବାରୁ ବ୍ୟାପକ ପ୍ରସ୍ତୁତି ସହ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଘନଘନ ଗସ୍ତ କରି ସ୍ଥିତିର ସମୀକ୍ଷା କରୁଛନ୍ତି। ଶନିବାର ଅଗ୍ନିଶମ ଡିଜି ଏମ୍. ଅକ୍ଷୟ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରବିବାର ଅଗ୍ନିଶମ ଆଇଜି ଅସିତ ପାଣିଗ୍ରାହୀ ଭଦ୍ରକ ଓ ବାଲେଶ୍ୱର ଜିଲାକୁ ଯାଇ ସ୍ଥିତି ପରଖିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବାତ୍ୟା ପ୍ରଭାବିତ ହେବାକୁ ଥିବା ସମ୍ଭାବ୍ୟ ଜିଲାଗୁଡିକରେ ବର୍ତ୍ତମାନ ସୁଦ୍ଧା ୧୭୫ଟି ଉଦ୍ଧାରକାରୀ ଦଳକୁ ମୁତୟନ କରାଯାଉଛି।

ଆଇଜି ପାଣିଗ୍ରାହୀ ପ୍ରଥମେ ଭଦ୍ରକ ଜିଲା ଗସ୍ତ କରି ଭଦ୍ରକ ଦମକଳ କେନ୍ଦ୍ରଠାରେ ବରିଷ୍ଠ ଅଗ୍ନିଶମ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ଜିଲାରେ ପ୍ରଭାବିତ ହେବାକୁ ଥିବା ୭ଟି ଅଞ୍ଚଳକୁ ଚିହ୍ନଟ କରାଯାଇଛି। ଜିଲା ଅଗ୍ନିଶମ ବାହିନୀ ତରଫରୁ ୯ଟି ଟିମ୍ ପ୍ରସ୍ତୁତ ହୋଇଥିବାବେଳେ ଆଉ ୧୧ ଟିମ୍ ଜିଲା ବାହାରୁ ମୁତୟନ କରାଯାଇଥିବା ସୂଚନା ଦିଆଯାଇଛି। ତେବେ ବାତ୍ୟାର ସଫଳ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସେ ନିର୍ଦ୍ଦେଶ ଦେବା ସହ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ।

ଏହାପରେ ଆଇଜି ବାଲେଶ୍ୱର ଜିଲା ଗସ୍ତ କରି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ସହ ସମ୍ଭାବ୍ୟ ବାତ୍ୟାକୁ ନେଇ ଆଲୋଚନା କରିଥିଲେ। ପରେ ବାଲେଶ୍ୱର ଦମକଳ କେନ୍ଦ୍ରରେ ବରିଷ୍ଠ ଅଗ୍ନିଶମ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଜିଲା ଅଗ୍ନିଶମ ବାହିନୀ ତରଫରୁ ୧୨ଟି ଟିମ୍ ପ୍ରସ୍ତୁତ ହୋଇ ରହିଥିବାବେଳେ ଆଉ ୧୮ଟି ଟିମ୍ ଜିଲା ବାହାରୁ ମୁତୟନ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି। ବାତ୍ୟା ମୁକାବିଲା ପାଇଁ ବ୍ୟବହୃତ ହେବାକୁ ଥିବା ଉଦ୍ଧାରକାରୀ ଯନ୍ତ୍ରାଂଶ ଯଥା ପାୱାର ସ, ପାୱାର ବୋଟ୍, ଲାଇଟ୍ ଆଦିର କାର୍ଯ୍ୟ କ୍ଷମତା ଏବଂ ଖରାପ ଯନ୍ତ୍ରାଂଶର କିପରି ଶୀଘ୍ର ମରାମତି କରାଯାଇ ପୁନଃ କାର୍ଯ୍ୟକ୍ଷମ କରାଯାଇପାରିବ ଏହା ଉପରେ ସମୀକ୍ଷା କରିଥିଲେ। ଏଥିସହିତ କୋଭିଡ୍ ନିର୍ଦ୍ଦେଶାବଳୀକୁ ଅନୁସରଣ କରି ଉଦ୍ଧାରକାରୀ ଦଳ ଯନ୍ତ୍ରାଂଶ ସହ ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସଜାଗ ରହିବା ଏବଂ ଜିଲା ପ୍ରଶାସନ ସହିତ ସମନ୍ୱୟରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ଯନ୍ତ୍ରାଂଶ।



ବାଲେଶ୍ୱର ଜିଲା ଅଗ୍ନିଶମ କାର୍ଯ୍ୟାଳୟରେ ଅଗ୍ନିଶମ ଆଇଜି ଅସିତ ପାଣିଗ୍ରାହୀ।

# ରିପୋର୍ଟ ଆସିବା ପୂର୍ବରୁ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୩।୫

ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ବ୍ଲାକ୍ ଫଙ୍ଗସ୍ ପରୀକ୍ଷା ପାଇଁ ତାଙ୍କ ନାକରୁ ସ୍ୱାବ୍ ନମୁନା ସଂଗ୍ରହ କରି ମାଇକ୍ରୋବାୟୋଲୋଜି ବିଭାଗକୁ ପଠାଯାଇଥିଲା। ରିପୋର୍ଟ ଆସିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଛି। ରବିବାର ଆସିଥିବା ରିପୋର୍ଟରେ ସେ ବ୍ଲାକ୍ ଫଙ୍ଗସ୍ ରୋଗରେ ଆକ୍ରାନ୍ତ ନ ଥିବା ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର କହିଛନ୍ତି। ଡାକ୍ତରମାନେ ତାଙ୍କର ବ୍ଲାକ୍ ଫଙ୍ଗସ୍ ଥିବା ଅନୁମାନ କରୁଥିଲେ।

**ଏମ୍‌କେସିଜିରେ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ଘଟଣା**

ମହିଳା ଜଣକ ଗତ ୩ ଦିନ ତଳେ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ଅବସ୍ଥା ଗୁରୁତର ଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ଶୁକ୍ରବାର ମେଡିସିନ୍ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେ ଭଲ ଭାବେ କଥା କହି ପାରୁ ନ ଥିବା ବେଳେ ତାଙ୍କର ମୁହଁ ଫୁଲିଥିଲା ଓ ଆଖି କଳା ପଡ଼ି ଯାଇଥିଲା।

**OFFICE OF THE DIVISIONAL FOREST OFFICER**
**REDHAKHOL FOREST DIVISION**
**Mobile No. 9437054951,**
**Email ID: dforedhakhol@gmail.com**

No.MM-69:- Redhakhol Forest Division is inviting tender for trench work around plantation area to be taken up in Redhakhol Forest Division during 2021-22 Financial year. The tenderers having eligibility criteria are required to apply.

For details & tender documents, please visit the following website: www.odisha.gov.in (tenders.gov.in) and www.odishaforest.in.

**Sd./- Divisional Forest Officer**
**Redhakhol Division**
OIPR-08030/11/0001/2122

# ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବ କଂଗ୍ରେସ

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

୨ ଦିନ ତଳେ ରାଜ୍ୟ ସରକାର କ୍ୟାବିନେଟ ବୈଠକରେ ମଦ ବ୍ୟବସାୟୀଙ୍କ ଉପରୁ ୨୦୨୦ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ଫି' ଛାଡ଼ କରିବା ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସାରା ରାଜ୍ୟରେ ବହୁ ସ୍ୱଳ୍ପ, ନିମ୍ନ ଆୟକାରୀ ବ୍ୟବସାୟୀମାନେ ବ୍ୟବସାୟ ପ୍ରତିଷ୍ଠାନ କରିଥିଲେ ମଧ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଲାଇସେନ୍ସ ଫି' ରାଜ୍ୟ ସରକାର ଛାଡ଼ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ବିରୋଧ କରିଛି। ସେହିପରି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଏବଂ ରନ୍ଧନଗ୍ୟାସ୍, ପେଟ୍ରୋଲ ଓ ଡିଜେଲ ଉପରେ ମାତ୍ରାଧିକ ଭାଟ୍ ଲାଗିବା ଦ୍ୱାରା ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। କଂଗ୍ରେସ ଏହାକୁ ବିରୋଧ କରିବା ସହ ସରକାର ତୁରନ୍ତ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ଉପରେ ବର୍ଦ୍ଧିତ ଭାଟ୍‌କୁ କମ୍ କରି ଖାଦ୍ୟପଦାର୍ଥର ଦରଦାମ୍ ନିୟନ୍ତ୍ରଣ କରନ୍ତୁ ବୋଲି ଦାବି କରିଛି। ମହାମାରୀ ସମୟରେ ଗରିବ, ନିମ୍ନରୋଜଗାରୀ, ଶ୍ରମିକ ଓ ମଧ୍ୟବିତ୍ତଙ୍କୁ ଅହେତୁକ ଦରଦାମ୍ ବୃଦ୍ଧିଜନିତ ଖର୍ଚ୍ଚାନ୍ତରୁ ରକ୍ଷା କରିବା ଦାବିରେ ରାଜ୍ୟର ସମସ୍ତ ଜିଲାପାଳ କାର୍ଯ୍ୟାଳୟ ଆଗରେ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିବା ନେଇ ନିଷ୍ପତ୍ତି ନେଇଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ମହିଳା, ଯୁବ ଓ ଛାତ୍ର କଂଗ୍ରେସର ସଭାପତିମାନେ ସେମାନଙ୍କ ଜିଲା ସଭାପତିଙ୍କ ସହିତ ସୋମବାର ପ୍ରତି ଜିଲାସ୍ତରରେ ମିଳିତ ଭାବେ ଘଣ୍ଟିକିଆ ଧାରଣା ଦେବେ। ଏହାସହ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ନିରଞ୍ଜନ ନିର୍ଦ୍ଦେଶ ଦେଇଛନ୍ତି।

# ନର୍ସରି ୱାଚରଙ୍କୁ ଗୁଳିକରି ହତ୍ୟା ଘଟଣା, ୨ଗିରଫ

ବଲାଙ୍ଗୀର ଅଫିସ, ୨୩।୫

ବଲାଙ୍ଗୀର ଜିଲା ସଇଁତଲା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କରମତଲା ଗ୍ରାମ ନିକଟ ଜଙ୍ଗଲରେ ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ଫରେଷ୍ଟ ନର୍ସରି ୱାଚର ଯୋଗେଶ୍ୱର ବୁଡେକ (୧୯)ଙ୍କୁ ଦୁଇଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଥିଲେ। ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ ହୋଇଥିବା ବଲାଙ୍ଗୀର ଏସ୍‌ପି ନିତିନ କୁଶଲକର ସୂଚନା ଦେଇଛନ୍ତି। ତଦନ୍ତ ଦୃଷ୍ଟିରୁ ଗିରଫ ଦୁଇଜଣ ଅଭିଯୁକ୍ତଙ୍କ ନାମ ପ୍ରଘଟ କରାଯାଉନାହିଁ ବୋଲି ସେ କହିଥିଲେ। ତେବେ ସେମାନେ ସ୍ଥାନୀୟ ଅଞ୍ଚଳର ବୋଲି ସେ ସୂଚନା ଦେଇଛନ୍ତି। ଦୁଇ ଅଭିଯୁକ୍ତ ଜଙ୍ଗଲକୁ ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଯାଉଥିଲେ। ପାଟ୍ରୋଲିଂ କରୁଥିବା ଫରେଷ୍ଟର ସୁଧୀର କୁମାର ଜେନା ଓ ୱାଚର ବୁଡେକ ସେମାନଙ୍କୁ ଅଟକାଇ ପଚାରିବା ପରେ ଉତ୍‌କ୍ଷିପ୍ତ ହୋଇ ଜଣେ ଅଭିଯୁକ୍ତ ରଖିଥିବା ବନ୍ଧୁକରୁ ଗୁଳି କରିବାରୁ ୱାଚର ବୁଡେକଙ୍କ ମୃତ୍ୟୁ ଘଟିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏଥିରେ ଆଉ କେହି ଅଭିଯୁକ୍ତ ରହିଛନ୍ତି କି ସେ ନେଇ ଅନୁସନ୍ଧାନ ଚାଲିଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି କୁଶଲକର ସୂଚନା ଦେଇଛନ୍ତି। ଏହି ସମୟରେ ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

**ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ**



ବଲାଙ୍ଗୀର ଏସ୍‌ପି ନିତିନି କୁଶଲକର ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଉଛନ୍ତି।

**BRIDGE & ROOF CO. (INDIA) LTD.**
बी एण्ड आर B AND R
*(A GOVERNMENT OF INDIA ENTERPRISES)*
**CIN No.U27310WB1920GOI003601**
"KANKARIA CENTRE", (4TH & 5TH FLOOR), 2/1, RUSSEL STREET, KOL - 71

Applications for Expression of Interest (EOIs) are invited from Reputed, Resourceful and Experienced Parties meeting prescribed **QUALIFYING CRITERIA** for the following works under **SOFTWARE TECHNOLOGY PARKS OF INDIA (STPI), BHUBANESWAR, GOVT. OF INDIA:**

| Sl. No. | Description of Work & Notice Inviting Expression of Interest (EOI) No. | Date of Availability of EOI Tender Document in Website as well as CPP Portal | Last Date of Bid Submission (ON-LINE) |
|---|---|---|---|
| 1. | Construction of STPI Building (G+1) including all Civil Works, Interior, Electrical, DG Set, HVAC, Solar Water Heater System, CCTV, LAN, EPABX, Horticulture & other Allied works etc. at Jajpur. [EOI No. B&R / HO / STPI / 51194 / JAJPUR / EOI / CW / 01] | 24.05.2021 | 07.06.2021 |
| 2. | Construction of Additional Infrastructure & Incubation Space (G+3) Including all Civil Works, Interior, Electrical, DG Set, HVAC, Lift, Solar Water Heater System, CCTV, LAN, EPABX, Horticulture & other Allied works etc. at Rourkela. [EOI No. B&R / HO / STPI / 51194 / ROURKELA / EOI / CW / 01] | 24.05.2021 | 07.06.2021 |
| 3. | Construction of Innovation Tower Buildings (LB+UB+G+9) at Bhubneswar, in the District of Khorda. [EOI No. B&R / HO / STPI / 51194 / BBSR / EOI / CW / 01(R)] | 26.05.2021 | 09.06.2021 |

Interested Bidder(s) will have to be enrolled & registered with the Government e-Procurement System; through logging on to https://eprocure.gov.in.

Addendum / Corrigendum, if any, shall be hosted in Company's Website : www.bridgeroof.co.in and CPP portal : https://eprocure.gov.in only.

ଧରିତ୍ରୀ
DHARITRI
ସୋମବାର, ୨୪ ମେ, ୨୦୨୧



## ସଂକ୍ଷେପରେ

### ଦୁର୍ଘଟଣାରେ ମାମୁ-ଭଣଜା ମୃତ, ଭାଣିଜୀ ଗୁରୁତର

**ମାଲକାନଗିରି,୨୩।୫(ଡି.ଏନ୍.ଏ.):** ମାଲକାନଗିରି ଜିଲା ଗୌଡ଼ଗୁଡ଼ାଠାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମାମୁ ଓ ଭଣଜାଙ୍କ ମୃତ୍ୟୁ ଘଟିଛି। ସେହିପରି ଭାଣିଜୀ ଗୁରୁତର ହୋଇଛନ୍ତି। ୨ ମୃତକ ହେଲେ ଏମ୍‌ଭି-୦୧ ଗ୍ରାମର ମାମୁ ମିଥୁନ ବଶ୍ୱାସ(୨୮) ଏବଂ ଭଣଜା ପୀୟୂଷ ଦାସ(୪)। ଘଟଣାରୁ ପ୍ରକାଶ,ଏମ୍‌ଭି-୯ ଗ୍ରାମରୁ ଏକ ଟ୍ରକ୍ ମାଲକାନଗିରି ଅଭିମୁଖେ ଯାଉଥିଲା। ଏହି ସମୟରେ ଏମ୍‌ଭି-୧ ଗ୍ରାମରୁ ଏମ୍‌ଭି-୯ ଅଭିମୁଖେ ଯାଉଥିବା ମିଥୁନ୍‌ଙ୍କ ବାଇକ୍ ସହ ଗୌଡ଼ଗୁଡ଼ା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ମିଥୁନ ଏବଂ ପୀୟୂଷଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଭାଣିଜୀ ସୁଚିତ୍ରା(୨୬) ଗୁରୁତର ହୋଇଛନ୍ତି। ସୁଚିତ୍ରାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ସ୍ୱଧାର ଗୃହରୁ ତିନି ଅନ୍ତେବାସୀ ଫେରାର

**ଅମରପାଲି,୨୩।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ୱଧାର ଗୃହରୁ ରବିବାର ଅପରାହ୍ନରେ ପାଚେରି ଡେଇଁ ତିନି ଅନ୍ତେବାସୀ ଫେରାର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମା'ଝିଅ ସାମିଲ ଅଛନ୍ତି। ଆଉ ଜଣେ ୨୬ବର୍ଷୀୟା ମହିଳା ଏବେ ପାଞ୍ଚ ମାସର ଗର୍ଭବତୀ ଥାଇ ମଧ୍ୟ ଫେରାର ହୋଇଛନ୍ତି। ଫେରାର ମା' ୨୮ବର୍ଷୀୟା ହୋଇଥିବା ବେଳେ ଝିଅର ବୟସ ୬ବର୍ଷ। ସେମାନେ ୨୦୧୯ ଅକ୍ଟୋବର ୩୧ ତାରିଖରେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳରୁ ଉକ୍ତ ସ୍ୱଧାର ଗୃହକୁ ଆସିଥିଲେ। ଗର୍ଭବତୀ ମହିଳା ଜଣକ ଗତ ଏପ୍ରିଲ ୨୬ତାରିଖରେ ବିନିକା ଥାନା ଅଞ୍ଚଳରୁ ଆସିଥିଲେ। ତାଙ୍କ ଘର ବରଗଡ଼ରେ ବୋଲି ସୂଚନା ମିଳିଛି। ଏ ନେଇ ବୀରମହାରାଜପୁର ଥାନାରେ ଅଭିଯୋଗ ହୋଇଛି। ସ୍ୱଧାର ଗୃହରୁ ଅନ୍ତେବାସୀ ଫେରାର ପରେ ଏହାର ସୁରକ୍ଷା ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଗତ ଫେବୃୟାରୀ ମାସରେ ପାଚେରି ଡେଇଁ ଜଣେ ଅନ୍ତେବାସୀ ଫେରାର ହେଉଥିବାବେଳେ ପୋଲିସ ଧରି ହସ୍ତାନ୍ତର କରିଥିଲେ ମଧ୍ୟ ପୁଣି ସପ୍ତାହକ ମଧ୍ୟରେ ସେ ଫେରାର ହୋଇଯାଇଥିଲେ। ଏ ନେଇ ସ୍ୱଧାର ଗୃହ ସୁପରିଣ୍ଟେଣ୍ଡେଣ୍ଟ ଭାଗ୍ୟଲକ୍ଷ୍ମୀ ସାହୁ ଘଟଣାକୁ ସ୍ୱୀକାର କରିଛନ୍ତି। ବୀରମହାରାଜପୁର ଥାନାରେ ମୌଖିକ ଭାବେ ଜଣାଇବା ସହ ଫେରାର ଅନ୍ତେବାସୀଙ୍କୁ ଖୋଜାଖୋଜି କରାଯାଉଛି ବୋଲି ସେ କହିଛନ୍ତି।

### ଆମ୍ବୁଲାନ୍ସରେ ମଦ ଚାଲାଣ, ଜଣେ ଗିରଫ

#### ୧୫୦ଲିଟର ଦେଶୀ ମଦ ଜବତ

**ଖୋର୍ଦ୍ଧା ଅଫିସ,୨୩।୫(ଡି.ଏନ୍.ଏ.):** କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଆମ୍ବୁଲାନ୍ସର ଚାହିଦା ବଢ଼ିଛି। ଆମ୍ବୁଲାନ୍ସରେ ରୋଗୀ ଓ ଅକ୍ସିଜେନ ବୁହାଯାଉଛି। କେହି ବି ବାଟରେ ଆମ୍ବୁଲାନ୍ସକୁ ଅଟକାଇଲେ ଅପରାଧ ଭାବେ ଗ୍ରହଣ କରାଯିବ। ହେଲେ ଏହାର ଫାଇଦା ଉଠାଉଛନ୍ତି ଚୋରା ମଦ ବ୍ୟବସାୟୀ। ଆମ୍ବୁଲାନ୍ସରେ ଦେଶୀ ମଦ ଚାଲାଣ କରାଯାଉଛି। ରବିବାର ଖୋର୍ଦ୍ଧା ଟାଉନ ପୋଲିସ ହଳଦିଆ ହାଟଛକରୁ ଆମ୍ବୁଲାନ୍ସ ବୋଝେଇ ୧୫୦ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ଆଠଗଡ଼ ଅଞ୍ଚଳର ସରୋଜ ତ୍ରିପାଠୀ। ସୂଚନା ମୁତାବକ, ହଳଦିଆ ପଟୁ ଏକ ଆମ୍ବୁଲାନରେ ମଦ ଚୋରାଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ଟାଉନ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ରବିବାର ସକାଳେ ହଳଦିଆ ହାଟଛକ ଠାରେ ଏକ ଆମ୍ବୁଲାନ୍ସକୁ ଅଟକାଇଥିଲେ। ପୋଲିସ ଯାଞ୍ଚ ବେଳେ ଆମ୍ବୁଲାନ୍ସରୁ ପ୍ରାୟ ୧୫୦ଲିଟର ଦେଶୀ ମଦ ଜବତ କରିବା ଜଣ ଜଣଙ୍କୁ ଗିରଫ କରିଥିଲା।

# କୁଶଳୀ ଶିଳ୍ପୀ ନିହଣ ସଙ୍ଗେ ଅସ୍ତ୍ର ବି ଧରୁଥିଲେ

## ସାମ୍ରାଜ୍ୟର ସୁରକ୍ଷା ପାଇଁ ଓଡ଼ିଆ ଶିଳ୍ପୀର ବି ତ୍ୟାଗ ରହିଥିଲା

ଡ. ସୁରେନ୍ଦ୍ର କୁମାର ମିଶ୍ର




ପୂର୍ବ ଆଲୋଚନାରେ (ଧରିତ୍ରୀ, ୨୬।୪।୨୧) 'ମଗୋ ଜାତୀୟ ବ୍ରାହ୍ମଣ'ଙ୍କ ପ୍ରସଙ୍ଗ ଆମେ ଆଲୋଚନା କରିଥିଲେ। ପ୍ରାଚୀନ ଭାରତର ଇତିହାସ ପୁସ୍ତକରେ ବା ଭଗବତ୍ ଶରଣ ଉପାଧ୍ୟାୟ ଏ ସମ୍ପର୍କିତ ମତ ଦେବାପରେ ଡ. ରାମ୍‌ଜୀ ଉପାଧ୍ୟାୟ ଏହି ମତକୁ ଆଗେଇ ନେଇଥିଲେ। ମଗୋମାନେ ତୃତୀୟ ଶତାବ୍ଦୀରେ ଭାରତକୁ ଆସି ସୂର୍ଯ୍ୟଙ୍କ ଉପାସନା କରିଥିଲେ ବୋଲି ଲେଖିବା ପରେ କେତେକ ଐତିହାସିକ କୁଶାଣ ଯୁଗରେ ସୂର୍ଯ୍ୟ ଉପାସନା ଇରାନରୁ ଭାରତକୁ ଆସିଥିଲା ବୋଲି ମତ ଦେଇଥିଲେ।

ବାସ୍ତବରେ କୁଶାଣ ଯୁଗ ପୂର୍ବରୁ ଭାରତରେ ସୂର୍ଯ୍ୟ ଉପାସନା ପ୍ରଚଳିତ ଥିଲା। ବେଦ ହିଁ ଏହାର ପ୍ରମାଣ। ତୃତୀୟ ଶତକ ପୂର୍ବରୁ ରାମାୟଣ, ମହାଭାରତ, କେତେକ ପୁରାଣ ଓ ତନ୍ତ୍ରଗ୍ରନ୍ଥ ଲେଖା ସରିଥିଲା। ମହାଭାରତରେ ସେତେବେଳକୁ ସୂର୍ଯ୍ୟ ହୋଇ ସାରିଥିଲେ 'ବ୍ରହ୍ମଶାଶ୍ୱତ'। ପୁରାଣ ଶାସ୍ତ୍ରରେ ସୂର୍ଯ୍ୟଙ୍କର କ୍ରାନ୍ତିବୃତ୍ତିକୁ ସୂର୍ଯ୍ୟରଥ ବୋଲି ପ୍ରମାଣ କରାଯାଇ ସାରିଲାଣି। ଜ୍ୟୋତିଷ ତତ୍ତ୍ୱର ରହସ୍ୟ ପୁରାଣ ଶାସ୍ତ୍ରରେ ସ୍ଥାନ ପାଇ ସାରିଥିଲା। ସୂର୍ଯ୍ୟଙ୍କ ରଥ ବେଦମୟ, ମୁହୂର୍ତ୍ତକେ ୩୪ ଲକ୍ଷ ୮୦୦ ଯୋଜନ ଏହି ରଥ ଗତିକରେ। ଗୋଟିଏ ଚକ ହେଉଛି ସମ୍ବତ୍ସର। ୧୨ ମାସର ପ୍ରତୀକ ୧୨ଟି ଅର। ୬ ଋତୁ ପରି ୬ଟି ପଇ। ଅରୁଣ ହେଉଛନ୍ତି ସାରଥି। ଦତ୍ତାତ୍ରେୟ ତନ୍ତ୍ରରେ ସୂର୍ଯ୍ୟଙ୍କର ରଥର ରହସ୍ୟ ସବିଶେଷ ବର୍ଣ୍ଣନା ହୋଇ ସାରିଥିଲା।

ସ୍ଥାପତ୍ୟ କଳାର ଏତେସବୁ ରହସ୍ୟ ଓଡ଼ିଆ ଶିଳ୍ପୀ ଜାଣିଥିଲେ। ବଂଶ ପରମ୍ପରା କ୍ରମରେ ପ୍ରାଚୀନ ଓଡ଼ିଶାର ଶିକ୍ଷା, ସଭ୍ୟତା, ସଂସ୍କୃତି, ଇତିହାସ, ଉପାଖ୍ୟାନ, କିମ୍ବଦନ୍ତୀ, ଜନଶ୍ରୁତି, ସଙ୍ଗୀତ, ନୃତ୍ୟ, ରାଜମହିମା ତଥା ଜନଜୀବନର ସମସ୍ତ ଦିଗକୁ ପ୍ରସ୍ତରଗାତ୍ରରେ ଅତି ସୂକ୍ଷ୍ମ ଭାବରେ ଚିତ୍ରଣ କରିବାର କୌଶଳ ଶିକ୍ଷା କରିଥିଲେ।

ଏମାନେ ଯେ କେବଳ ଶିଳ୍ପକଳାରେ


ସାମରିକ ଅଭିଯାନରେ ଓଡ଼ିଶାର ଗଜବାହିନୀ।

ବାନ୍ଧି ହୋଇ ରହିଥିଲେ ତାହା ନୁହେଁ, ପରମାନନ୍ଦ ଆଚାର୍ଯ୍ୟ ମତ ଦେଇଛନ୍ତି (ଲାଙ୍ଗୁଳା) ନରସିଂହ ଦେବଙ୍କ ରାଜତ୍ୱ କାଳରେ ଦେଶର କାରିଗର ଓ ଶିଳ୍ପୀମାନେ ସୈନ୍ୟ ବିଭାଗରେ କାର୍ଯ୍ୟ କରି ଦେଶକୁ ବୈଦେଶିକ ଆକ୍ରମଣରୁ ରକ୍ଷା କରୁଥିଲେ। ଆଚାର୍ଯ୍ୟଙ୍କର ଏହି ମତ ପ୍ରାମାଣିକ ମନେହୁଏ। 'ବାୟାଚକଡ଼ା' ପୋଥିରେ ଏହାର ସୂଚନା ରହିଅଛି।

କୋଣାର୍କଠାରେ ମନ୍ଦିର ନିର୍ମାଣ ପାଇଁ ନରସିଂହ ଦେବଙ୍କ ଆଦେଶକ୍ରମେ ଦାମ ବଡ଼ଜେନା କୁଶଳୀ କାରିଗରିଙ୍କୁ ଓଡ଼ିଶାରୁ ବାଛିଥିଲେ। ସେ ୧୪ଟିସ୍ଥାନରୁ ବଳିଷ୍ଠ ତଥା ଭେଣ୍ଡିଆ ମହାରଣାଙ୍କୁ ଚୟନ କରିଥିଲେ।

- ଖିଲେଶ୍ୱରୀ ଦଣ୍ଡପାଟରୁ - ୩୦ ଜଣ
- ବ୍ରହ୍ମେଶ୍ୱର ଡିହରୁ - ୧୨୦ ଜଣ
- ପାଇକପଡ଼ାରୁ - ୨୫୦ ଜଣ
- ବରୁଣାଇବିଶେରୁ - ୪୦୦ ଜଣ
- ପରଙ୍ଗରୁ - ୧୨୦ ଜଣ
- କୋଠଦେଶରୁ (ନିମାପଡ଼ା ଅଞ୍ଚଳ) - ୨୩୦ ଜଣ
- ରୋଡ଼ଙ୍ଗରୁ - ୩୦୪ ଜଣ
- ବିଡ଼ାନାସୀରୁ - ୧୮୦ ଜଣ
- ବସିମଣ୍ଡଳ (ମହାନଦୀ ନିକଟ)ରୁ - ୧୪୦ ଜଣ
- ନସିକ ପାହାଡ଼ ପାଦଦେଶରୁ - ୨୩୦ ଜଣ
- ସଘାଂଦ୍ରିଗଡ଼ ମୁଣ୍ଡିଆ ଅଞ୍ଚଳରୁ - ୧୩୦ ଜଣ
- ନୀଳାଦ୍ରିଗଡ଼ (ବାଣପୁର ଅଞ୍ଚଳ)ରୁ - ୧୨୦ ଜଣ
- ବିଷ୍ଣୁପୁର (ଜଗତ୍‌ସିଂହପୁର)ରୁ - ୧୩୦ ଜଣ
- ପାଟପୁରରୁ - ୪୦ ଜଣ

ଏହିଭଳି ମୋଟ ୨୩୨୪ ଜଣଙ୍କ ମଧ୍ୟରୁ ୫୩୦ ଜଣ ବଳିଷ୍ଠ ଭେଣ୍ଡିଆଙ୍କୁ ପୁଣି ଚିହ୍ନଟ କରାଯାଇଥିଲା। ସେମାନେ ମହାଶ୍ରମ (ଗଜପତି ନରସିଂହଦେବ)ଙ୍କ ସହିତ ବିଜୟକୋଣ୍ଡା ଗଲେ ସେନାବାହିନୀରେ ନିଯୁକ୍ତି ପାଇଁ। ୫୩୦ ଜଣ ସୈନ୍ୟବାହିନୀରେ ନିଯୁକ୍ତି ଲାଗି ଯିବା ପରେ ରହିଲେ ୧୭୯୪ ଜଣ। ବାରଶ ବଢ଼େଇ ପ୍ରସଙ୍ଗ କେଉଁଠୁ ଆସିଲା! ଆମେ ଆଗକୁ ଏ ବିଷୟରେ ସବିଶେଷ ଆଲୋଚନା କରିବା। ୫୩୦ ଜଣ ଭେଣ୍ଡିଆ ମହାରଣା 'ନରାଜ'ଠାରୁ ମହାନଦୀରେ ଯୁଦ୍ଧପୋତରେ ଯାତ୍ରା କରିଥିଲେ। ନବା ଦାୟିତ୍ୱରେ ଥିଲେ ମଣି ବିଶୋଇ।

# ଆମ୍ବଗଛ ଉପରେ ଭାଲୁ


ଭାଲୁ ଗଛ ଉପରେ ଚଢ଼ି ରହିଛି।

## ଉଦ୍ଧାର ପାଇଁ ବନ ବିଭାଗର ଉଦ୍ୟମ ଜାରି

ନୂଆପଡ଼ା ଅଫିସ,୨୩।୫

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଘୁଚାଗୁଡା ପଞ୍ଚାୟତ ରେଙ୍ଗଟାପଡ଼ା ଗାଁର ଏକ ଆମ୍ବଗଛ ଉପରେ ଭାଲୁ ଚଢ଼ି ରହିଥିବା ଦେଖିବାକୁ ମିଳିଛି। ପାଣି କିମ୍ବା ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ଶନିବାର ରାତିରେ ପଶି ଆସିଥିବା ଅନୁମାନ କରାଯାଉଛି। ରବିବାର ସକାଳୁ ଜୀବନ ବଞ୍ଚାଇବା ପାଇଁ ଗଛ ଉପରକୁ ଚଢ଼ିଯାଇଛି। ଭାଲୁକୁ ଦେଖି ଗାଁ ଲୋକେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ସେଠାରେ ପହଞ୍ଚି ଭାଲୁକୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ଉଦ୍ୟମ କରୁଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଭାଲୁ ଉଦ୍ଧାର ହୋଇ ନ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଖଡ଼ିଆଳ ବନଖଣ୍ଡ ଏସିଏଫ୍ ଜୟରାମ ଶବର ସଦଳବଳ ପହଞ୍ଚି ସେଠାରେ ଜଗି ରହିଛନ୍ତି। ଭାଲୁ ରାତିରେ ବୁଲି ସକାଳ ହେବାରୁ ଗଛ ଉପରକୁ ଚଢ଼ିଯାଇଛି। ସନ୍ଧ୍ୟା ହେଲେ ଗଛରୁ ତଳକୁ ଆସିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରାପ୍ତ ସୂଚନା ଅନୁସାରେ ଶନିବାର ରାତିରେ ଭାଲୁ ଗାଁ ଭିତରକୁ ପଶି ଆସିଥିଲା। ସକାଳ ହେବାରୁ ଜଙ୍ଗଲକୁ ଯାଇ ନ ପାରି ଜୀବନ ବଞ୍ଚାଇବା ପାଇଁ ଏକ ଆମ୍ବଗଛ ଉପରକୁ ଚଢ଼ିଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ସିନାପାଲି ବନ ବିଭାଗ ଫରେଷ୍ଟର ଖଗେଶ୍ୱର ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଗଛ ଉପରୁ ଭାଲୁକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ହୋହଲ୍ଲା କରିବା ଯୋଗୁ ଭାଲୁକୁ ଉଦ୍ଧାର କରାଯାଇ ପାରି ନ ଥିଲା। ବନ ବିଭାଗଠୁ ସୂଚନା ପାଇ ସିନାପାଲି ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ କର୍ମଚାରୀମାନେ ଲୋକଙ୍କୁ ଘରକୁ ଯିବା ପାଇଁ କହିଥିବା ବେଳେ ଅମାନିଆଙ୍କୁ ଘଉଡ଼ାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିପାରି ନ ଥିବା ବେଳେ ଭାଲୁ ଗଛ ଉପରେ ରହିଛି। ଘଟଣାସ୍ଥଳରେ ଉଭୟ ବିଭାଗ କର୍ମଚାରୀ ଜଗି ରହିଛନ୍ତି।

# ୩୦ ଜିଲାରେ ହେବ 'ଲୋକକଳା ଦଳ'

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

- କଳାକାରଙ୍କ ସଶକ୍ତୀକରଣ ପାଇଁ କାର୍ଯ୍ୟ କରିବ
- 'ଷ୍ଟେଜ୍ ଅନ୍ ୱେବ୍' ଓ 'ଷ୍ଟେଜ୍ ଅନ୍ ସୋସିଆଲ୍ ମିଡିଆ' ଆରମ୍ଭ ହେବ

ରାଜ୍ୟରେ ଥିବା ଲୋକକଳା ଦଳଗୁଡ଼ିକୁ ନେଇ ୩୦ ଜିଲାରେ ଗଠନ ହେବ 'ଲୋକକଳା ଦଳ'। କଳାକାରଙ୍କ ସଶକ୍ତୀକରଣ ଓ ସେମାନଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ଏହି ସ୍ୱୟଂ ସହାୟକ ଦଳ କାର୍ଯ୍ୟ କରିବ। ଏଥିପାଇଁ କଳାକାର ପାଣ୍ଠିରୁ ଅର୍ଥ ପ୍ରଦାନ କରାଯିବ। ଏହାଦ୍ୱାରା ଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର ସହ କଳାକାର ଓ ଦଳଗୁଡ଼ିକୁ ସଶକ୍ତ କରାଯାଇ ପାରିବ। ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଓ ରାଜ୍ୟ ପ୍ରକଳ୍ପ ସଂଯୋଜକ ଏନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଜିଲା




କଳା ସଂସ୍କୃତି ସଂଘ ଉପସଭାପତିଙ୍କୁ ନେଇ ରବିବାର ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ଏହି ସୂଚନା ଦିଆଯାଇଛି।

କରୋନାର ଦ୍ୱିତୀୟ ଲହରରେ ଲୋକକଳା କଳାକାରଙ୍କ ବିଭିନ୍ନ ସମସ୍ୟା ସମାଧାନର ବାଟ ବାହାର କରିବା ପାଇଁ ଏହି ବୈଠକ ବସି ୩୦ ଜିଲାର କଳା ସଂସ୍କୃତି ସଂଘ ଉପସଭାପତିଙ୍କ ମତାମତ ନିଆଯାଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ପାଇବାକୁ ଥିବା ୧୬ ହଜାର କଳାକାରଙ୍କୁ ଜିଲାସ୍ତରରେ ଅଡିଶନ ମାଧ୍ୟମରେ ଚୟନ କରିବାକୁ ମତ ପ୍ରକାଶ ପାଇଥିଲା। ଏହାସହିତ ମହାମାରୀ ଯୋଗୁ ମଞ୍ଚ ବନ୍ଦ ଥିବାରୁ ଅଳ୍ପଦିନ ମଧ୍ୟରେ 'ଷ୍ଟେଜ୍ ଅନ୍ ୱେବ୍' ଓ 'ଷ୍ଟେଜ୍ ଅନ୍ ସୋସିଆଲ୍ ମିଡିଆ' କରାଯିବ। ଏହା ମାଧ୍ୟମରେ ଛୋଟ ଛୋଟ ସଚେତନ ବାର୍ତ୍ତା ଦେବାରେ କଳାକାରଙ୍କୁ ସାମିଲ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଅନ୍‌ଲକ୍‌ରେ କଳାକାରଙ୍କୁ 'ଷ୍ଟେଜ୍ ଅନ୍ ହୁଇଲ୍' ମାଧ୍ୟମରେ ଅଧିକ ସକ୍ରିୟ କରାଯିବ ବୋଲି ନିର୍ଦ୍ଦେଶକ ଦାସ ସୂଚନା ଦେଇଥିଲେ। ଏଥିପାଇଁ ଅନ୍ତର୍ଜାତୀୟ ସଂସ୍ଥା ୟୁନିସେଫ୍ ଓ ଅନ୍ୟ ସରକାରୀ ଅନୁଷ୍ଠାନର ବୈଷୟିକ ପରାମର୍ଶ ନିଆଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।


ସମ୍ଭାବ୍ୟ ବାତ୍ୟା 'ୟାସ୍' ଯୋଗୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯିବା ପରେ ରବିବାର ପୁରୀ ଉପକୂଳରେ ମାଛଧରାଳିମାନେ ଡଙ୍ଗାକୁ କୂଳକୁ ଫେରାଇ ଆଣୁଛନ୍ତି।

# ଟ୍ରକ୍‌ରୁ ୬୩ ଗୋରୁ ଉଦ୍ଧାର, ୩ ଗିରଫ

ଚଣ୍ଡିଖୋଲ,୨୩।୫(ଡି.ଏନ.ଏ.)

ଯାଜପୁର ଜିଲାର ବୈରୀ ଓ ବଡ଼ଚଣା ଥାନା ଅଞ୍ଚଳରେ ବ୍ୟାପକ ଗୋଚାଲାଣ ହେଉଛି। ଏକ ମାସ ମଧ୍ୟରେ ଏହି ୨ ଥାନା ଅଞ୍ଚଳରୁ ୪ରୁ ଊର୍ଦ୍ଧ୍ୱ ଗାଡ଼ି ଜବତ ହେବା ସହ ଶତାଧିକ ଗୋରୁ ଉଦ୍ଧାର ହୋଇଛନ୍ତି। ପୁଣି ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରବିବାର। ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଛକ ନିକଟରୁ ଗୋରୁ ବୋଝେଇ ଏକ ଟ୍ରକ୍‌କୁ ଜବତ କରାଯାଇଛି। ଟ୍ରକ୍‌ରେ ଥିବା ୬୩ ଗୋରୁଙ୍କୁ ପୋଲିସ ଉଦ୍ଧାର କରିଛି। ଏଥିସହିତ ଘଟଣାରେ ସମ୍ପୃକ୍ତ ଥିବା


ଜବତ ଟ୍ରକ୍।

ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ବାଲିଚନ୍ଦ୍ରପୁର ଥାନା ନଳୀପୁରଠାରୁ ଏକ ଟ୍ରକ୍ ଗୋରୁ ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ପୋଲିସ ଉକ୍ତ ଟ୍ରକ୍‌ର ପିଛା କରିଥିଲା। ଚଣ୍ଡିଖୋଲ ଛକ ନିକଟରେ ଟ୍ରକକୁ ଜବତ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୯୩/୨୧) ରୁଜୁ ହୋଇଛି। ଗୋଚାଲାଣ ର୍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ତଦନ୍ତରେ ବାଧା ଉପୁଜିବା ନେଇ ଗିରଫ ଅଭିଯୁକ୍ତମାନଙ୍କ ନାମ ପ୍ରକାଶ କରିବାକୁ ପୋଲିସ ମନା କରି ଦେଇଛି। ତେବେ କିଛି ଦିନ ପୂର୍ବେ ଦର୍ପଣ ଅଞ୍ଚଳରୁ ଏଇଭଳି ବେଆଇନ ଗୋରୁ ଚାଲାଣ ହେଉଥିବା ବେଳେ ବଡ଼ଚଣା ପୋଲିସ ଗାଡିକୁ ଜବତ କରିବା ସହିତ ୪୭ ଗାଇ ଉଦ୍ଧାର କରି ଶୋଳର ସ୍ଥିତ ସେବକ ଗୋଶାଳାରେ ରଖିଥିଲା। ବାରମ୍ବାର ଏପରି ଗୋଚାଲାଣ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

# ଇଙ୍ଗା ଖଣିରେ ଦୁର୍ଘଟଣା, ଜଣେ ମୃତ

କାଳିଆପାଣି,୨୩।୫(ଡି.ଏନ.ଏ.)

ଯାଜପୁର ଜିଲାର ସୁକିନ୍ଦା ଇଙ୍ଗା ମହାଗିରି ଖଣି କ୍ରଶରରେ ରବିବାର ରାତି ପ୍ରାୟ ୮ଟାରେ ଏକ ଦୁର୍ଘଟଣା ଘଟିଛି। ଖଣିରେ ପଥର ଭାଙ୍ଗୁଥିବା କ୍ରଶରର ହମ୍ପରଟି ହଠାତ୍ ଭାଙ୍ଗି ପଡ଼ିଥିଲା। ଫଳରେ ହମ୍ପର ତଳେ ଚାପିହୋଇ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁକିନ୍ଦା ବ୍ଲକ ରାଁସୋଳ ପଞ୍ଚାୟତ କୁସୁମୁଡ଼ିଆ ଗ୍ରାମର ମୁନା ଲୋହାର। ଗୁରୁତର ଜଣକ ହେଲେ ଏହି ବ୍ଲକ ଅଧୀନ କାଳିଆପାଣି ପଞ୍ଚାୟତ ଚିରୁଗୁଣିଆଁ ମୁଣ୍ଡାସାହିର ସୁବାସ ମୁଣ୍ଡା। ତାଙ୍କ ଅଣ୍ଟାଠାରୁ ଗୋଡ଼ ଦୁଇଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ବେଳକୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ଏନେଇ ଖଣି କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। କାଳିଆପାଣି ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ମୃତାହତ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଏହି ଘଟଣା ପରେ ଖଣି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ବେଲପାହାଡ଼ରୁ ନକଲି ଡାକ୍ତର ଗିରଫ



ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ଅଭିଯୁକ୍ତ ରମେଶ।

ଝାରସୁଗୁଡ଼ା ଅଫିସ,୨୩।୫

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଅଞ୍ଚଳରୁ ଜଣେ ନକଲି ଡାକ୍ତରଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଛତିଶଗଡ଼ ଦୁର୍ଗ ଜିଲା ଭଂସୁଲିର ରମେଶ କୁମାର ସାହୁ(୪୫)। ଏ ନେଇ ବେଲପାହାଡ଼ ଥାନା ପୋଲିସ ନଂ.୯୭/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ କେତେକ ନକଲି ସାର୍ଟିଫିକେଟ୍, ପ୍ରେସ୍‌କ୍ରିପ୍‌ଶନ୍ ପ୍ୟାଡ୍, ସାଇନ୍‌ବୋର୍ଡ ଓ ମେଡିସିନ୍ ଜବତ କରିଛି। ଏ ସମ୍ପର୍କରେ ଏସ୍‌ଡିପିଓ ଦିଲୀପ ଦାସ ଓ ଆଇଆଇସି ରଞ୍ଜନ ବିଶ୍ୱାଳ ବେଲପାହାଡ଼ ଥାନାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ରମେଶ ବେଲପାହାଡ଼ ଷ୍ଟେଶନପଡ଼ାରେ ଏକ କ୍ଲିନିକ୍ କରି ନିଜକୁ ଜଣେ ଏମ୍‌ବିବିଏସ୍ ଶିଶୁରୋଗ ବିଶେଷଜ୍ଞ ବୋଲି କହି ରୋଗୀଙ୍କୁ ଚିକିତ୍ସା କରୁଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କ୍ଲିନିକ୍ ଉପରେ ଚଢ଼ାଉକରି କେତେକ କାଗଜପତ୍ର ଜବତ କରିଥିଲା। ଏହିସବୁ କାଗଜପତ୍ର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଞ୍ଚ ପାଇଁ ପଠାଯାଇଥିଲା। ଯାଞ୍ଚ ପରେ ଏସବୁ ନକଲି ବୋଲି ଜଣାପଡିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ରମେଶ ଗତ ୨ବର୍ଷ ହେଲା ବେଲପାହାଡ଼ରେ ରହି ବିଭିନ୍ନ ମେଡିସିନ୍ ଦୋକାନ ଓ କ୍ଲିନିକ୍‌ରେ ରୋଗୀ ଚିକିତ୍ସା କରୁଥିଲେ।

# କାମ କରୁନି ବାତ୍ୟା ସତର୍କ ସୂଚନା ଟାୱାର

ବାସୁଦେବପୁର,୨୩।୫(ଡି.ଏନ.ଏ.)

ସମ୍ଭାବ୍ୟ ବାତ୍ୟା 'ୟାସ୍'ର ପ୍ରଭାବକୁ ନେଇ ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସମୁଦ୍ର ତଟବର୍ତ୍ତୀ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବାତ୍ୟାକୁ ମୁକାବିଲା କରିବା ପାଇଁ ପ୍ରଶାସନ ତତ୍ପର ଥିବାବେଳେ 'ଶୂନ ମୃତ୍ୟୁ' ଲକ୍ଷ୍ୟରେ ଲୋକଙ୍କୁ ଆଗୁଆ ସଚେତନ କରାଯାଇଛି। ବ୍ଲକରେ ୩୮ ବାତ୍ୟା ଆଶ୍ରୟସ୍ଥଳ ଓ ୧୦ରୁ ଊର୍ଦ୍ଧ୍ୱ ରେଡ୍‌କ୍ରସ ସେଣ୍ଟର ଓ କେତେକ ସ୍କୁଲକୁ ବାତ୍ୟା ସମୟରେ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ କୋଭିଡ୍ ପ୍ରଭାବ ଯଥେଷ୍ଟ ଥିବାବେଳେ ବ୍ଲକର ୭ ପଞ୍ଚାୟତ କଣ୍ଟେନମେଣ୍ଟ ଜୋନ୍‌ରେ ରହିଛି। ଏହି ପଞ୍ଚାୟତଗୁଡ଼ିକରେ କିଭଳି ଭାବେ ଲୋକଙ୍କୁ ବାତ୍ୟା ବେଳେ ଥଇଥାନ କରାଯିବ ତାହା ପ୍ରଶାସନର ଚିନ୍ତା ବଢ଼ାଇଛି। ତେବେ ବାତ୍ୟାର ପ୍ରାକ୍ ସତର୍କ ସୂଚନା ଜଣାଇବା ପାଇଁ ବ୍ଲକ ପରିସରରେ



ବସିଥିବା ଉଚ୍ଚତମ ଟାୱାରର ଦୀର୍ଘ ତମ୍ବା ତାରକୁ ଦୁର୍ବୃତ୍ତମାନେ କାଟି ନେଇଥିବାରୁ ୨ ବର୍ଷ ହେବ ଅଚଳ ହୋଇପଡ଼ିଛି। ଅପରପକ୍ଷେ ବାସୁଦେବପୁରରେ ନିର୍ମିତ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିବା ସହ ବାତ୍ୟା ମୁକାବିଲା ସରଞ୍ଜାମ ମଧ୍ୟ ନଷ୍ଟ ହୋଇଯାଇଛି। କେତେକ ବାତ୍ୟା ଆଶ୍ରୟସ୍ଥଳରେ ବିଦ୍ୟୁତ୍ ସେବା ମଧ୍ୟ ଠିକ୍ ଭାବେ ଉପଲବ୍ଧ ନାହିଁ।

## ୪ ବାଲି ବୋଝେଇ ଟ୍ରାକ୍ଟର ଜବତ

**ବାଙ୍ଗିରିପୋଷି,(ଡି.ଏନ.ଏ.):** ବେଆଇନ ବାଲି ଚାଲାଣ ବେଳେ ବାଙ୍ଗିରିପୋଷି ତହସିଲ କର୍ତ୍ତୃପକ୍ଷ ୪ ଟ୍ରାକ୍ଟର ଜବତ କରିଛନ୍ତି। ତହସିଲଦାର ଲଲାଟେନ୍ଦୁ ସିଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ନିରୀକ୍ଷକ ଅଜିତ କୁମାର ସିଂହ ଏବଂ ସହକାରୀ ରାଜସ୍ୱ ନିରୀକ୍ଷକ ରାଜେଶ କୁମାର ମହାନ୍ତି ଚଢ଼ାଉ କରି ଉକ୍ତ ଟ୍ରାକ୍ଟର ଗୁଡ଼ିକୁ ଜବତ କରିଥିଲେ। ରବିବାର ଛୁଟି ଥିବାରୁ ଗାଡ଼ିଗୁଡ଼ିକ ଜବତ ପରେ ମାଲିକ ମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋମବାର ସେହି ଗାଡ଼ି ଗୁଡ଼ିକଠାରୁ ଜରିମାନା ଆଦାୟ ହେବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାସୁଦେବପୁର,୨୩।୫ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୋପବନ୍ଧୁନଗର ପଞ୍ଚାୟତ ଗଦି ଗ୍ରାମର ଶ୍ରୀତମ ନାୟକ ନାମକ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ସକାଳେ କଷିଆ ସାମୁଦ୍ରିକ ଥାନା ପୋଲିସ ଜବତ କରିଛି। ପୋଲିସ ଅପମୃତ୍ୟୁ ମାମଲା (ନଂ.୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ଶନିବାର ବିଳମ୍ବିତ ରାତିରେ ଶ୍ରୀତମ ମୋବାଇଲରେ ଏକ ଖେଳ ଖେଳି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ମୃତକଙ୍କ ପରିବାର ପକ୍ଷରୁ ଏ ନେଇ କୌଣସି ଅଭିଯୋଗ ହୋଇନାହିଁ। ତେବେ ଘଟଣାର ତଦନ୍ତ ଜାରି ରହିଥିବା କଷିଆ ସାମୁଦ୍ରିକ ଥାନା ଆଇଆଇସି ପ୍ରଦୀପ ମାଝୀ କହିଛନ୍ତି।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

**ରୂପ୍‌ସା,୨୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଗୁଣ୍ଡୁରିସାହି ଗାଁ ନିକଟ ଚନ୍ଦନପୁର ମୌଜାର ଜଙ୍ଗଲ ଭିତରୁ ଶନିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ବାଉଁଶମୁଖା ଗ୍ରାମର ମନୋଜ ରାଉତ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଗତ ୨୧ ତାରିଖରୁ ସେ ନିଖୋଜ ଥିବା ଅଭିଯୋଗ ହୋଇଥିଲା। ଏକ ହିଜିଳିଗଛରେ ମୃତଦେହ ଝୁଲୁଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏନେଇ ଅଧିକ ତଦନ୍ତ ଜାରି ରହିଛି।

### ପଞ୍ଚାୟତ ସାନିଟାଇଜ୍

**ଭଣ୍ଡାରିପୋଖରୀ, ୨୩।୫ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଟେସିଙ୍ଗା ପଞ୍ଚାୟତର ସମସ୍ତ ଗ୍ରାମକୁ ଶନିବାର ସରପଞ୍ଚ ସଙ୍ଗୀତା ଖଣ୍ଡାୟୀ ସାନିଟାଇଜ୍ କରାଇଛନ୍ତି। ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ କୁଲଣା, ଟେସିଙ୍ଗା, ତୁଳପଦୀ, ବିଶୋଳ ଶାସନ, କୁଶଗଡ଼ିଆ, ବଡ଼ବନସ୍ତା, ଓଳା, ସାନବନସ୍ତା, କୁଲଣା ବଜାର ସମେତ ବିଭିନ୍ନ ସ୍କୁଲ ଓ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି।

### ସାପ କାମୁଡ଼ାରେ ବୃଦ୍ଧ ମୃତ

**ପାଟଣା,୨୩।୫(ସ୍ୱ. ପ୍ର. ):** କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଗୁଡାସାହିର ଜଣେ ବୃଦ୍ଧଙ୍କ ସାପ କାମୁଡ଼ାରେ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ବିରସିଂ ମୁଣ୍ଡା। ସେ ଘର ପାଖ ଡୁମୁରିଆ ପଥରହୁଡ଼ିକୁ ପଥର ପିଟିବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରେ ସେ ନିଜେ ଘରକୁ ଚାଲି ଚାଲି ଆସିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସାରସ୍ୱତ ସାଧକ ତ୍ରିଲୋଚନ ଖଣ୍ଡାଙ୍କ ପରଲୋକ

**ବାଲିଆପାଳ, ୨୩।୫(ସ୍ୱ.ପ୍ର.):** ବାଲିଆପାଳ ଅଞ୍ଚଳର ସାରସ୍ୱତ ସାଧକ, କବି, ଲେଖକ, ବାଲିଆପାଳ ଫିଜିକାଲ କଲେଜର ପ୍ରତିଷ୍ଠାତା ସଦସ୍ୟ ତଥା ଜ୍ୟୋତିର୍ବିଦ ତ୍ରିଲୋଚନ ଖଣ୍ଡା(୮୪)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରବିବାର ସକାଳେ ସେ ଛାତିରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଲଙ୍ଗଳେଶ୍ୱର, ୨୩।୫(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଅଧୀନ ବଣିଆଡ଼ିହା ପଞ୍ଚାୟତର ନୂତନ ଭତ୍ତା ହିତାଧିକାରୀମାନଙ୍କୁ ପଞ୍ଚାୟତ ଅଫିସ୍‌ରେ ଭତ୍ତା ପ୍ରଦାନ କରାଯାଇଛି। ବାଲିଆପାଳ ବ୍ଲକ ଉପାଧକ୍ଷା କବିତା ଦାସ ଯୋଗଦେଇଥିଲେ। ସରପଞ୍ଚ ରାଧା ମୁର୍ମୁ, ଜିଆର୍‌ଏସ୍ ବିଶ୍ୱନାଥ ପ୍ରତାପ ନାୟକ, ନାଏବ ସରପଞ୍ଚ ରଘୁନାଥ ସାମଲ, ୱାର୍ଡ଼ସଭ୍ୟ ଅମୂଲ୍ୟ କୁମାର ପଟ୍ଟାୟତ, ଗୌରାଙ୍ଗ ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ୪୦ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଜଗତଜୀବନ ଦାସ, କାଳିଚରଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ସମୁଦ୍ର ମନା, କୂଳକୁ ଫେରିଲା ଟ୍ରଲର

## ଦୀଘାରେ ଏନ୍‌ଡିଆର୍‌ଏଫ୍‌ର ସଚେତନତା

**ଭୋଗରାଇ, ୨୩।୫(ଡି.ଏନ.ଏ.)**

ବାତ୍ୟା 'ୟାସ' ବାଲେଶ୍ୱର ଓ ପଶ୍ଚିମବଙ୍ଗ ଉପକୂଳରେ ବେଶୀ ପ୍ରଭାବ ପକାଇବ ବୋଲି ପ୍ରଚାର କରାଯାଉଥିବାରୁ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏଭଳି ସ୍ଥିତିରେ ଦୁଇ ରାଜ୍ୟର ପ୍ରଶାସନ ବାତ୍ୟା ମୁକାବିଲା ପାଇଁ ସଜାଗ ରହିଛନ୍ତି। ବାତ୍ୟାର ଗତିବିଧି ଆକଳନକୁ ଭିତ୍ତି କରି ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ବେଳେ ଉପକୂଳ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ରବିବାର ସମସ୍ତ ମାଛଧରା ଟ୍ରଲର ଓ ଡଙ୍ଗା କୂଳକୁ ଫେରିଆସିଛନ୍ତି। ସୋମବାରଠାରୁ ସମୁଦ୍ରକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି।



ଦୀଘା ଉପକୂଳ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ବାତ୍ୟା ପାଇଁ ସତର୍କ ସୂଚନା ଦେଉଛନ୍ତି।

ପଶ୍ଚିମବଙ୍ଗ ଉପକୂଳରେ ୧୧ କମ୍ପାନୀ ଏନଡିଆର୍‌ଏଫ୍ ଟିମ୍ ମୁତୟନ ହୋଇ ସମୁଦ୍ର କୂଳବାସୀଙ୍କୁ ସତର୍କ ଓ ସଚେତନ କରୁଛନ୍ତି। ବାଲେଶ୍ୱରରୁ ସୋମବାର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଟିମ୍ ପହଞ୍ଚିବ ବୋଲି ପ୍ରଶାସନ ସୂଚନା ଦେଇଛନ୍ତି। ବାଲେଶ୍ୱର ହେଡକ୍ୱାର୍ଟର୍ସ ସହ ବାତ୍ୟା ପ୍ରଭାବିତ ବ୍ଲକରେ ବାତ୍ୟା ସମ୍ପର୍କିତ ଖବର ଜଣାଇବାକୁ ଏକ ହେଲ୍ପଲାଇନ୍ ଖୋଲାଯାଇଛି। ପ୍ରଶାସନକୁ ସହଯୋଗ ଓ ବାତ୍ୟା ପ୍ରଭାବିତ ଲୋକଙ୍କୁ ଉଦ୍ଧାର ନିମନ୍ତେ ଭୋଗରାଇ କଂଗ୍ରେସର କମିଟି ଗଠନ କରାଯାଇଛି। ବାଲେଶ୍ୱର ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ନେତା ସତ୍ୟଶିବ ଦାସଙ୍କ ନେତୃତ୍ୱରେ ୧୬ଜଣିଆ ଏହି କମିଟିର ସଦସ୍ୟମାନେ ବାତ୍ୟା ପ୍ରପୀଡ଼ିତଙ୍କୁ ଉଦ୍ଧାର କରିବେ।

# ବାଲେଶ୍ୱର, ଭଦ୍ରକରେ ଏସ୍‌ଆର୍‌ସିଙ୍କ ସମୀକ୍ଷା

**ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ, ୨୩।୫**

- ବାଲେଶ୍ୱରରେ କୋଭିଡ୍ ସଂକ୍ରମିତଙ୍କ ଲାଗି ୪୦ ସ୍ୱତନ୍ତ୍ର ଆଶ୍ରୟସ୍ଥଳୀ
- ୪୫୯ ଗର୍ଭବତୀଙ୍କୁ ସ୍ଥାନାନ୍ତର ପାଇଁ ଚିହ୍ନଟ
- ବାତ୍ୟା ଆଶ୍ରୟସ୍ଥଳୀରେ ଆଣ୍ଟିଜେନ ଟେଷ୍ଟ

ସମ୍ଭାବ୍ୟ ବାତ୍ୟା 'ୟାସ୍'ର ମୁକାବିଲା ଲାଗି ବାଲେଶ୍ୱର ଓ ଭଦ୍ରକ ଜିଲା ପ୍ରଶାସନର ପ୍ରସ୍ତୁତି ଓ ଆଗୁଆ ପଦକ୍ଷେପ ସମ୍ବନ୍ଧରେ ସମୀକ୍ଷା ଲାଗି ରବିବାର ବାଲେଶ୍ୱର, ଭଦ୍ରକରେ ପହଞ୍ଚିଥିଲେ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ପ୍ରଦୀପ କୁମାର ଜେନା। ସେ ପ୍ରଥମେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ହଲ୍‌ରେ ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ବୈଠକରେ ଯୋଗଦେଇଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ତଥା ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ଏସ୍‌ଆର୍‌ସି ଜେନା ଆଲୋଚନା କରିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଏସ୍‌ଆର୍‌ସି ଜେନା କହିଥିଲେ, ବହୁମୁଖୀ ବାତ୍ୟା ଆଶ୍ରୟ ଓ ଅତିରିକ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀ ସବୁ ବିଶୋଧନ କରାଯିବା ସହ ଶୁଖିଲା ଖାଦ୍ୟ ଓ ଜେନେରେଟର ବ୍ୟବସ୍ଥା କରାଯାଇଛି। ଜନଜୀବନ ଉଦ୍ଧାର ପାଇଁ ୪ଟି ଓଡ୍ରାଫ, ୭ଟି ଏନ୍‌ଡିଆର୍‌ଏଫ୍, ୯ଟି ଅଗ୍ନିଶମ ଟିମ୍ ପ୍ରସ୍ତୁତ ରଖାଯାଇଛି। ପ୍ରତି ଜାଗାରେ ଅଳ୍ପ ଅଳ୍ପ ଲୋକଙ୍କୁ ରଖାଯାଇ ସମସ୍ତଙ୍କୁ ମାସ୍କ ଦିଆଯିବ। ଜିଲାରେ ୨୪ ତାରିଖଠାରୁ ଜୁନ୍ ୧ ତାରିଖ ମଧ୍ୟରେ ୪୫୯ଆସନ୍ନପ୍ରସବାଙ୍କୁ ସ୍ଥାନାନ୍ତର କରାଯିବା ଲାଗି ଜିଲା ପ୍ରଶାସନ ଚିହ୍ନଟ କରିଛି। କୋଭିଡ୍ ସଂକ୍ରମିତ ରୋଗୀଙ୍କ ପାଇଁ ୪୦ଟି ସ୍ୱତନ୍ତ୍ର ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇଥିବା ସମ୍ବନ୍ଧରେ ମଧ୍ୟ ଏସ୍‌ଆର୍‌ସି ଜେନା ସୂଚନା ଦେଇଥିଲେ। ବୈଠକରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦେବ, ଜିଲା ଜରୁରିକାଳୀନ ଅଧିକାରିଣୀ ରିଜୱାନା କୱାକବ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏସ୍‌ଆର୍‌ସି ଜେନା ଭଦ୍ରକରେ ପହଞ୍ଚି ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମୁଦ୍ର ଉପକୂଳରେ ଥିବା ବାସୁଦେବପୁର ଓ ଚାନ୍ଦବାଲି ସହିତ ଜିଲାର ଅନ୍ୟ ୫ଟି ବ୍ଲକରେ ମଧ୍ୟ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ସେ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସମୁଦ୍ର ଉପକୂଳଠାରୁ ୩ କି.ମି. ମଧ୍ୟରେ କଚ୍ଚାଘରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ। ୪ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ସେହିପରି ବାତ୍ୟା ଆଶ୍ରୟସ୍ଥଳକୁ ଆସୁଥିବା ସମସ୍ତଙ୍କର ଆଣ୍ଟିଜେନ ଟେଷ୍ଟ କରାଯିବ ବୋଲି ସେ କହିଛନ୍ତି। ସମୀକ୍ଷା ବୈଠକରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଏସ୍‌ପି ଚରଣ ସିଂ ମୀନା ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା, ଜିଲାପାଳ ଜ୍ଞାନ ରଞ୍ଜନ ଦାସ ଓ ଅନ୍ୟ ଅଧିକାରୀ।

# ମୟୂରଭଞ୍ଜ: ୧୦ସ୍ଥାୟୀ, ୪୧୪ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ

**ବାରିପଦା ଅଫିସ, ୨୩।୫**

ବାତ୍ୟା 'ୟସ'ର ମୁକାବିଲା ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପାଳ ବିନୀତ ଭରଦ୍ୱାଜ ବିଭିନ୍ନ ଅଧିକାରୀଙ୍କ ସହିତ ୩ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାରେ ୧୦ଟି ସ୍ଥାୟୀ ଓ ୪୧୪ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ଦୁଇଟି ଓଡ୍ରାଫ୍ ଟିମ୍ ସହିତ ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍ ଭୁବନେଶ୍ୱରରୁ ଆସି ଜିଲାରେ ପହଞ୍ଚି ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ରହିଛନ୍ତି। ଜିଲାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହିତ ବ୍ଲକସ୍ତରୀୟ ଅଧିକାରୀ ମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ବିଶେଷ କରି ବାରିପଦା ଓ ଉଦଳା ଉପଖଣ୍ଡର ୧୪ଟି ବ୍ଲକର ନଦୀ କୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ତଳିଆ ତଥା ଚାଳ ଛପର ଓ କଚ୍ଚା ଘରେ ରହୁଥିବା ଲୋକଙ୍କ ସୁରକ୍ଷା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ଅଗ୍ନିଶମ, ଜନସ୍ୱାସ୍ଥ୍ୟ ଓ ରାଜସ୍ୱ ବିଭାଗ କୋଭିଡ୍ ନିୟମ ପାଳନ କରି ବାତ୍ୟା ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତରିତ କରିବା ସହ ଆଣ୍ଟିଜେନ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଜିଲାର ସମସ୍ତ ଉପଖଣ୍ଡ ଓ ଗ୍ରାମାଞ୍ଚଳରେ ଜେନେରେଟରର ବ୍ୟବସ୍ଥା କରାଯାଇଛି। ପ୍ରଭାବିତଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିବା ଜିଲାପାଳ ଭରଦ୍ୱାଜ ସୂଚନା ଦେଇଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ଜିଲାପାଳଙ୍କ ସହିତ ଉପଜିଲାପାଳ ପି ଅନ୍ୱେଷା ରେଡ୍ଡୀ, ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟ ଅଧିକାରୀମାନେ।

# ନକଲି ବିଦେଶୀ ମଦ କାରଖାନା ଠାବ

**ଭଦ୍ରକ ଅଫିସ/ପଦ୍ମପୁର, ୨୩।୫ (ଡି.ଏନ.ଏ.)**

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ଓ ଜିଲା ଅବକାରୀ ବିଭାଗ ପକ୍ଷରୁ ରବିବାର ବାସୁଦେବପୁର ବ୍ଲକର ଆର୍ଡ୍ଡୁଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଚଢ଼ାଉ କରାଯାଇ ନକଲି ବିଦେଶୀ ମଦ ତିଆରି କାରଖାନା ଠାବ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ବ୍ୟକ୍ତି ଗିରଫ ହୋଇଛନ୍ତି। ସେମାନେ ହେଲେ ଆର୍ଡ୍ଡୁଁ ଗ୍ରାମର ଅକ୍ଷୟ ବେହେରା ଓ ପର୍ଶୁରାମ ସନ୍ଧିବିଗ୍ରହ। ସେମାନଙ୍କଠାରୁ ନଗଦ ୩୦ ହଜାର ଟଙ୍କା ସହ ୧୦୦ ଲିଟର ନକଲି ମଦ, ୫୦ ଲିଟର ସ୍ପିରିଟ୍, କେମିକାଲ, ବହୁ ନାମୀଦାମୀ କମ୍ପାନୀର ଲୋଗୋ, ଓଡ଼ିଶା ସରକାରଙ୍କ ଷ୍ଟିକର ଲୋଗୋ, ମଦ କମ୍ପାନୀ ଷ୍ଟିକର, ବୋତଲ ଠିପି ଓ ଯନ୍ତ୍ରାଂଶ ଜବତ ହୋଇଛି।


ଜବତ ନକଲି ମଦ ସହ ଗିରଫ ୨ ଅଭିଯୁକ୍ତ।

ଏଠାରେ ଦୀର୍ଘଦିନ ଧରି ଏହି କାରଖାନା ଚାଲିଆସୁଥିଲା। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଇନ୍ସପେକ୍ଟର ଜଗଦୀଶ ସାମଲ, ସ୍ପନ୍ଦନ ମହାନ୍ତି, ସବ୍‌ଇନ୍ସପେକ୍ଟର ଶ୍ୟାମସିଂ ଭୋଇ ସଦଳବଳ ଚଢ଼ାଉ କରିଥିଲେ। କାରଖାନାର ମାଲିକ ସୁଗୋ ଅଞ୍ଚଳର ଜନୈକ ବ୍ୟକ୍ତି ଫେରାର ଥିବା ସୂଚନା ଦିଆଯାଇଛି।

## ୫ ଦିନ ଶଟ୍‌ଡାଉନ ଘୋଷଣା କଲେ ସରପଞ୍ଚ

**ହାଟଡିହୀ,୨୩।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସମଣା ପଞ୍ଚାୟତକୁ ସରପଞ୍ଚ ପତିତପାବନ ନନ୍ଦ ପାଞ୍ଚ ଦିନ ପାଇଁ ସଟ ଡାଉନ ଘୋଷଣା କରିଛନ୍ତି । ପଞ୍ଚାୟତରେ କରୋନା ଆକ୍ରାନ୍ତ ସଂଖ୍ୟା ବଢୁଥିବାରୁ ଚଳିତ ମାସ ୨୩ରୁ ୨୭ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି । ଚିଠି ନଂ ୬୨ ଅନୁସାରେ ଉକ୍ତ ଘୋଷଣା ନାମା ହାଟଡିହି ବିଡିଓଙ୍କୁ ସରପଞ୍ଚ ନନ୍ଦ ଜଣାଇଛନ୍ତି ।

## ନିଖୋଜ ନାବାଳକ ଉଦ୍ଧାର

**ବଡବିଲ, ୨୩।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଗୁରୁଦ୍ୱାର ଛକ ନିକଟବର୍ତ୍ତୀ ଅଞ୍ଚଳର ଜଣେ ନାବାଳକ ଶନିବାର ପୂର୍ବାହ୍ନରୁ ନିଖୋଜ ହୋଇଯାଇଥିବାବେଳେ ରବିବାର ସକାଳେ ପୋଲିସ ଉଦ୍ଧାର କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ନାବାଳକଙ୍କ ନିଖୋଜ ନେଇ ପରିବାର ତରଫରୁ ଶନିବାର ସନ୍ଧ୍ୟାରେ ଏତଲା ଦିଆଯାଇଥିଲାବେଳେ ରବିବାର ସକାଳେ ଠାକୁରାଣୀ ଅଞ୍ଚଳରୁ ପୋଲିସ ଉଦ୍ଧାର କରିଥିବା ଜଣାପଡ଼ିଛି।

# ସ୍ୱେଚ୍ଛାସେବୀ ସଙ୍ଗଠନ ସହ ପ୍ରଶାସନର ବୈଠକ

**ବନ୍ତ,୨୩।୫ (ଡି.ଏନ.ଏ.)**

ସମ୍ଭାବ୍ୟ ବାତ୍ୟା ମୁକାବିଲା ନେଇ ବନ୍ତ ବ୍ଲକ ପ୍ରଶାସନପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ ସହ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲା ପ୍ରଶାସନ ସହିତ ବ୍ଲକ ପ୍ରଶାସନ, ସଙ୍ଗଠନମାନଙ୍କୁ ନେଇ ବୈଠକ ହୋଇଥିଲା। ବିଡିଓ ରେବେକା ବିଲୁଙ୍ଗ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ବିପିଏମ୍ ବୀଣାପାଣି ପଣ୍ଡାଙ୍କ ସମେତ ସିଏଫ୍‌ଡବ୍ଲ୍ୟୁଏସ୍‌ଡି ଓ ଦିଶା ସଙ୍ଗଠନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ୨ୟ ପର୍ଯ୍ୟାୟରେ ବ୍ଲକସ୍ତରୀୟ ବୈଠକରେ ଏବିଡିଓ, ବିପିଏମ୍, ଏସିପି ମିତ୍ରଭାନୁ ସ୍ୱାଇଁଙ୍କ ସହ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଭାଗ ନେଇଥିଲେ।

# ଖଣିଜ ପରିବହନ ଟ୍ରକ୍ କବଜାରେ ଏନ୍‌ଏଚ୍ ୪୯

**କେନ୍ଦୁଝର, ୨୨।୫ (ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଶୁଆକାଟି ସ୍ଥିତ ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ଲୁହାପଥର ପରିବହନ ଚାଲିଛି। ଉପଯୁକ୍ତ ପରିଚାଳନାର ଅଭାବ ଏବଂ ଅଧିକ ପ୍ରୋଗ୍ରାମ ଯୋଗୁ ଅନେକ ସମୟରେ ଖଣିଜପଥର ଟ୍ରକ କବ୍‌ଜାରେ କଲିକତା-ମୁମ୍ବାଇ ଜାତୀୟ ରାଜପଥ ୪୯ ରହୁଛି। ପ୍ରକାଶ ଯେ, ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ଧାର୍ଯ୍ୟଠାରୁ ଅଧିକ ସଂଖ୍ୟାରେ ଲୁହାପଥର ପରିବହନ ହେଉଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡୁଥିବା ବେଳେ ଦୁର୍ଘଟଣା ଘଟୁଛି। ଖଣି ଭିତରେ ଓ ବାହାରେ ଏହି ସମସ୍ୟା ଲାଗିରହୁଥିଲେ ହେଁ ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଟ୍ରକ ମାଲିକ ତଥା ସ୍ଥାନୀୟ ଲୋକ ଅକଥନୀୟ ଅସୁବିଧା ଭୋଗୁଛନ୍ତି। ଖଣି ସଂସ୍ଥା ପକ୍ଷରୁ ଅଧିକ ସଂଖ୍ୟାରେ ପୋଗ୍ରାମ (ଟ୍ରକ ଲୋଡିଂ ଅନୁମତି) ଦିଆଯାଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଅନେକ ଟ୍ରକ ମାଲିକ ଅଭିଯୋଗ କରିଛନ୍ତି। ଶୁକ୍ରବାର କିଛି ଟ୍ରକ ଲୋଡିଂ ନ ପାଇ ଅଟକି ରହିଥିବାବେଳେ ଶନିବାର ପୁଣି ଅଧିକ ପୋଗ୍ରାମ ଦିଆଯାଇଥିବା ଅଭିଯୋଗ ହେଉଛି। ଫଳରେ ୨୫ ଶହରୁ ଅଧିକ ଟ୍ରକ ଲୋଡିଂ ପାଇଁ ଉପରକୁ ଆସିବାରୁ ରାସ୍ତା ଜାମ୍ ହୋଇଥିଲା।

## ଗଣିଜାଙ୍ଗ ପଞ୍ଚାୟତ କଣ୍ଟେନମେଣ୍ଟ ଜୋନ୍

**ବନ୍ତ,୨୩।୫(ଡି.ଏନ.ଏ.)** ଦୀର୍ଘ ଦିନ ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତକୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ପଞ୍ଚାୟତରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସରପଞ୍ଚ ରଞ୍ଜନ କୁମାର ସାହୁ ବ୍ଲକ ପ୍ରଶାସନର ସହମତି କ୍ରମେ ଏଭଳି ପଦକ୍ଷେପ ନେଇଛନ୍ତି। ଏ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ କେବଳ ଔଷଧ ଦୋକାନ, ବ୍ୟାଙ୍କ ସେବା ଜାରି ରହିବ ବୋଲି କୁହାଯାଇଛି।

## ବେତନଟୀ, ଜି.ବି.ନଗରରେ ସଂକ୍ରମଣ ବଢୁଛି

**ବୈଶିଙ୍ଗା/କୁଆମରା,୨୩।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ଓ ଜି.ବି ନଗର ବ୍ଲକ ଅଞ୍ଚଳରେ ଲକ୍ ଡାଉନ ଓ ସପ୍ତାହାନ୍ତ ଶଟଡାଉନ ସତ୍ତ୍ୱେ କରୋନା ସଂକ୍ରମଣ କମୁନାହିଁ। ଶନିବାର ଓ ରବିବାର ବେତନଟୀ ବ୍ଲକ ଅଞ୍ଚଳରେ ଆଉ ୪୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୈଶିଙ୍ଗା ଏରିଆ ହସ୍ପିଟାଲ ଓ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୋଭିଡ୍ ଟେଷ୍ଟର ବ୍ୟବସ୍ଥା ହୋଇଛି।

ସେହିପରି ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରୁ ରବିବାର ମୋଟ ୧୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ଆଖି ବୁଜିଲେ ଗୁରୁତର ବୃଦ୍ଧ

**ପଦ୍ମପୁର,୨୩।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଆକ୍ରମଣରେ ଗୁରୁତର ହୋଇଥିବା ବାବାଜୀ ଶିଅଳଙ୍କ ଶନିବାର ସକାଳେ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ୧୮ ତାରିଖରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗ୍ରାମର ରବି ଶିଅଳ ଓ ଗୌରାଙ୍ଗ ବେହେରାଙ୍କ ମଧ୍ୟରେ ମାର୍‌ପିଟ୍ ସମୟରେ ରବିଙ୍କ ବାପା ବାବାଜୀ ଗୁରୁତର ଆହତ ହୋଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଗଣ୍ଡଗୋଳ ଘଟଣାକୁ ନେଇ ରବି ନାୟକାଣିଡିହୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୧୨୪/୨୧) ରୁଜୁ କରି ଗତ ୨୦ ତାରିଖରେ ଅପରପକ୍ଷର ଲକ୍ଷ୍ମୀଧର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିରେ ସମ୍ପୃକ୍ତ ଆଉ ୩ ଅଭିଯୁକ୍ତ ଫେରାର ଅଛନ୍ତି।

# କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

**ପାଟଣା,୨୩।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ପୁରୁଣାପାଣି ଗ୍ରାମର ସରୋଜ କୁମାର ମହାନ୍ତ ନାମକ ଯୁବକ ରବିବାର କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ ରବିବାର ପୂର୍ବାହ୍ନରେ କୌଣସି କାରଣରୁ ସରୋଜଙ୍କର ମା 'ବାପାଙ୍କ ସହ କଳହ ହୋଇଥିଲା। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୧) ରୁଜୁ ହୋଇଛି।

# ବ୍ଲକ ପ୍ରଶାସନ, ଅଗ୍ନିଶମ ବିଭାଗର ପ୍ରସ୍ତୁତି

**ଖଇରା, ୨୩।୫(ଡି.ଏନ.ଏ.)**

ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ବ୍ଲକ ପ୍ରଶାସନ ଓ ଖଇରା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଖଇରା ବ୍ଲକ ପରିସରରେ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ଓ ରବିବାର ୨ଦିନ ଧରି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଖଇରା ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା, ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଯୋଗଦେଇ ଖଇରା ବ୍ଲକରେ ୪୬ ବାତ୍ୟା ଆଶ୍ରୟସ୍ଥଳୀ(୯ଟି ସ୍ଥାୟୀ ଓ ୩୭ ଅସ୍ଥାୟୀ ସ୍କୁଲ ଗୃହ)କୁ ପ୍ରସ୍ତୁତ ରଖାଯିବା, ଅନ୍ୟ ୩ଟି କୋଭିଡ ଆକ୍ରାନ୍ତ ଲାଗି ଉଦ୍ଦିଷ୍ଟ ରଖିବା ଉପରେ ଆଲୋଚନା କରାଯାଇଥିଲା । ସେହିଭଳି ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ଜଣେ ବ୍ଲକ କର୍ମଚାରୀଙ୍କୁ ନିୟୋଜନ କରାଯାଇଛି। ସୋମବାର ଓ ମଙ୍ଗଳବାର ୨ଦିନ ଧରି ମାଇକ ପ୍ରଚାର ବ୍ୟବସ୍ଥା କରାଯାଇଛି। ସେହିଭଳି ବାତ୍ୟା ସମୟରେ ଲୋକଙ୍କ ନିକଟକୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ଯେପରି କୌଣସି ବ୍ୟାଘାତ ନ ଘଟେ ସେଥିପାଇଁ ଖଇରା ଅଗ୍ନିଶମ ବିଭାଗ ତରଫରୁ ଆବଶ୍ୟକ ସରଞ୍ଜାମ ପ୍ରସ୍ତୁତ ରଖାଯାଇଛି । ଯଦି ବାତ୍ୟା ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସମ୍ପର୍କରେ ଖବର ଆସେ କର୍ମଚାରୀମାନେ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ପାରିବେ ବୋଲି ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ମାନସ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।



ପ୍ରସ୍ତୁତ ହୋଇ ରହିଥିବା ଖଇରା ଅଗ୍ନିଶମ ବାହିନୀ ।

# ବଲିଉଡ୍‌ରେ କ୍ରୀତିଙ୍କ ୭ ବର୍ଷ



**ମୁମ୍ବାଇ:** ବଲିଉଡ୍‌ରେ ଫିଲ୍ମ କ୍ୟାରିୟରର ୭ ବର୍ଷ ପୂରଣ କରିଛନ୍ତି ଅଭିନେତ୍ରୀ କ୍ରୀତି ସାନନ। ଟାଇଗର ଶ୍ରଫ୍‌ଙ୍କ ସହ 'ହିରୋପନ୍ତି'ରେ କ୍ରୀତି ବଲିଉଡ୍‌ରେ ଡେବ୍ୟୁ ମାରିଥିଲେ। ଇଣ୍ଡଷ୍ଟ୍ରିରେ ଟାଇଗରଙ୍କ ମଧ୍ୟ ଏହା ପ୍ରଥମ ଚଳଚ୍ଚିତ୍ର। ଉଭୟ ଟାଇଗର ଏବଂ କ୍ରୀତି ରବିବାର ସେମାନଙ୍କ କ୍ୟାରିୟର ୭ ବର୍ଷ ପୂରଣରେ ଖୁସି ମନାଇଛନ୍ତି। ଏ ନେଇ କ୍ରୀତି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ 'ହିରୋପନ୍ତି' ଶୁଟିଂ ସେଟ୍‌ର କିଛି ଫଟୋ ପୋଷ୍ଟ କରିଛନ୍ତି। 'ହିରୋପନ୍ତିକୁ ୭ ବର୍ଷ, ଇଣ୍ଡଷ୍ଟ୍ରୀରେ ୭ ବର୍ଷ, ଯାହା କରିବାକୁ ପସନ୍ଦ ୭ ବର୍ଷ ହେଲା କରୁଛି। ମୋ ଜୀବନର ସବୁଠୁ ସୁନ୍ଦର ଯାତ୍ରା। ଫଟୋରେ ପୁରୁଣା ସ୍ମୃତି ମନେ ପଡୁଛି' ବୋଲି କ୍ରୀତି କ୍ୟାପସନ୍‌ରେ ଲେଖିଛନ୍ତି। ଫିଲ୍ମ ପ୍ରଯୋଜକ ସାଜିଦ ନାଦିଆଡ୍‌ୱାଲା, ନିର୍ଦ୍ଦେଶକ ସବୀର ଖାନ୍‌ଙ୍କୁ ସେ ଏଥିପାଇଁ ଧନ୍ୟବାଦ ଦେଇଛନ୍ତି। ଟାଇଗର ଶ୍ରଫ୍ ମଧ୍ୟ କ୍ରୀତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଯୋଡ଼ିଙ୍କୁ ଫିଲ୍ମ 'ଗଣପତ୍'ରେ ପୁଣି ଏକାଠି ଦେଖିବାକୁ ମିଳିବ। ବିକାଶ ବହଲ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି। ଏହାଛଡ଼ା ପୂର୍ବରୁ ଟାଇଗର 'ହିରୋପନ୍ତି ୨' ଏବଂ 'ରାମ୍ବୋ' ଚଳଚ୍ଚିତ୍ର ନିର୍ମାଣ ନେଇ ଘୋଷଣା କରିଛନ୍ତି। ସେହିପରି କ୍ରୀତି ପ୍ରଭାସଙ୍କ ସହ 'ଆଦିପୁରୁଷ'ରେ ନଜର ଆସିବେ। ଏଥିସହ 'ମିମି', 'ହମ୍ ଦୋ ହମାରେ ଦୋ', 'ବଚ୍ଚନ ପାଣ୍ଡେ', 'ଭେଡିୟା'ରେ ମଧ୍ୟ କ୍ରୀତିଙ୍କୁ ଦେଖିବାକୁ ମିଳିବ।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟାରେ ଉପକୂଳବର୍ତ୍ତୀ ଜିଲା ସମେତ ମୟୁରଭଞ୍ଜ, ମାଲକାନଗିରି, କୋରାପୁଟର ବିଭିନ୍ନ ସ୍ଥାନରେ ହାଲ୍‌କାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ଆସିପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସୋମବାର ଦିନର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୪ | ୨୭.୫ |
| ଚାନ୍ଦବାଲି | ୩୭.୨ | ୨୫.୦ |
| କଟକ | ୩୬.୮ | ୨୨.୬ |
| ପାରାଦୀପ | ୩୪.୭ | ୨୮.୭ |
| ଭୁବନେଶ୍ୱର | ୩୬.୮ | ୨୫.୦ |
| ଗୋପାଳପୁର | ୩୬.୫ | ୨୫.୬ |
| ପୁରୀ | ୩୭.୦ | ୨୭.୦ |
| ଅନୁଗୋଳ | ୩୯.୭ | ୨୬.୦ |
| ବାରିପଦା | ୩୮.୮ | ୨୬.୪ |
| ଝାରସୁଗୁଡ଼ା | ୪୦.୬ | ୨୬.୨ |
| କେନ୍ଦୁଝର | ୩୫.୦ | ୨୪.୨ |
| ସମ୍ବଲପୁର | ୪୧.୨ | ୨୭.୯ |
| ସୁନ୍ଦରଗଡ଼ | ୩୯.୦ | ୨୫.୦ |
| ହୀରାକୁଦ | ୪୦.୩ | ୨୭.୬ |
| ତାଳଚେର | ୩୮.୫ | ୨୬.୮ |
| ଭବାନୀପାଟଣା | ୪୦.୦ | ୨୭.୯ |
| ବଲାଙ୍ଗୀର | ୩୯.୨ | – |
| କୋରାପୁଟ | ୩୫.୦ | ୨୧.୬ |
| ଫୁଲବାଣୀ | ୩୭.୬ | ୨୨.୦ |
| ଟିଟିଲାଗଡ଼ | ୪୦.୨ | ୨୬.୮ |
| ମାଲକାନଗିରି | ୩୫.୫ | ୨୦.୦ |
| ସୋନପୁର | ୪୦.୨ | ୨୮.୨ |
| ଦାରିଙ୍ଗିବାଡ଼ି | ୩୪.୦ | ୨୨.୦ |
| ନୟାଗଡ଼ | ୩୬.୦ | ୨୧.୦ |
| ବୌଦ୍ଧ | ୪୦.୫ | ୨୬.୫ |
| ଛତ୍ରପୁର | ୩୫.୭ | ୨୭.୦ |
| ପାରଳାଖେମୁଣ୍ଡି | ୩୩.୫ | ୨୫.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

# ହିଟ୍‌ଲରଙ୍କ ବିଫଳ ପ୍ରକଳ୍ପ 'ପ୍ରୋରା'

**ନୂଆଦିଲ୍ଲୀ:** ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ପୂର୍ବରୁ ନାଜି ସେନା ଭୟରେ ଥରହର ହେଉଥିଲା ସାରା ବିଶ୍ୱ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡ୍‌ଲଫ୍ ହିଟ୍‌ଲର ସୈନିକମାନଙ୍କ ଲାଗି ଏକ ହଲିଡେ କ୍ୟାମ୍ପ କରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ବଲ୍‌ଟିକ୍ ସାଗରର ରୁଗେନ ଦ୍ୱୀପକୁ ଏଥିଲାଗି ନିରୂପଣ କରାଯାଇଥିଲା। ହିଟ୍‌ଲରଙ୍କ ଆଦେଶରେ ଏହି ହୋଟେଲର ନାମ ଦିଆଯାଇଥିଲା 'କୋଲୋସସ୍ ଅଫ୍ ପ୍ରୋରା', ଯାହାର ନକ୍ସା ପ୍ରସ୍ତୁତ କରିଥିଲେ ଖ୍ୟାତନାମା ବାସ୍ତୁବିତ୍ କ୍ଲେମେନ୍ସ କ୍ଲଟ୍। ଚ୍ୟାଲେଞ୍ଜ ପାଲଟିଥିବାବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିଲାଗି ବଡ଼ ଧରଣର ପ୍ରସ୍ତୁତି ଆରମ୍ଭ ହୋଇଥିଲା। 'ପ୍ରୋରା'ର ନିର୍ମାଣରେ ହାରାହାରି ୯ ହଜାର ଶ୍ରମିକ ଦିନରାତି ଏକ୍ କରିଦେଇଥିଲେ। ୧୯୩୬ରୁ ଏହାର ନିର୍ମାଣ ଆରମ୍ଭ ହୋଇଥିବାବେଳେ ୩ ବର୍ଷ ପରେ ଅର୍ଥାତ୍ ୧୯୩୯ରେ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଏହି ପ୍ରକଳ୍ପରେ ୨୩୭.୫ ମିଲିୟନ ଜର୍ମାନୀ ମୁଦ୍ରା ବିନିଯୋଗ ହୋଇଥିଲା। ଆଜିକାର ସମୟରେ ଏହାର ମୂଲ୍ୟ ହାରାହାରି ୮୯୯ ମିଲିୟନ ୟୁରୋ। ହୋଟେଲରେ ୮ଟି ହାଉସିଂ ବ୍ଲକ, ଥିଏଟର, ସିନେମା ହଲ୍ ନିର୍ମାଣ



ଆଡ୍‌ଲଫ୍ ହିଟ୍‌ଲର

ହାରାହାରି ୫କିଲୋମିଟର ପରିମିତ ଅଞ୍ଚଳରେ ଏହି ଆଇଲାଣ୍ଡରେ ହୋଟେଲ ନିର୍ମାଣ ଲାଗି ଦାୟିତ୍ୱ ନେଇଥିଲା ନାଜି ସଂସ୍ଥା 'କ୍ରାଫ୍ଟ ଡର୍ଚ୍ଚ ଫ୍ରେଉଡେ', ଯାହାର ଅର୍ଥ ଥିଲା 'ଖୁସିକୁ ମାଧ୍ୟମ କରି ଶକ୍ତିଶାଳୀ ହେବା'। ଏହି ହୋଟେଲ ନିର୍ମାଣ କରିବାର ଅସଲ ଉଦ୍ଦେଶ୍ୟ ଥିଲା ଯୁଦ୍ଧରେ ଭାଗ ନେଉଥିବା ସୈନିକଙ୍କ ଅବସର ବିନୋଦନ। ହୋଟେଲକୁ 'ପ୍ରୋରା' ନାମରେ ନାମିତ କରାଯାଇଥିଲା। ଏହାର ଅର୍ଥ ଅବ୍ୟବହୃତ ଜମି। ସମୁଦ୍ର ମଧ୍ୟବର୍ତ୍ତୀ ବାଲୁକାମୟ ସ୍ଥାନରେ ହୋଟେଲ ନିର୍ମାଣ କରିବା ସେତେବେଳେ ସବୁଠାରୁ ବଡ଼ ଶେଷ ହୋଇଯାଇଥିଲା। ସୁଇମିଂ ପୁଲ, ଫଷ୍ଟିଭାଲ ହଲ୍ ନିର୍ମାଣ ଲାଗି ଯୋଜନା ଚାଲିଥିବାବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା। ନିର୍ମାଣ କାର୍ଯ୍ୟରେ ନିୟୋଜିତ ସମସ୍ତ ଶ୍ରମିକଙ୍କୁ ସୈନ୍ୟବାହିନୀରେ ଯୋଗଦେବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ତେଣୁ ଏହି କାମ ଅଧାରେ ଅଟକିଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ସମ୍ପୂର୍ଣ୍ଣ ରୂପ ଦେବାକୁ ଉଦ୍ୟମ ହୋଇ ନ ଥିଲା। ତେଣୁ ଏହା ପାଲଟିଯାଇଥିଲା ଯୁଦ୍ଧ ପ୍ରପୀଡ଼ିତ ସୈନିକଙ୍କ ବାରାକ୍। ଏଠାରେ ପର୍ଯ୍ୟାୟକ୍ରମେ

> ଏକଦା ପୃଥିବୀକୁ ଥରହର କରି ରଖିଥିବା ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡ୍‌ଲଫ୍ ହିଟ୍‌ଲରଙ୍କ ବିଫଳତାର ମୂକସାକ୍ଷୀ ଭାବେ ଛିଡ଼ା ହୋଇଛି 'ପ୍ରୋରା'। ବିଂଶ ଶତାବ୍ଦୀର ତୃତୀୟ ଦଶକର ଅନ୍ୟତମ ପ୍ରାଚୁର୍ଯ୍ୟସମ୍ପନ୍ନ ଏହି ହୋଟେଲର ନିର୍ମାଣ ଲାଗି ପାଖାପାଖି ୯୦୦୦ ଶ୍ରମିକ ଶ୍ରମଦାନ କରିଥିଲେ। ତେବେ ଏହି ବିଳାସମୟ ହୋଟେଲରେ କେହି ଯାତ୍ରୀ ରହିବାର ସୌଭାଗ୍ୟ ଅର୍ଜନ କରିପାରି ନ ଥିଲେ। କାରଣ ହୋଟେଲ ପୂର୍ଣ୍ଣାଙ୍ଗ ରୂପ ନେବା ପୂର୍ବରୁ ଆରମ୍ଭ ହୋଇଯାଇଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ। ମିତ୍ରଶକ୍ତି ଆକ୍ରମଣରେ ଜର୍ମାନୀ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଯାଇଥିବାବେଳେ 'ପ୍ରୋରା' ପାଲଟିଯାଇଥିଲା ଗୁରୁତର ସୈନିକଙ୍କ ପାନ୍ଥନିବାସ।

ସୋଭିଏତ୍ ଆର୍ମି, ନ୍ୟାଶନାଲ ପିପୁଲ୍ସ ଆର୍ମି, ୟୁନିଫାଏଡ୍ ଆର୍ମି ଫୋର୍ସ ଅଫ୍ ଜର୍ମାନୀ ରହିଥିଲେ। ବୋମାବର୍ଷଣ ସମୟରେ ସୈନିକଙ୍କ ସମେତ ସାଧାରଣ ଜନତା ମଧ୍ୟ ଜୀବନ ବଞ୍ଚାଇବା ଲାଗି 'ପ୍ରୋରା'ରେ ଆଶ୍ରୟ ନେଉଥିଲେ। ସମୟକ୍ରମେ ଚାକଚକ୍ୟରେଭରା ଏହି ହୋଟେଲ ପରିତ୍ୟକ୍ତ ହୋଇପଡ଼ିଥିଲା। ହିଟଲରଙ୍କ ସ୍ୱପ୍ନର ହୋଟେଲ 'ପ୍ରୋରା'କୁ ବିକ୍ରି କରିବାକୁ ଏକାଧିକଥର ଉଦ୍ୟମ କରାଯାଇଥିଲା। ହେଲେ ପ୍ରତିଥର ଡିଲ୍ କୋଣସି ନା କୌଣସି କାରଣରୁ ଭାଙ୍ଗି ଯାଉଥିଲା। ଯୁଦ୍ଧ ସମୟରେ ଏହି ହୋଟେଲରେ ବହୁ ସୈନିକ ଏବଂ ସାଧାରଣ ଲୋକଙ୍କ ଜୀବନ ଯାଇଥିଲା। ତେଣୁ ଭୌତିକ କାଣ୍ଡ ଭୟରେ ଏହାକୁ କିଣିବାକୁ କେହି ଆଗ୍ରହୀ ହେଉ ନ ଥିଲେ। ତେବେ ୨୦୦୪ରେ ହୋଟେଲର ବିଭକ୍ତୀକରଣ କରାଯାଇ ପୃଥକ୍ ଭାବେ ବିକ୍ରି କରାଯାଇଥିଲା। ଏବେ 'ପ୍ରୋରା'ର ବିଭିନ୍ନ ବ୍ଲକକୁ ସେମାନଙ୍କ ସ୍ୱତ୍ୱାଧିକାରୀ ନିଜର ସୁବିଧା ଅନୁଯାୟୀ ବ୍ୟବହାର କରୁଛନ୍ତି।

## ଡିପ୍ରେସନ ଦୂର କରେ ଉଷୁମ ପାଣି

**ୱାଶିଂଟନ୍:** ଉଷୁମ ପାଣିରେ ସ୍ନାନ କଲେ ଡିପ୍ରେସନ ବା ମାନସିକ ଅବସାଦରୁ ମୁକ୍ତି ମିଳିଥାଏ। ଆମେରିକାର ୱିସକନ୍‌ସିନ୍ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏହା ଉପରେ ରିସର୍ଚ୍ଚ କରିବା ପରେ କହିଛନ୍ତି, ଉଷୁମ ପାଣିରେ ସ୍ନାନ କରିବା ପରେ ଡିପ୍ରେସନ ରୋଗୀଙ୍କୁ ଆରାମ ମିଳିଥାଏ। ଅଧିକାଂଶ ଡିପ୍ରେସନ ରୋଗୀ ଅନିଦ୍ରା କିମ୍ବା ଥକାପଣର ଶିକାର ହୋଇଥା'ନ୍ତି। ୩୦ ପ୍ରତିଶତ ଡିପ୍ରେସନ ରୋଗୀଙ୍କ କ୍ଷେତ୍ରରେ ଔଷଧ ମଧ୍ୟ କାମ କରି ନ ଥାଏ। ଏଭଳି କ୍ଷେତ୍ରରେ ଉଷୁମ ପାଣିରେ ସ୍ନାନ କରିବା ଫଳରେ ସେମାନଙ୍କଠାରେ ସକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଥାଏ। ମନୋବୈଜ୍ଞାନିକଙ୍କ ମତରେ ବିଭିନ୍ନ କାରଣରୁ କିଛି ଡିପ୍ରେସନ ରୋଗୀଙ୍କ କ୍ଷେତ୍ରରେ ଔଷଧ କାମ କରି ନ ଥାଏ। ତେଣୁ ସେମାନଙ୍କ ପାଇଁ ପ୍ରାକୃତିକ ଉପାୟରେ ଚିକିତ୍ସା ହିଁ ଅଧିକ ଫଳପ୍ରଦ ହୋଇଥାଏ। ସ୍ନାନ ବ୍ୟତୀତ ଅଧିକ ଫଳ ଏବଂ ପନିପରିବା ଖାଇବା ଦ୍ୱାରା ଏହି ରୋଗ ଅନେକାଂଶରେ ଭଲ ହୋଇଥାଏ ବୋଲି ରିସର୍ଚ୍ଚରମାନେ ମତ ଦେଇଛନ୍ତି।

BUSINESS

# କେୟର୍ନ ମାମଲାରେ ଭାରତର ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୩।୫



ବ୍ରିଟେନ କମ୍ପାନୀ କେୟର୍ନ ଏନର୍ଜି ପିଏଲ୍‌ସିକୁ ୧.୨ ବିଲିୟନ ଡଲାର ଫେରାଇବା ଲାଗି ଭାରତ ସରକାରଙ୍କ ବିରୋଧରେ ଅନ୍ତଃରାଷ୍ଟ୍ରୀୟ ମଧ୍ୟସ୍ଥତା ଅଦାଲତ ଶୁଣାଣି କରିଥିଲେ। ଏହି ଶୁଣାଣି ବିରୋଧରେ ଭାରତ ସରକାର ଚ୍ୟାଲେଞ୍ଜ କରିଥିବା ଜଣାପଡ଼ିଛି। ଟିକସ ବିବାଦ ମାମଲାରେ ଅନ୍ତଃରାଷ୍ଟ୍ରୀୟ ମଧ୍ୟସ୍ଥତାକୁ କେବେ ସ୍ୱୀକାର କରି ନ ଥିବା ସରକାର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତଠାରୁ ଟିକସ ଅର୍ଥ ଅସୁଲ କରିବା ଲାଗି କେୟର୍ନ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକର ବିଦେଶରେ ରହିଥିବା ସମ୍ପତ୍ତି ଜବତ କରିପାରେ ବୋଲି ଏକ ଖବର ପ୍ରକାଶ ପାଇଥିଲା। ଏହାକୁ ନଜରରେ ରଖି ବିଦେଶରେ ଥିବା ଆକାଉଣ୍ଟରୁ ଟଙ୍କା ଉଠାଣ ଲାଗି ସରକାର ବ୍ୟାଙ୍କଗୁଡ଼ିକୁ କହିଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ଏହାକୁ ନେଇ ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ସରକାର ଏଭଳି କୌଣସି ନିର୍ଦ୍ଦେଶ ବ୍ୟାଙ୍କ କିମ୍ବା କମ୍ପାନୀଗୁଡ଼ିକୁ ଦେଇନାହାନ୍ତି।

୩ ସଦସ୍ୟବିଶିଷ୍ଟ ମଧ୍ୟସ୍ଥତା ଅଦାଲତରେ ଭାରତ ନିଜ ପକ୍ଷରୁ ନ୍ୟାୟାଧୀଶ ନିଯୁକ୍ତ କରିବା ସହ କେୟର୍ନଠାରୁ ୧୦,୨୨୪ କୋଟି ଟଙ୍କାର ଟିକସ ଅସୁଲ ମାମଲାରେ ସମ୍ପୂର୍ଣ୍ଣ ଭାବେ ଭାଗ ନେଇଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, କୌଣସି ଦେଶର ଟିକସ ବିବାଦ ମାମଲାରେ ଶୁଣାଣି କରି ମଧ୍ୟସ୍ଥତା ଅଦାଲତ ନିଜ କ୍ଷେତ୍ରର ଅନୁଚିତ ପ୍ରୟୋଗ କରିଛନ୍ତି। ଭାରତ ଏଭଳି ମାମଲାରେ କେବେ ବି ମଧ୍ୟସ୍ଥତାର ଆବଶ୍ୟକତା କିମ୍ବା ସହମତି ପ୍ରକାଶ କରିନାହିଁ।

ଉଲ୍ଲେଖଯୋଗ୍ୟ, ଭାରତ କେୟର୍ନ ଏନର୍ଜିଠାରୁ ଟିକସ ଅସୁଲ କରିବା ଲାଗି ଏହାର ଭାରତୀୟ ୟୁନିଟ୍‌ର ଶେୟାରକୁ ଜବତ କରିଥିଲା। ପରେ ଏହାକୁ ବିକ୍ରି କରାଯାଇଥିଲା। ଲାଭାଂଶକୁ ନିଜ ଅକ୍ତିଆରକୁ ନେବା ସହ ଟିକସ ରିଫଣ୍ଡକୁ ମଧ୍ୟ ରୋକି ଦେଇଥିଲେ। ୨୦୧୨ରେ ରେଟ୍ରୋସ୍ପେକ୍ଟିଭ ଟିକସ ଆଇନ ପାସ୍ କରିବା ପରେ ସରକାରଙ୍କ ପକ୍ଷରୁ ଏଭଳି ଟିକସ ଡିମାଣ୍ଡ ଲାଗୁ କରାଯାଇଥିଲା। ଭାରତ-ବ୍ରିଟେନ ଦ୍ୱିପାକ୍ଷିକ ନିବେଶ ଚୁକ୍ତି ଆଧାରରେ କେୟର୍ନ ଏହା ବିରୋଧରେ ମଧ୍ୟସ୍ଥତା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ଡିସେମ୍ବରରେ କେୟର୍ନ ଏହି ମାମଲାରେ ଭାରତ ବିରୋଧରେ ବିଜୟ ଲାଭ କରିଥିଲା। କମ୍ପାନୀକୁ ଟିକସ ଅର୍ଥ ଫେରାଇବା ଲାଗି ମଧ୍ୟସ୍ଥତା ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

# ଟିପିସିଓଡିଏଲ୍ ପକ୍ଷରୁ ବାତ୍ୟା ପ୍ରସ୍ତୁତି

ଭୁବନେଶ୍ୱର,୨୩।୫

ଆଇଏମ୍‌ଡିର ରିପୋର୍ଟ ଅନୁସାରେ ଉତ୍ତର ଆଣ୍ଡାମାନ ସାଗର ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ମେ ୨୨ରେ ଏକ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ଏହା ପରବର୍ତ୍ତୀ ୭୨ ଘଣ୍ଟା ମଧ୍ୟରେ ଆହୁରି ତ୍ରୀବ ରୂପ ଧାରଣ କରି ମେ ୨୫ରେ ଏକ ସାମୁଦ୍ରିକ ବାତ୍ୟାରେ ପରିଣତ ହେବ ବୋଲି ଆକଳନ କରାଯାଇଛି। ଏହି ସମ୍ଭାବ୍ୟ ବାତ୍ୟାର ସଫଳ ମୁକାବିଲା ପାଇଁ ଟିପିସିଓଡିଏଲ୍‌ର ଏକ ସମ୍ପୂର୍ଣ୍ଣ ବିଜ୍‌ନେସ କଣ୍ଟିନ୍ୟୁଟି ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ (ବିସିଡିଏମ୍‌ପି) ପ୍ରସ୍ତୁତ ରହିଛି। ଏଭଳି ସମୟରେ ବାତ୍ୟା ମୁକାବିଲା ପାଇଁ ବିସିଡିଏମ୍‌ପି ସବୁ ପ୍ରକାରର ବନ୍ଦୋବସ୍ତ ସହ ଜରୁରିକାଳୀନ ସେବା ଯୋଗାଇ ଦେବାକୁ ଆଗୁଆ ପ୍ରସ୍ତୁତ ସହ ଏକ ମକ୍ ଡ୍ରିଲ୍ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ରୋଗୀ ସେବା ଯେଭଳି ବ୍ୟାଘାତ ନ ହେବ ସେଥି ପ୍ରତି ଦୃଷ୍ଟି ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏପରିକି ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ପାଇଁ ଏକ ଟିମ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ସଂସ୍ଥାକୁ ଲାଇସେନ୍ସ ମିଳିଥିବା ଅଞ୍ଚଳଗୁଡ଼ିକ ପାଇଁ ୨୪ ଘଣ୍ଟିଆ କଲ୍ ସେଣ୍ଟର ୧୯୧୨ ଏବଂ ଟୋଲ୍ ଫ୍ରି ନଂ ୧୮୦୦୩୪୫୭୧୨୨କୁ କଲ୍ କରି ଅଞ୍ଚଳବାସୀ ସମସ୍ୟା ସମ୍ପର୍କରେ ଅବଗତ କରାଇ ପାରିବେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନବାଗମ କହିଛନ୍ତି ଯେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବା ବିଶେଷ କରି କୋଭିଡ୍-୧୯ ମହାମାରୀ ଭଳି ସମୟରେ ଏହାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଆମେ ସେବା ଯୋଗାଇ ଦେବା ପାଇଁ ପ୍ରତିବଦ୍ଧ ରହୁଛି।

## ଅକ୍ସିଜେନ କନସେନ୍‌ଟ୍ରେଟର ଉପରେ ଲାଗିପାରେ ୧୨% ଜିଏସ୍‌ଟି

**ନୂଆଦିଲ୍ଲୀ,୨୩।୫:** ଆସନ୍ତା ୨୮ରେ ବସିବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ। ବୈଠକରେ ଆମଦାନୀ ହେଉଥିବା ଅକ୍ସିଜେନ କନସେନ୍‌ଟ୍ରେଟର ଉପରେ ୧୨% ଜିଏସ୍‌ଟି ଲାଗିପାରେ ବୋଲି ଚର୍ଚ୍ଚା ହେଉଛି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279 7656825022
Retamunda, Bhatigaon, Baragarh

# 'ନିବେଶ କ୍ଷେତ୍ରରେ ବିବିଧୀକରଣ ଜରୁରୀ'

ନୂଆଦିଲ୍ଲୀ,୨୩।୫



ରାଘବ ଆୟଙ୍ଗର

କରୋନା ମହାମାରୀ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଗଭୀର କ୍ଷତି ପହଞ୍ଚାଇଛି। ଗୋଟିଏ ପଟେ ଇକ୍ୱିଟି ବଜାରରେ ଉତ୍ଥାନ ପତନ ଲାଗି ରହିଥିବା ବେଳେ ମହାମାରୀ ଯୋଗୁ ନିଯୁକ୍ତି ହ୍ରାସ ଏବଂ ଦରଦାମ୍ ଭଳି ସମସ୍ୟା ଲୋକମାନେ ସାମ୍ନା କରୁଛନ୍ତି। ଏଭଳି ସ୍ଥିତିରେ ଠିକ୍ ଭାବେ ପରିଚାଳନା ହୋଇ ପାରୁଥିବା ପୋର୍ଟଫୋଲିଓ ନିବେଶକଙ୍କ ସଫଳତା ପାଇଁ ଅତ୍ୟନ୍ତ ଜରୁରୀ । ନିଜର ବ୍ୟକ୍ତିଗତ ନିବେଶ ଲକ୍ଷ୍ୟ ଏବଂ ରିସ୍କ ଉଠାଇବାର କ୍ଷମତାକୁ ନେଇ ମଧ୍ୟ ଆସେଟ୍ ଆଲୋକେଶନ ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି ବୋଲି ଆକ୍ସିସ ଏଏମ୍‌ସି ସିଇଓ ରାଘବ ଆୟଙ୍ଗର କହିଛନ୍ତି। ସେ କହିଛନ୍ତି, ନିଜ ପୋର୍ଟଫୋଲିଓ ଭବିଷ୍ୟତରେ ଯେଭଳି କାମରେ ଆସିପାରିବ ତାକୁ ମଧ୍ୟ ନିବେଶକ ନଜର ଦେବା ଉଚିତ। ଏହା ଏଭଳି ଯୋଜନାବଦ୍ଧ ହେବା ଆବଶ୍ୟକ ଯେଭଳି କୌଣସି ଖରାପ ସ୍ଥିତିରେ ମଧ୍ୟ ଖାପଖୁଆଇ ପାରୁଥିବ। ରିସ୍କକୁ ଧ୍ୟାନରେ ରଖି ଇଚ୍ଛା ମୁତାବକ ରିଟର୍ନ ଲାଭ କରିବାକୁ ମଧ୍ୟ ଲକ୍ଷ୍ୟ ଦେବାକୁ ପଡିବ। ଦାୟିତ୍ୱବାନ୍ ମନି ମ୍ୟାନେଜର, ଡାଇଭର୍ସିଫିକେଶନ, ରିସ୍କ ମ୍ୟାନେଜମେଣ୍ଟ ଏବଂ ସିଷ୍ଟମେଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ ଦ୍ୱାରା ନିବେଶକ ଉନ୍ନତ ରିଟର୍ନ ଲାଭ କରିପାରନ୍ତି। ଏଗୁଡିକୁ ଧ୍ୟାନରେ ରଖି ବର୍ତ୍ତମାନ ପସନ୍ଦଯୋଗ୍ୟ ନିବେଶ ଟୁଲ୍ ଚୟନ କରିବାକୁ ନିବେଶକ ଧ୍ୟାନ ରଖିପାରିବେ ବୋଲି ଆୟଙ୍ଗର ମତ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ସବୁ କିଛି ଯୋଜନା ଠିକ୍ ଥିଲେ ମଧ୍ୟ ବେଳେ ବେଳେ ନିବେଶକଙ୍କୁ କ୍ଷତି ସହିବାକୁ ପଡ଼େ। ଏଣୁ ସମ୍ପତ୍ତି ସୃଷ୍ଟି କରିବା ଲାଗି ଡାଇଭର୍ସିଫିକେଶନ (ବିବିଧୀକରଣ) ଏକ ପ୍ରମୁଖ ଦିଗ। ନିଜର ନିବେଶ ଆବଶ୍ୟକତା ଏବଂ ଲକ୍ଷ୍ୟକୁ ନଜରରେ ରଖି ପୋର୍ଟଫୋଲିଓକୁ ବାଲାନ୍ସ କରିବା ଲାଗି କିଛି ଦିଗ ଉପରେ ଧ୍ୟାନ ରଖିବାକୁ ହେବ। ଏହା ମଧ୍ୟରେ ନିବେଶ ଲକ୍ଷ୍ୟ ଏବଂ ରିସ୍କ ଟଲରାନ୍ସ ନିର୍ଦ୍ଧାରଣ, ଇଣ୍ଡିଭିଜୁଆଲ ଆସେଟ୍ ଗ୍ରହଣ ଏବଂ ଡାଇଭର୍ସିଫିକେଶନକୁ ମନିଟର କରିବା ଏବଂ ସେହି ଅନୁସାରେ ଆଡ୍‌ଜଷ୍ଟମେଣ୍ଟ କରିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ମନେ ପଡୁଛି

ଏକାଦଶାହ ଶ୍ରଦ୍ଧାଞ୍ଜଳି (୨୪।୦୫।୨୦୨୧)



୰ନିରୋଜିନୀ ସାମନ୍ତରାୟ
କରଞ୍ଜିଆ।
ଜନ୍ମ: ଗଣେଶ ଚତୁର୍ଥୀ ୧୯୩୨ ମସିହା
ତିରୋଧାନ: ଅକ୍ଷୟ ତୃତୀୟା ୨୦୨୧ (୧୪।୦୫।୨୦୨୧)
ଜୀବନ ସଂଘର୍ଷର ବ୍ୟାଖ୍ୟା ତୁମେ ଶିଖାଇଲ । ଶେଷ ପର୍ଯ୍ୟନ୍ତ କାହା ଉପରେ ନିର୍ଭର ନ କରି ଅତି ସହଜ ଏବଂ ସରଳ ଭାବରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ତୁମର ଆକସ୍ମିକ ବିୟୋଗରେ ସମସ୍ତ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବର୍ଗ ମର୍ମାହତ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ସଂସ୍କାର ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆଜି ଏହି ଏକାଦଶ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀ ଗାଦି ଗୋସେଇଁଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ:- ପୁଅ: ରଣ୍ଟୁ, ଟୁଟୁ, ନାଟୁ, ମଣ୍ଟୁ, ନିଣ୍ଟୁ ଏବଂ ବୋହୂମାନେ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ବନ୍ଧୁ ପରିଜନବର୍ଗ ।
ଧ-୨୦୭୦୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବସୁନ୍ଧରା ପଟ୍ଟନାୟକ
ଗ୍ରାଣ୍ଡରୋଡ୍, ପାରାଡାଇଜ୍ ହୋଟେଲ୍ ସାମ୍ନା
ଆବିର୍ଭାବ: ୦୬।୦୪।୧୯୫୫
ତିରୋଧାନ:୧୪।୦୫।୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଝିଅ: ଶିବାନୀ, ଜ୍ୱାଇଁ: ସ୍ୱର୍ଣ୍ଣେନ୍ଦୁ ପଟ୍ଟନାୟକ ଏବଂ ସମସ୍ତ ଆତ୍ମୀୟସ୍ୱଜନ ।
ଧ-୨୦୭୭୧

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶଶିକଳା ମିଶ୍ର
ଭାଗୀରଥିପୁର, ଗଞ୍ଜାମ
ଆବିର୍ଭାବ: ୧୦।୦୮।୧୯୩୦
ତିରୋଧାନ: ୧୦।୦୫।୨୦୨୧
ଚାହୁଁ ଚାହୁଁ ଆଜକୁ ଦୀର୍ଘ ପନ୍ଦର ଦିନ ବିତିଗଲା। ପ୍ରତି ମୁହୂର୍ତ୍ତରେ ତମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ତୁମେ ଯେଉଁଠି ଥାଅନା ଶାନ୍ତିରେ ଥାଅ। ସର୍ବଦା ଆମକୁ ଶୁଭ ଦୃଷ୍ଟିରେ ଦେଖୁଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ଚନ୍ଦ୍ରଶେଖର, ବାଲୁଙ୍କେଶ୍ୱର ଓ ମା' ତାରା ତାରିଣୀଙ୍କଠାରେ ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ:-
ଦିଅର: ଦ୍ୟୁତିକୃଷ୍ଣ, ପୁଅ: ହରିକୃଷ୍ଣ, ପୁତୁରା: ମିଟୁ, ଲିଟୁ, ନାତି: ଗୁଡୁଲ, କାହ୍ନା, ଶ୍ରୀଶ, ନାତୁଣୀ: ରୋଜି, ଡେଜି, ମିକି, ଲିକି, ମିନୁ, ଡିଡିଲି ଓ ଶିବ, ରାଜେଶ ଏବଂ ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ ।
ଧ-୨୦୭୭୦

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ପ୍ରମୋଦ ନାଥ ଦାସ
OFS (Retd.)
Ex Member, Odisha State Consumer Commission
ଯୋବ୍ରା, କଟକ
ଆବିର୍ଭାବ : ୧୯.୦୯.୧୯୩୭
ତିରୋଧାନ : ୧୪.୦୫.୨୦୨୧
ଆପଣଙ୍କ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଦୀପା, ମୁନା, ବେବୀ, ମିତା, ଭକ୍ତ, ବବି, ଟବି, ଆନନ୍ଦ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୭୬୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଭୁବନ ମୋହନ ଦେ
ଆବିର୍ଭାବ: ୦୮।୦୧।୧୯୪୯
ତିରୋଧାନ: ୧୨।୦୫।୨୦୨୧
ତୁମର ଅକାଳ ବିୟୋଗରେ ଆମେମାନେ ତୁମର ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା ତଥା ଉତ୍ସର୍ଗୀକୃତ ମନୋଭାବ ଆମ୍ଭମାନଙ୍କର ପାଥେୟ ହେଉ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ ବନ୍ଧୁଗଣ:- ସ୍ତ୍ରୀ: ତ୍ରିପତି, ପୁଅ ଏବଂ ବୋହୂ: ଶଙ୍କର, ମୀରା, ଝିଅ: ପୋନଛି, ଛୋଟକୁ, ଜ୍ୱାଇଁ: ଶିବାନନ୍ଦ, ସଞ୍ଜିତ୍, ନାତୁଣୀ: ମୋନା, ସୋନା, ଦୋନା ଏବଂ ଗୁଗୁଲ
ଧ-୨୦୭୬୨

## ଏକାଗ୍ରତାକୁ ସକ୍ରିୟ କରାଏ ସଙ୍ଗୀତ

ମନ ପସନ୍ଦର ଗୀତ ଶୁଣିବା ଅନେକଙ୍କର ଅଭ୍ୟାସ। ବିଶେଷଭାବରେ ବ୍ୟାୟାମ କରୁଥିବା ସମୟରେ କିମ୍ବା ଏକୁଟିଆ ବସିଥିବା ସମୟରେ କେତେକ ଗୀତ ଶୁଣିଥାଆନ୍ତି। ତେବେ ନିକଟରେ ଏକ ସର୍ଭେରୁ ଏ ନେଇ ରୋଚକ ତଥ୍ୟ ଜଣାପଡ଼ିଛି। ମନପସନ୍ଦର ଗୀତ ଶୁଣିବା ଦ୍ୱାରା ଜଣେ ବ୍ୟକ୍ତି ନିଜର ଏକାଗ୍ରତାକୁ କେତେକାଂଶରେ ବଢ଼ାଇବାରେ ସମର୍ଥ ହୋଇଥାଏ। ବେଳେବେଳେ କେତେକ କାରଣରୁ କାର୍ଯ୍ୟ କରିବା ସମୟରେ କାମଟିକୁ କେହିକେହି ଠିକ୍ ଭାବରେ ତୁଲାଇ ପାରି ନ ଥାଆନ୍ତି। ଏପରି ସମସ୍ୟାରୁ ଜଣେ କିପରି ନିଜକୁ ମୁକୁଳାଇ ପାରିବ, ସେ ନେଇ ଟୋକିଓ ୟୁନିଭର୍ସିଟି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ ନିଜ ମନ ପସନ୍ଦର ସଙ୍ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନେ ତୁଲାଉଥିବା କାର୍ଯ୍ୟ ପ୍ରତି ସେମାନଙ୍କର ଏକାଗ୍ରତା କିପରି ରହୁଛି ତାହାକୁ ତନ୍ନତନ୍ନ କରି ନିରୀକ୍ଷଣ କରିଥିଲେ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ। ନିଜର ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ନିଜର କାମ ପ୍ରତି ଏକାଗ୍ରତା ଆହୁରି ସକ୍ରିୟ ହେଉଥିବାର ଜଣାପଡ଼ିଥିଲା।



## ଡାନେଲ ଲାଇଟ୍‌ର ଉଦ୍ଭାବକ



ନୋବେଲ ବିଜ୍ଞାନୀ
ଗୌଷ୍ଟଫ ଡାନେଲ୍

ସ୍ୱିଡେନ୍‌ର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଗୌଷ୍ଟଫ ଡାନେଲ୍। ନିଜର ଗବେଷଣା ଜୀବନ ମଧ୍ୟରେ ସେ ଡାନେଲ୍ ଲାଇଟ୍ ଏବଂ ଏଜିଏ କୁକ୍‌ର ଆବିଷ୍କାର କରିବାରେ ସକ୍ଷମ ହୋଇଥିଲେ। ଲାଇଟ୍ ହାଉସରେ ଗ୍ୟାସ୍ ଆକ୍ୟୁମଲେଟର ବ୍ୟବହାର କରାଯାଉଥିବା ଅଟୋମେଟିକ ରେଗୁଲେଟର ପାଇଁ ତାଙ୍କୁ ୧୯୧୨ରେ ସମ୍ମାନଜନକ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୧୮୬୯ ନଭେମ୍ବର ୩୦ରେ ସ୍ୱିଡେନ୍‌ର ଏକ ଅଖ୍ୟାତ ଗାଁ ଷ୍ଟେନ୍‌ଷ୍ଟର୍ଫରେ ସେ ଜନ୍ମଗ୍ରହଣ କରିଥିଲେ। ପାଠ ପଢ଼ିବା ସହ ସେ ନିଜର ଏକ ଫାର୍ମ ହାଉସ ମଧ୍ୟ ଚଳାଉଥିଲେ। ଏହି ସମୟରେ ସେ ନିଜର ବୁଦ୍ଧି ବଳରେ ମିଲକ୍ ଫ୍ୟାଟ୍ ଟେଷ୍ଟର ତିଆରି କରିଥିଲେ। ନିଜର ଗବେଷଣା ଜୀବନ ମଧ୍ୟରେ ସେ ବେଶ୍ କେତୋଟି ନୂଆ ନୂଆ ଜିନିଷ ଉଦ୍ଭାବନ କରି ନିଜର ପରିଚୟକୁ ସୁଦୂରପ୍ରସାରୀ କରିବାରେ ସକ୍ଷମ ହୋଇଥିଲେ। ଏଥିପାଇଁ ସେ ବିଶ୍ୱସ୍ତରରେ ସାଉଁଟିଥିଲେ ଅନେକ ପ୍ରଶଂସା। ଗବେଷଣାରେ ନିମଗ୍ନ ରହିବା ସହ ସେ ବିଭିନ୍ନ ଉଚ୍ଚ ପଦପଦବୀରେ ନିଜ ଦାୟିତ୍ୱକୁ ବେଶ୍ ସୂଚାରୁ ରୂପେ ତୁଲାଇଥିଲେ। ୧୯୧୨ ତାଙ୍କ ପାଇଁ ଖୁସିର ଖବର ଆଣିଥିଲା। ଏହି ବର୍ଷ ସେ ନୋବେଲ ପୁରସ୍କାର ପାଇଥିଲେ, ହେଲେ ସେହି ବର୍ଷ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୌଷ୍ଟଫ ନିଜର ଦୃଷ୍ଟିଶକ୍ତି ହରାଇଥିଲେ। ୧୯୩୭ ଡିସେମ୍ବର ୯ରେ ସେ ପରଲୋକ ଗମନ କରିଥିଲେ। ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ।

## ମାଇକ୍ରୋୱେଭ ଚୁଲି



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ମାଇକ୍ରୋୱେଭ୍ ଚୁଲି ଉଦ୍ଭାବନ କରିଥିଲେ ଆମେରିକାର ପ୍ରସିଦ୍ଧ ପ୍ରତିରକ୍ଷା ସାମଗ୍ରୀ ଯୋଗାଣକାରୀ କମ୍ପାନୀ ରୟଥିଅନ୍‌ର ପ୍ରଯୁକ୍ତି ବିଜ୍ଞାନୀ ପରସି ସ୍ପେନ୍‌ସର୍। ସେ ରାଡାର ଯନ୍ତ୍ରରେ ବ୍ୟବହାର ହେଉଥିବା ମାଗ୍ନେଟ୍ରନ୍‌ମାନ ତିଆରି କରିବାରେ ଲାଗିଥାନ୍ତି। ଥରେ ସ୍ପେନସର୍ ଭୁଲ୍‌କ୍ରମେ ଗୋଟିଏ ମାଗ୍ନେଟ୍ରନ୍‌ରେ ଆବଶ୍ୟକ ଶକ୍ତି ଅପେକ୍ଷା ଅଧିକ ଶକ୍ତି ସମ୍ପନ୍ନ ଟ୍ରାନ୍‌ଜିଷ୍ଟରଟିଏ ଲଗାଇଦେଲେ। କିଛି ସମୟ ପରେ ସେ ତାପ ଅନୁଭବ କଲେ ଏବଂ ତାଙ୍କ ପକେଟରେ ଥିବା ଚକୋଲେଟ୍‌ଟିଏ ତରଳିଯିବାର ଦେଖାଗଲା। ପ୍ରଥମେ ଏକଥା ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଥିଲା। ପରେ ସେ ତାଙ୍କର ଭୁଲ୍ ବୁଝିପାରିଲେ। ତେବେ ସେଥିରୁ ଲବ୍‌ଧ ଜ୍ଞାନ ବ୍ୟବହାର କରି ସେ ମାଇକ୍ରୋୱେଭ ଚୁଲି ଉଦ୍ଭାବନ କଲେ।

ଏ ଚୁଲିରେ ମାଇକ୍ରୋୱେଭ ବିକିରଣ ଖାଦ୍ୟ ଅଣୁଗୁଡ଼ିକ ସହିତ ଆନ୍ତଃକ୍ରିୟା ସୃଷ୍ଟି କରେ। ପ୍ରତ୍ୟେକ ତରଙ୍ଗ ଶକ୍ତି ତା'ର ଧ୍ରୁବତାକୁ ପ୍ରତି ତରଙ୍ଗ ଚକ୍ର (ଓଏଭ୍ ସାଇକ୍ଲ)ରେ ଯୁକ୍ତାତ୍ମକରୁ ବିଯୁକ୍ତାତ୍ମକକୁ ପରିବର୍ତ୍ତିତ ହୋଇଥାଏ। ମାଇକ୍ରୋୱେଭ କ୍ଷେତ୍ରରେ ଏହି ଧ୍ରୁବତା ପରିବର୍ତ୍ତନ ପ୍ରତି ସେକେଣ୍ଡରେ ନିୟୁତ ନିୟୁତ ଥର ହୁଏ। ଖାଦ୍ୟ ଅଣୁଗୁଡ଼ିକ, ବିଶେଷକରି ଏଥିରେ ଥିବା ଜଳଅଣୁଗୁଡ଼ିକର ଗୋଟିଏ ଯୁକ୍ତାତ୍ମକ ଏବଂ ଗୋଟିଏ ବିଯୁକ୍ତାତ୍ମକ ମେରୁ ଥାଏ। ତେଣୁ ଏହା ତଦ୍ୱାରା ପ୍ରଭାବିତ ହୁଏ।

ରୟଥିଅନ୍ କମ୍ପାନୀ ୧୯୪୬ ମସିହାରେ ପ୍ରଥମେ ମାଇକ୍ରୋୱେଭ ରନ୍ଧନ ପଦ୍ଧତିକୁ ସ୍ୱତ୍ୱାଧିକାରଭୁକ୍ତ କରିଥିଲା ଏବଂ ଏହାଦ୍ୱାରା ନିର୍ମିତ ପ୍ରଥମ ଚୁଲିର ନାମ ଥିଲା 'ରାଡାରେଞ୍ଜ'। ପ୍ରାୟ ୧.୮ମିଟର ଉଚ୍ଚତା ବିଶିଷ୍ଟ ଏହି ବ୍ୟବସ୍ଥାଟିର ଓଜନ ଥିଲା ୩୪୦ କିଲୋଗ୍ରାମ୍। ଏହାକୁ ଜଳ ଦ୍ୱାରା ଶୀତଳ କରାଯାଉଥିଲା ଏବଂ ଏହା ୩୦୦୦ ୱାଟ୍ ପର୍ଯ୍ୟନ୍ତ ଉତ୍ପନ୍ନ କରୁଥିଲା, ଯାହାକି ବର୍ତ୍ତମାନର ମାଇକ୍ରୋୱେଭ ଚୁଲି ଦ୍ୱାରା ଉତ୍ପନ୍ନ ବିକିରଣ ପ୍ରାୟ ୩ ଗୁଣ। ଏହାପରେ ୧୯୬୦ ଦଶକରେ ଲିଟନ ନାମକ ଅନ୍ୟ ଏକ କମ୍ପାନୀ ଏହାର ସ୍ୱତ୍ୱାଧିକାର କ୍ରୟ କରି ଆଧୁନିକ ମାଇକ୍ରୋୱେଭ ଚୁଲି ସଦୃଶ ବ୍ୟବସ୍ଥାମାନ ତିଆରି ଆରମ୍ଭ କଲା।

ଏବେ ବଜାରରେ ମିଳୁଥିବା ଚୁଲିଗୁଡ଼ିକ ପ୍ରାୟ ୧୦୦୦ ୱାଟ୍‌ର ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ଧାରା ଆବଶ୍ୟକ କରୁଛନ୍ତି। ଅନ୍ୟପକ୍ଷରେ, ଏହାର ଅନେକ ମନ୍ଦଗୁଣ ଥିବାର ମଧ୍ୟ ବୈଜ୍ଞାନିକମାନେ ସୂଚନା ଦେଲେଣି। ଉଦାହରଣ ସ୍ୱରୂପ, ଏଥିରେ ଖାଦ୍ୟ ଅଳ୍ପ ସମୟ ପାଇଁ ଗରମ କରାଯାଉଥିବାରୁ ତାହା ଅସମାନ ହୋଇଥାଏ। ଅଧିକାଂଶ ସମୟରେ ଆଗରୁ ରନ୍ଧା ହୋଇଥିବା ଖାଦ୍ୟକୁ ଏଥିରେ ଗରମ କରାଯାଏ। ତହିଁରେ କିଛି ଜୀବାଣୁ ବଢ଼ିପାରିଥାନ୍ତି।





ଅସମାନ ଗରମ ସେସବୁ ଗୁଡ଼ିକୁ ମାରି ପାରେ ନାହିଁ। ସେହିପରି ମାଇକ୍ରୋୱେଭ ଚୁଲିରେ ତରଳ ପଦାର୍ଥକୁ ଚିକ୍କଣ ବାସନରେ ଗରମ କଲେ ତାହା 'ଅତି ଉତ୍ତପ୍ତ' (ସୁପର ହିଟ୍) ହୋଇପାରେ, ଅର୍ଥାତ୍ ତାପମାତ୍ରା ସ୍ଫୁଟନାଙ୍କଠାରୁ କିଛି ଅଧିକ ହୋଇଗଲେ ମଧ୍ୟ ତାହା ଫୁଟିବାକୁ ଆରମ୍ଭ କରେ ନାହିଁ। କିନ୍ତୁ ତାହା ସାମାନ୍ୟ ଚହଲିଗଲେ ହଠାତ୍ ଖୁବ୍ ଜୋରରେ ଫୁଟିବାକୁ ଲାଗେ। ଏଣୁ ସେତେବେଳେ ଆମେ ଯଦି ତାକୁ ଧରିଥାଉ, ହାତକୁ କ୍ଷତି ପହଞ୍ଚେ। ପୁନଶ୍ଚ ମାଇକ୍ରୋୱେଭ୍ ଚୁଲିରେ ଗରମ କଲାବେଳେ ପାତ୍ରରେ ଧାତବ କିମ୍ବା ଚାମଚ ଆଦି ଥିଲେ ତାହା ଆଣ୍ଟେନା ଭଳି କାମ କରେ ଏବଂ ବେଳେବେଳେ ଜଳିଉଠେ।

କ୍ରମାଗତ ଦୀର୍ଘଦିନ ଧରି ମାଇକ୍ରୋୱେଭରେ ପ୍ରକ୍ରିୟାକରଣ ହେଉଥିବା ଖାଦ୍ୟ ଖାଇଲେ ତାହା ମସ୍ତିଷ୍କର ତନ୍ତୁଗୁଡିକ ଅଣ-ଧ୍ରୁବୀକରଣ (ଡି-ପୋଲାରାଇଜିଂ) ଏବଂ ଅଣ-ଚୁମ୍ବକୀୟ (ଡି. ମାଗ୍ନେଟାଇଜିଂ) କରିଦିଏ। ଫଳରେ ମସ୍ତିଷ୍କକୁ କ୍ଷତି ପହଞ୍ଚେ ବୋଲି କୁହାଯାଉଛି। ପଦାର୍ଥଗୁଡିକର ଚୟାପଚୟ (ମେଟାବୋଲାଇଜେସନ୍) କରିପାରେ ନାହିଁ। ଏବେ ବୈଜ୍ଞାନିକମାନେ ଦାବି କଲେଣି ଯେ ଏହା ଆମ ତଥାକଥିତ 'ମାଇକ୍ରୋୱେଭ ଅସୁସ୍ଥତା'ର କାରଣ ହେବାର ସମ୍ଭାବନା ରହିଛି। ଏହାର ପ୍ରଥମ ସୂଚନା ହେଲା ନିମ୍ନ ରକ୍ତଚାପ ଏବଂ ମନ୍ଥର ହୃତ୍‌ସ୍ପନ୍ଦନ। ପରବର୍ତ୍ତୀ ଅବସ୍ଥାରେ ସମଦର୍ଦ୍ଦ (ସିମ୍ପାଥେଟିକ୍) ସ୍ନାୟୁବ୍ୟବସ୍ଥାର ବହୁକାଳିକ ଉଦ୍ଦୀପନା, ଉଚ୍ଚ ରକ୍ତଚାପ, ମୁଣ୍ଡବ୍ୟଥା, ଚକ୍ଷୁ ଯନ୍ତ୍ରଣା, ମୁଣ୍ଡ ବୁଲାଇବା, ନିଦ୍ରାହୀନତା, ଚିଡିଚିଡା ସ୍ୱଭାବ, ଦୁଶ୍ଚିନ୍ତା, ପାକସ୍ଥଳୀରେ ଯନ୍ତ୍ରଣା, ଅମନଯୋଗିତା, କେଶ କ୍ଷୟ, ପ୍ରଜନନ ସମସ୍ୟା ଏବଂ କର୍କଟରୋଗର ମଧ୍ୟ ଏହା କାରଣ ହୋଇପାରେ। ପୁନଶ୍ଚ କୁହାଯାଉଛି ଯେ, ଶିଶୁଖାଦ୍ୟକୁ ମାଇକ୍ରୋୱେଭ କରାଗଲା ପରେ ସେଥିରେ ଥିବା ଆମିନୋଅମ୍ଳ ଏବଂ ମେଦାୟ ମଧ୍ୟରୁ ଅନେକ ତାଙ୍କର ପ୍ରାକୃତିକ ଗୁଣ ହରାନ୍ତି ଏବଂ ବେଳେବେଳେ ତହିଁରୁ କେତେକ ବିଷାକ୍ତ ମଧ୍ୟ ହେବାର ସମ୍ଭାବନା ରହିଛି। ତେବେ ବର୍ତ୍ତମାନ ମାଇକ୍ରୋୱେଭ ଚୁଲି ଆମର ଏକ 'ଅତ୍ୟାବଶ୍ୟକ ହାନୀକାରୀ'ରେ ପରିଣତ ହୋଇଛି। ଏଣୁ ଏହାକୁ ପରିତ୍ୟାଗ କରିବା ସମ୍ଭବପର ନୁହେଁ। ଏପରିସ୍ଥଳେ ମାଇକ୍ରୋୱେଭ ଚୁଲି ବ୍ୟବହାର କଲାବେଳେ କେତେକ ପ୍ରତିକାର ପଦକ୍ଷେପ ନିର୍ଦ୍ଧାରଣ କରାଯାଇଛି। ସେଗୁଡିକ ମଧ୍ୟରୁ ମୁଖ୍ୟଗୁଡିକ ହେଲା-

-ଖାଦ୍ୟ ପଦାର୍ଥକୁ ସମାନ ସମାନ ଛୋଟ ଛୋଟ ଖଣ୍ଡ କରି କାଟିଲେ ତାହା ଭଲ ରାନ୍ଧି ହୁଏ। ଏଥିରେ ମାଇକ୍ରୋୱେଭ ସମାନ ଭାବେ ବାଣ୍ଟିହୋଇ ପ୍ରବେଶ କରେ। ଖାଦ୍ୟ ଥିବା ପାତ୍ରଟିକୁ ଅଣଧାତବ ପଦାର୍ଥ ନିର୍ମିତ ଢାଙ୍କୁଣୀରେ ଢ଼ାଙ୍କି ରାନ୍ଧିଲେ ତାହା ସମାନ ଭାବେ ରାନ୍ଧି ହୁଏ ଏବଂ ଜୀବାଣୁମାନେ ନଷ୍ଟ ହୋଇଯାଆନ୍ତି।

-ଏହା ଟେକା ଏବଂ ଗୋଲ ଆକାରର ହେଲେ ତାହାର ଚାରିଆଡେ ତାପମାତ୍ରା ସମାନ ଭାବେ ବିଛେଇ ହୋଇ ରହେ। ରାନ୍ଧିବା ଭିତରେ ଖାଦ୍ୟକୁ ଅନ୍ତତଃ ଥରେ ଘାଣ୍ଟିବା ଦରକାର। ନଚେତ୍ ତାହାକୁ ଚୁଲି ଭିତରୁ କାଢ଼ିବା ଆଗରୁ କିଛି ସମୟ ରଖିବା ଭଲ। ଏହା ତାପମାତ୍ରାର ସୁଷମ ବଣ୍ଟନରେ ସହାୟକ ହୁଏ।

-ଯେଉଁ ଖାଦ୍ୟକୁ ଯେତିକି ସମୟ ରାନ୍ଧିବାକୁ ସୁପାରିସ କରାଯାଇଛି ତାକୁ ସେତିକି ସମୟ ରାନ୍ଧିବା ଉଚିତ।

-ତରଳ ଖାଦ୍ୟ ରାନ୍ଧିଲେ ମାଇକ୍ରୋୱେଭରେ ବନ୍ଦ ରଖି ମଝିରେ ମଝିରେ ତାକୁ ଘାଣ୍ଟ। ଚୁଲିଟି କିଣିଲାବେଳେ ସେଥିସହିତ ଦିଆଯାଇଥିବା ମାର୍ଗଦର୍ଶିକାଟି ଭଲ ଭାବେ ପଢ଼ ଏବଂ ସେହି ଅନୁସାରେ ତାହା ବ୍ୟବହାର କର।

-ଉଷା ନିବାସ
୧୨୪/୨୪୪୫
ଖଣ୍ଡଗିରି ବିହାର
ଭୁବନେଶ୍ୱର-୩୦
ମୋ: ୯୯୩୭୯୮୫୭୬୭

## ଉପକାରୀ ଜଳ



ଆମ ଶରୀର ପାଇଁ ଜଳ କେତେ ଉପକାରୀ ତାହା କହିବା ବାହୁଲ୍ୟ। କାରଣ ଜୀବନ ଧାରଣ ପାଇଁ ଅମ୍ଳଜାନ ପରେ ଯେଉଁ ଜିନିଷର ପ୍ରମୁଖ ଆବଶ୍ୟକତା ରହିଛି ତାହା ହେଉଛି ଜଳ। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକଭାଗ କମିଗଲେ ତାହାର ଗୁରୁତର ପ୍ରଭାବ ଶରୀର ଉପରେ ପଡିଥାଏ। ଏପରି କି ସଂପୃକ୍ତ ବ୍ୟକ୍ତିଙ୍କର ଜୀବନ ସଙ୍କଟାପନ୍ନ ହୋଇପଡେ ଏବଂ କେତେକ କ୍ଷେତ୍ରରେ ମୃତ୍ୟୁର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଆମକୁ ପ୍ରତିଦିନ ଆବଶ୍ୟକ ମୁତାବକ ଜଳ ପିଇବା ଆବଶ୍ୟକ। ଶରୀରରେ ରକ୍ତ, ମୂତ୍ର, ଲୁହ, ଲାଳ, ପିତ୍ତ ଓ ପାଚକରସ ଆଉ ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଶରୀରରେ ହେଉଥିବା ଜୈବରାସାୟନିକ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରେ ଜଳ। ସେସବୁ ସଂଘଟିତ ହୋଇଥାଏ ଜଳ ମାଧ୍ୟମରେ। ଶରୀରରେ ଥିବା ପ୍ରତ୍ୟେକ କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ ଏବଂ ଔଷଧ ଆଦି ପହଞ୍ଚେଇବାରେ ଜଳ ଏକ ବାହକ ରୂପେ କାର୍ଯ୍ୟକରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ଜଳର ଅନ୍ୟତମ କାର୍ଯ୍ୟ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ଜଳୀୟ ଶୁଷ୍କତା (ଡିହାଇଡ୍ରେଶନ) ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। ବେଳେବେଳେ ଏପରି ହୁଏ ଯେ ହସପିଟାଲରେ ଆଡମିଶନ ହେବାକୁ ପଡେ।

## ଅବସାଦ ଦୂର କରିବାର ନୂଆ ଉପାୟ



ଆଜିକାଲି ଅନେକ କେତେକ କାରଣରୁ ଅବସାଦଗ୍ରସ୍ତ ହେଉଛନ୍ତି। କେତେକ କାରଣ ଏଥିପାଇଁ ଦାୟୀ। ହେଲେ ଅବସାଦରୁ ରକ୍ଷା ପାଇବାର ସହଜ ତଥା ସରଳ ଉପାୟ ହାତପାହାନ୍ତାରେ ରହିଛି। ବାସ୍, ଏଥିପାଇଁ ଆପଣଙ୍କୁ କିଛି ସମୟ ଯୋଗ କରିବାକୁ ପଡିବ। ଏହାକୁ ନିୟମିତ ଅଭ୍ୟାସରେ ପରିଣତ କରିପାରିଲେ ଜଣେ ବ୍ୟକ୍ତି ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିପାରିବ ବୋଲି ୟୁନିଭର୍ସିଟି ଅଫ କାଲିଫର୍ନିଆରର ମନୋବିଜ୍ଞାନୀମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି।

## କ୍ୟାନ୍‌ସର ଟ୍ୟୁମର ଓ ଫଳମୂଳ



ତଟକା ଫଳମୂଳ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ନିୟମିତ ଏହାକୁ ଖାଇଲେ ଏହା ସ୍ୱାସ୍ଥ୍ୟ ଲାଗି ଆହୁରି ଲାଭପ୍ରଦ ହୋଇଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ତଟକା ଫଳମୂଳରେ ଏପରି ତତ୍ତ୍ୱ ରହିଛି ଯାହା କ୍ୟାନ୍‌ସର ଟ୍ୟୁମରକୁ ବୃଦ୍ଧି ହେବାରୁ କେତେକାଂଶରେ ରୋକିଥାଏ। ଆମେରିକାସ୍ଥିତ ଟେକ୍‌ସାସ ୟୁନିଭର୍ସିଟିର ବିଶେଷଜ୍ଞମାନେ ତଟକା ଫଳମୂଳରେ ଏପରି ଏକ ତତ୍ତ୍ୱ ଖୋଜିପାଇଛନ୍ତି ଯାହା କ୍ୟାନ୍‌ସର ଟ୍ୟୁମରକୁ ବଢ଼ାଇବାକୁ ଦେଇ ନ ଥାଏ। ବିଶେଷ ଭାବରେ ଆପଲ, ଅଙ୍ଗୁର ଏପରି କି ହଳଦୀ ଗୁଣ୍ଡରେ ଏହି ତତ୍ତ୍ୱ ରହିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

- ସକାଳୁ ଉଠି ନିଜର ନିତ୍ୟକର୍ମ ଶେଷ କରି ଗ୍ଲାସେ ପାଣି ପିଇଲେ ତାହା ଶରୀରରେ ଶକ୍ତି ସଂଚାର କରିଥାଏ। ତା'ସହ ସକାଳୁ ଉଠି ଖାଲି ପେଟରେ ପାଣି ପିଇଲେ ତାହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରିବାରେ ସହାୟକ ହୋଇଥାଏ।
- କଦାପି ଥଣ୍ଡା ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ଉଷୁମ ଖାଦ୍ୟ ଖାଆନ୍ତୁ।
- ଆଜିକାଲି ତ ଥଣ୍ଡାଜନିତ ରୋଗ ଏକ ସାଧାରଣ କଥା ପାଲଟି ଗଲାଣି। ତେବେ ଏଥିପାଇଁ ଘରେ ଔଷଧ ରଖନ୍ତୁ। ହେଲେ ଏହାପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ସବୁବେଳେ ନିଜ ଶରୀର କେତେ ଫିଟ୍ ଅଛି ତାହା ଜାଣିନେବା ଜରୁରୀ। ବିଶେଷଭାବରେ ଯୁବପିଢ଼ି ନିଜକୁ ଫିଟ୍ ରଖିବାକୁ ଆଜିକାଲି ଜିମ୍ ଯାଉଛନ୍ତି। ତେଣୁ ତା'ସହ ସେମାନେ ନିଜର ଖାଦ୍ୟପେୟ, ଓଜନ ଏବଂ ଜୀବନଶୈଳୀ ପ୍ରତି ନଜର ଦେବା ଆବଶ୍ୟକ।
- ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ। ଏପରି କରିବା ଦ୍ୱାରା ତାହା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା ନିଜେ ଅନୁଭବ କରିପାରିବେ।
- କାହାର ପ୍ରରୋଚନାରେ ପଡି ଆଦୌ କୌଣସି ବ୍ୟାୟାମ କରନ୍ତୁ ନାହିଁ। ଏ ନେଇ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
- ନିଜ ବେଡ୍ ରୁମ୍‌ର ପରିବେଶକୁ ସବୁବେଳେ ଶାନ୍ତ ରଖନ୍ତୁ। କାରଣ ଏହାଦ୍ୱାରା ଭଲ ନିଦ ହୋଇଥାଏ।

# କ୍ରୀଡ଼ା ଜଗତରେ ମିଶ୍ର ପ୍ରତିକ୍ରିୟା

**ନୂଆଦିଲ୍ଲୀ, ୨୩।୫(ପି.ଟି.)**

ରେସ୍‌ଲର ସାଗର ଧନକର ହତ୍ୟା ମାମଲାରେ ସୁଶୀଲ କୁମାର ଓ ତାଙ୍କ ସାଥୀ ଗିରଫ ହୋଇଛନ୍ତି। ଦେଶର ସର୍ବଶ୍ରେଷ୍ଠ ଅଲିମ୍ପିଆନରୁ ଜଣେ ହତ୍ୟା ଅଭିଯୁକ୍ତ ବନିଯାଇଥିବା ସୁଶୀଲଙ୍କୁ ନେଇ ଏବେ ସମ୍ପୂର୍ଣ୍ଣ କ୍ରୀଡ଼ା ଜଗତରେ ଚର୍ଚ୍ଚା ଚାଲିଛି। ଏହି ମାମଲାରେ କ'ଣ କରାଯାଇପାରିବ ସେ ନେଇ କିଛି କହିବାକୁ ଅନେକ ଦ୍ୱିଧାରେ ପଡିଯାଇଛନ୍ତି। ପୋଲିସ ସୁଶୀଲଙ୍କୁ ୬ ଦିନିଆ ରିମାଣ୍ଡରେ ନେଇଛି।

ବିଶ୍ୱସ୍ତରରେ ଦେଶକୁ ଓ ତ୍ରିରଙ୍ଗା ପାଇଁ ଗୌରବ ଆଣିଦେଇଥିବା ସୁଶୀଲଙ୍କୁ ଜଣେ ସାଧାରଣ ଅପରାଧୀ ଭଳି ଦିଲ୍ଲୀ ପୋଲିସର ଅଧିକାରୀମାନେ ଗିରଫ କରିବା ସହ ରବିବାର ମୁହଁରେ ତଉଲିଆ ଗୁଡାଇ ଦୁଇ ହାତଧରି ନେଇଯିବାର ଦୃଶ୍ୟ ଅନେକଙ୍କର ହଜମ ହୋଇନାହିଁ। ଦୁର୍ଭାଗ୍ୟବଶତଃ ବିଶ୍ୱ ରେସଲିଂ ଦିବସରେ ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ୨୩ ବର୍ଷୀୟ ରେସ୍‌ଲର ସାଗରଙ୍କ ହତ୍ୟା ମାମଲାରେ ସୁଶୀଲଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ସ୍ଥାନୀୟ ଛତ୍ରସାଲ ଷ୍ଟାଡିୟମରେ ଏକ ଝଗଡ଼ା ବେଳେ ଏହି ଅଭାବନୀୟ ଘଟଣା ଘଟିଥିଲା। ଛତ୍ରସାଲ ଷ୍ଟାଡିୟମକୁ ଭାରତୀୟ ରେସଲିଂର ମକ୍କା କୁହାଯାଇଥାଏ। ଏଠାରେ ସୁଶୀଲଙ୍କ ସମେତ ଏକାଧିକ ବିଶ୍ୱସ୍ତରୀୟ ରେସ୍‌ଲର ସୃଷ୍ଟି ହୋଇଥିଲେ। ଏକମାତ୍ର ଭାରତୀୟ ଆଥ୍‌ଲେଟ ଭାବେ ସୁଶୀଲ ବ୍ୟକ୍ତିଗତ କ୍ରୀଡ଼ାରେ ଦୁଇଟି ଅଲିମ୍ପିକ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସାଗର ଦିଲ୍ଲୀ ପୋଲିସ ବିଭାଗର ଜଣେ କନଷ୍ଟେବଲଙ୍କ ପୁଅ। ସେ ଏହି ଷ୍ଟାଡିୟମରେ ଟ୍ରେନିଂ ନେଉଥିଲେ। ଝଗଡ଼ା ବେଳେ ଆହତ ହୋଇ ସେ ଇଞ୍ଜୁରି ହୋଇଥିଲେ ଓ ଶେଷରେ ପ୍ରାଣତ୍ୟାଗ କରିଥିଲେ।



ପୋଲିସ ହେପାଜତରେ ରେସ୍‌ଲର ସୁଶୀଲ କୁମାର।

ଏହି ଘଟଣାରେ ସାରା କ୍ରୀଡ଼ା ଜଗତ ହତବାକ ହୋଇଛି। ୩୭ ବର୍ଷୀୟ ସୁଶୀଲ ଦୁଇଟି ଅଲିମ୍ପିକ ପଦକ ଜିତିବା ସହ ଭାରତର ଏକମାତ୍ର ରେସଲିଂ ବିଶ୍ୱ ଚାମ୍ପିୟନ ଭାବେ ଖ୍ୟାତି ଅର୍ଜନ କରିଥିଲେ। ସେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୩ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେଣୁ ଏହି ଘଟଣାରେ ସୁଶୀଲଙ୍କୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭାରତୀୟ କ୍ରୀଡ଼ା ପ୍ରତି ସୁଶୀଲ ଯାହା କରିଛନ୍ତି ତାହାକୁ ଆଦୌ ଅଣଦେଖା କରିହେବ ନାହିଁ। ବର୍ତ୍ତମାନ ଏତିକି ମାତ୍ର କହିହେବ ଓ ଆଉ କିଛି କହିହେବ ନାହିଁ। ପ୍ରଥମେ ମାମଲା ସ୍ପଷ୍ଟ ହେଉ। ଏ ନେଇ ଅଧିକ କିଛି କହିହେବ ନାହିଁ ବୋଲି ଅଲିମ୍ପିକ ପଦକ ବିଜେତା ବକ୍ସର ବିଜେନ୍ଦର ସିଂ କହିଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ଉଭୟ ବିଜେନ୍ଦର ଓ ସୁଶୀଲ ଐତିହାସିକ ବ୍ରୋଞ୍ଜ୍ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଦେଇଥିଲେ।

**ପୋଲିସ ରିମାଣ୍ଡରେ ସୁଶୀଲ**

ଏ ପର୍ଯ୍ୟନ୍ତ ବିଜେନ୍ଦର ବକ୍ସିଂରେ ଏକମାତ୍ର ଅଲିମ୍ପିକ ପଦକ ବିଜେତା ବିବେଚିତ ହେଉଛନ୍ତି।

ଏହି ମାମଲାରେ ଭାରତୀୟ କ୍ରୀଡ଼ାକୁ ଜବରଦସ୍ତ ଝଟକା ଲାଗିଛି ବୋଲି ଅଭିଜ୍ଞ ଟେବୁଲ ଟେନିସ ଖେଳାଳି ଶରଥ କମଲ କହିଛନ୍ତି। ଯଦି ସୁଶୀଲଙ୍କ ଦ୍ୱାରା କିଛି ଅପରାଧ ଘଟିଥାଏ ତା'ହେଲେ ଏହା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। କେବଳ ରେସଲିଂ ନୁହେଁ ପୂରା ଭାରତୀୟ କ୍ରୀଡ଼ା ଏଥିରେ ପ୍ରଭାବିତ ହେବ। ସେ ଦେଶର ଅନ୍ୟତମ ଶ୍ରେଷ୍ଠ ଆଥ୍‌ଲେଟ। ତାଙ୍କୁ ଲୋକେ ଆଦର୍ଶ ମାନନ୍ତି। ତେଣୁ ଯଦି ସେ ସତରେ କିଛି ଭୁଲ କରିଥାନ୍ତି ତା'ହେଲେ ଭାରତୀୟ କ୍ରୀଡ଼ା ପାଇଁ ଏହା ଏକ ବଡ଼ କ୍ଷତି ବୋଲି ଶରଥ କହିଛନ୍ତି।

ପୂର୍ବତନ ହକି ଅଧିନାୟକ ଅଜିତ୍‌ପାଲ ସିଂ ସୁଶୀଲଙ୍କୁ ଜଣେ ଭଦ୍ରବ୍ୟକ୍ତି ବୋଲି କହିଛନ୍ତି। ତେବେ କ'ଣ ପାଇଁ ଏହି ଘଟଣା ଘଟିଲା ତାହା କହିବା ମୁସ୍କିଲ। ଏହା ନିଶ୍ଚିତ ଭାବେ ଲଜ୍ଜାଜନକ ଓ ଦୁର୍ଭାଗ୍ୟଜନକ। କ୍ରୀଡ଼ାରୁ ସେ ଯଶ, ଅର୍ଥ, ମାନ ସବୁ କିଛି ପାଇଛନ୍ତି। ତେଣୁ ସେ ଏଭଳି ଘଟଣାରେ ସାମିଲ ହେବା ଉଚିତ ନ ଥିଲା ବୋଲି ଅଜିତ୍‌ପାଲ କହିଛନ୍ତି। ବେଜିଂ ଅଲିମ୍ପିକ୍ସ ବେଳେ ସୁଶୀଲଙ୍କୁ ଭେଟିଥିଲି। ସେ ଅତ୍ୟନ୍ତ ଭଦ୍ର ଓ ନମ୍ର ସ୍ୱଭାବର ଥିଲେ। ତେବେ ସଫଳତା ଓ ଯଶକୁ ହ୍ୟାଣ୍ଡଲ କରିବା ଏକ ଚ୍ୟାଲେଞ୍ଜ୍ ବୋଲି ସେ କହିଛନ୍ତି।

ସୁଶୀଲଙ୍କ ଜଣେ ସାଥି ରେସ୍‌ଲର ନିଜ ନାମ ଗୋପନ ରଖି ସମୟ ଓ ତଦନ୍ତର ଫଳାଫଳକୁ ଅପେକ୍ଷା କରିବା ଉଚିତ ବୋଲି କହିଛନ୍ତି। ତେବେ ଏହି ଘଟଣା ରେସଲିଂ ଓ ସୁଶୀଲଙ୍କ ଛବିକୁ କଳଙ୍କିତ କରିଛି ବୋଲି ସେ କହିଛନ୍ତି। ସୁଶୀଲଙ୍କର ଦୁଇଟି ଛୋଟ ପୁଅ ଅଛନ୍ତି। ସେ ଜଣାଶୁଣା ରେସଲିଂ କୋଚ୍ ସତ୍‌ପାଲ ମହାରାଜଙ୍କ ଝିଅ ସାବିଙ୍କୁ ବିବାହ କରିଥିଲେ। ୨୦୧୧ରେ ତାଙ୍କର ବିବାହ ହୋଇଥିଲା। ଜଣେ ପୂର୍ବତନ କ୍ରିକେଟର ମଧ୍ୟ ନାମ ଗୋପନ ରଖି ସମାନ ମତ ଦେଇଛନ୍ତି। ଏହି ଘଟଣା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତେବେ ସୁଶୀଲ ଯଦି ନିର୍ଦ୍ଦୋଷ ତା'ହେଲେ ନିଶ୍ଚିତ ଭାବେ ନ୍ୟାୟ ପାଇବେ ବୋଲି ସେ କହିଛନ୍ତି।

ସୁଶୀଲଙ୍କ ଭଳି ହୀରୋଙ୍କ ପତନ କ୍ରୀଡ଼ା ପାଇଁ ଶୁଭଙ୍କର ନୁହେଁ ବୋଲି ଜଣେ ପୂର୍ବତନ ହକି ଅଧିନାୟକ କହିଛନ୍ତି। ଯୁବ ଆଥ୍‌ଲେଟମାନେ ତାଙ୍କୁ ଆଦର୍ଶ ମାନନ୍ତି। ତେଣୁ ଭାରତୀୟ କ୍ରୀଡ଼ା ପାଇଁ ଏହା ଏକ କଳା ଦିବସ ବୋଲି ସେ କହିଛନ୍ତି। ସେହିପରି ଏହି ଘଟଣାକୁ ଆଦୌ ବିଶ୍ୱାସ କରିହେଉନାହିଁ ବୋଲି ଶୁଟିଂ ଜଗତର ଜଣେ ବ୍ୟକ୍ତି କହିଛନ୍ତି। ତେବେ ଜଣେ ଜଣାଶୁଣା ବ୍ୟାଡ୍‌ମିଣ୍ଟନ ଖେଳାଳି ଭିନ୍ନ ମତ ଦେଇଛନ୍ତି। ଭାରତୀୟ କ୍ରୀଡ଼ା ଏହି ମାମଲାକୁ ପଛରେ ପକାଇବ ଓ ନୂଆ ହିରୋ ସୃଷ୍ଟି ହେବେ ଏବଂ ରେସ୍‌ଲିଂରେ ନୂଆ ଗୌରବମୟ ଅଧ୍ୟାୟ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ସେହିପରି କିଛି ସମୟ ପାଇଁ ଏହି ଘଟଣା ରେସଲିଂକୁ ପ୍ରଭାବିତ କରିବ। କ୍ରୀଡ଼ା ଆଗକୁ ବଢ଼ିବ ଓ ନୂଆ ରୂପ ନେବ। କ୍ରିକେଟରେ ସ୍ପଟ୍ ଫିକ୍ସିଂ ଓ ମ୍ୟାଚ୍ ଫିକ୍ସିଂ ଘଟଣା ଭଳି ଏହାକୁ ମଧ୍ୟ ଲୋକେ ଭୁଲିଯିବେ। ତେଣୁ ସମୟକ୍ରମେ କ୍ରୀଡ଼ା ତା'ର ଗୌରବ ଫେରିପାଇବ ବୋଲି ବ୍ୟାଡ୍‌ମିଣ୍ଟନ ଖେଳାଳି ଜଣକ କହିଛନ୍ତି।

# କେମ୍ପନାରେଟ୍ସ ଜିତିଲେ ଷ୍ଟେଜ୍-୧୫

**ରୋମ୍, ୨୩।୫**

ରବିବାର ଅନୁଷ୍ଠିତ ଗିରୋ ଡି' ଇଟାଲିଆ ସାଇକ୍ଲିଂ ରେସ୍‌ର ୧୫ତମ ଷ୍ଟେଜ୍ ବେଲଜିୟମର ଭିକ୍ଟର କେମ୍ପନାରେଟ୍ସ (ଖୁବେକା ଆସସ୍) ଜିତିଛନ୍ତି। ୧୪୭ କିଲୋମିଟର ବିଶିଷ୍ଟ ୧୫ତମ ଷ୍ଟେଜ୍ ଇଟାଲି ଓ ସ୍ଲୋଭେନିଆର କ୍ରସ୍ ବର୍ଡର ସର୍କିଟରେ ଅନୁଷ୍ଠିତ ଏହି ରେସ୍‌ରେ କଲମ୍ବିଆର ଇଗାନ

**ଗିରୋ ଡି' ଇଟାଲିଆ**

ବର୍ନାଲ ଲିଡର୍ସ ଜର୍ସି ବଜାୟ ରଖିଛନ୍ତି। କେମ୍ପନାରେଟ୍ସଙ୍କର ଏହା ହେଉଛି ପ୍ରଥମ ଗ୍ରାଣ୍ଡ ଟୁର୍ ଷ୍ଟେଜ୍ ବିଜୟ। ସୋମବାର ସାସିଲିଠାରୁ କୋର୍ଟିନା ୨୧୨ କିଲୋମିଟର ଦୂରତା ବିଶିଷ୍ଟ ୧୬ତମ ଷ୍ଟେଜ ଅନୁଷ୍ଠିତ ହେବ।

ଶନିବାର ଅନୁଷ୍ଠିତ ଗିରୋ ଡି' ଇଟାଲିଆ ସାଇକ୍ଲିଂ ରେସ୍‌ର ୧୪ତମ ଷ୍ଟେଜ୍‌ରେ ଇଟାଲିର ଲୋରେଞ୍ଜୋ ଫର୍ଟୁନାଟୋ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମଣ୍ଟେ ଜୋନ୍‌କୋଲାନ ସମିଟ୍‌ରେ ଇଗାନ୍ ବର୍ନାଲ ଓଭରଅଲ୍ ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିପାରିଥିଲେ।



ରେସ୍ ଶେଷ ପରେ ଭିକ୍ଟର କେମ୍ପନାରେଟ୍ସ।

ଇଓଲୋ-କୋମେଟା ଟିମ୍‌ରୁ ପ୍ରତିନିଧିତ୍ୱ କରୁଥିବା ଲୋରେଞ୍ଜୋ ୨୦୫ କିଲୋମିଟର ଦୂରତା ବିଶିଷ୍ଟ ଷ୍ଟେଜ୍‌କୁ ୫ ଘଣ୍ଟା, ୧୭ ମିନିଟ୍ ଓ ୨୨ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। କଲମ୍ବିଆର ବର୍ନାଲ ଯଦିଓ ଚତୁର୍ଥ ସ୍ଥାନରେ ରହିଥିଲେ ଓଭର ଅଲ୍ ଅଗ୍ରଣୀ ୯୩ ସେକେଣ୍ଡ ବୃଦ୍ଧି କରିପାରିଥିଲେ। ବ୍ରିଟେନର ସିମୋନ ୟେଟ୍ସ ୬ଷ୍ଠ ସ୍ଥାନ ଅଧିକାର ସହ ଓଭର ଅଲ୍ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲେ। ଇଟାଲିର ଡାମିଆନୋ କାରୁସୋ ୧:୫୨ ପଛୁଆ ଓଭରଅଲ ତୃତୀୟ ହୋଇଥିଲେ।

# ଭର୍ଷ୍ଟାପେନ୍‌ଙ୍କୁ ମୋନାକୋ ଗ୍ରାଁ ପ୍ରି ଟାଇଟଲ



ଟ୍ରଫି ଗ୍ରହଣ କରୁଛନ୍ତି ମ୍ୟାକ୍ସ ଭର୍ଷ୍ଟାପେନ।

**ମୋନାକୋ, ୨୩।୫**

ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ମୋନାକୋ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏଥିସହିତ ଚାମ୍ପିୟନଶିପ୍ ଟେବୁଲରେ ମର୍ସିଡିଜ ଡ୍ରାଇଭର ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିନେଇଛନ୍ତି। ଗିଅର ବକ୍ସରେ ସମସ୍ୟା ଯୋଗୁ ପୋଲ ପୋଜିଶନ ହାସଲ କରିଥିବା ଚାର୍ଲ୍ସ ଲେକ୍‌ରେକ୍ ରେସ ଆରମ୍ଭ ହେବା ପୂର୍ବରୁ ଓହରିଯାଇଥିଲେ। ଭର୍ଷ୍ଟାପେନ ଆରମ୍ଭରୁ ରେସ୍‌କୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିଲେ। ହାମିଲଟନ ୭ମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ଟିମ୍ ରଣକୌଶଳକୁ ଠିକଣାରୂପେ କାର୍ଯ୍ୟକାରୀ କରିପାରି ନ ଥିବାରୁ ରେସ୍ ଶେଷରେ ସେ ବିରକ୍ତି ପ୍ରକାଶ କରିଥିଲେ। ହାମିଲଟନଙ୍କ ମର୍ସିଡିଜ ଟିମ୍‌ମେଟ୍ ଭାଲଟେରି ବୋଟାସ ପିଟ୍ ଷ୍ଟପ୍‌ରେ ତାଙ୍କ ଡାହାଣ ଆଗ ଚକାକୁ ମେକାନିକ୍‌ମାନେ ବଦଳାଇବାରେ ସମର୍ଥ ନ ହେବାରୁ ରେସ୍‌ରୁ ଓହରିଯିବାକୁ ବାଧ ହୋଇଥିଲେ। ରେସ୍‌ରେ ପ୍ରଥମ ଓ ଚତୁର୍ଥ ସ୍ଥାନ ଅଧିକାର ଯୋଗୁ ରେଡ୍‌ବୁଲ୍ କନ୍‌ଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିପାରିଛି। ଫେରାରିର କାର୍ଲୋସ ସେଞ୍ଜ୍ ଏବଂ ମ୍ୟାକଲରେନର ଲାଣ୍ଡୋ ନୋରିସ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ୧୦ଜଣଙ୍କ ମଧ୍ୟରେ ଯଥାକ୍ରମେ ରହିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ସର୍ଗିଓ ପେରେଜ (ରେଡ୍‌ବୁଲ୍), ସେବାଷ୍ଟିଆନ ଭେଟେଲ (ଆଷ୍ଟନ ମାର୍ଟିନ), ପିଏରେ ଗାସ୍‌ଲି (ଆଲ୍‌ଫା ଟାଉରି), ଲୁଇସ୍ ହାମିଲଟନ (ମର୍ସିଡିଜ), ଲାନ୍ସ ଷ୍ଟ୍ରୋଲ (ଆଷ୍ଟର୍ନ ମାର୍ଟିନ), ଏଷ୍ଟିବାନ ଓକନ (ଆଲପାଇନ୍) ଓ ଆଣ୍ଟୋନିଓ ଜିଓଭିନାଜି (ଆଲ୍‌ଫା ରୋମିଓ)।

# ଅଲ୍‌ଟ୍ରାମାରାଥନ ବେଳେ ୨୧ଜଣ ମୃତ

**ବେଜିଂ, ୨୩।୫(ଏପି):** ଚାଇନାର ଉତ୍ତର-ପୂର୍ବାଞ୍ଚଳ ଅନ୍ତର୍ଗତ ପାର୍ବତ୍ୟ ଉପତ୍ୟକାରେ ଅଲ୍‌ଟ୍ରାମାରାଥନ ବେଳେ ପ୍ରତିକୂଳ ପାଗ ଯୋଗୁ ୨୧ ଜଣ ଧାବକଙ୍କ ପ୍ରାଣହାନି ଘଟିଛି। ପ୍ରତିଯୋଗିତାରେ ମୋଟ ୧୭୨ଜଣ ଅଂଶଗ୍ରହଣ କରିଥିଲେ। ମାରାଥନ ବେଳେ ଆକସ୍ମିକ ପାଣିପାଗ ପରିବର୍ତ୍ତନ ଘଟିଥିଲା। ଝଡ଼ତୋଫାନ ଓ ତୁଷାରପାତ ପ୍ରତିଯୋଗିତାରେ ବାଧା ସୃଷ୍ଟି କରିଥିଲା। ସେମାନଙ୍କୁ ଉଦ୍ଧାର କରିବା ଲାଗି ୭୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥିଲେ। ସେମାନେ ୧୫୧ଜଣଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଅବଶିଷ୍ଟ ୨୧ଜଣଙ୍କର ମୃତ୍ୟୁ ଘଟିଥିଲା। ୧୦୦ କିଲୋମିଟର ବିଶିଷ୍ଟ ଏହି ରେସ୍ ସମୁଦ୍ରପତନଠାରୁ ୬,୫୦୦ରୁ ୯, ୮୦୦ ଫୁଟ୍ ଉଚ୍ଚରେ ଶନିବାର ଗାନ୍‌ସୁ ପ୍ରଦେଶର ଏକ ଜଙ୍ଗଲ ଅଞ୍ଚଳରେ ଅନୁଷ୍ଠିତ ହେଉଥିଲା।

# 'ଭାରତକୁ ସଂଘର୍ଷ କରିବାକୁ ପଡ଼ିପାରେ'

**ନୂଆଦିଲ୍ଲୀ, ୨୩।୫ (ପି.ଟି.)**

ସାଉଥାମ୍ପଟନର ଏଜାସ ବାଓଲ ଠାରେ କଣ୍ଡିଶନ ଯଦି ପେସ୍ ବୋଲରଙ୍କୁ ସୁହାଏ ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଭାରତୀୟ କ୍ରିକେଟ ଦଳକୁ ସଂଘର୍ଷ କରିବାକୁ ପଡ଼ିପାରେ। ଏକଥା କହିଛନ୍ତି, ଇଂଲଣ୍ଡର ପୂର୍ବତନ ସ୍ପିନର ମଣ୍ଟି ପନେସର। ୟୁନାଇଟେଡ କିଙ୍ଗ୍‌ଡମ୍‌ରେ ବର୍ତ୍ତମାନ ବର୍ଷା ଓ କୋହଲା ପାଗ ଚାଲିଛି। ମ୍ୟାଚ୍ ଜୁନ୍ ୧୮ରୁ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ସେତେବେଳେ ଯଦି ଏହି ପାଗ ଦେଖାଯାଏ ତେବେ ଭାରତୀୟ ଓ ନ୍ୟୁଜିଲାଣ୍ଡ ସିମରମାନଙ୍କ ମଧ୍ୟରୁ କିଏ ପରିସ୍ଥିତିରୁ ଫାଇଦା ଉଠାଇ ପାରୁଛି ତାହା ଦେଖାଯିବ। କିନ୍ତୁ ମୁଭିଂ ବଲ୍‌କୁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ତୁଳନାରେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନମାନେ ଭଲ ଖେଳିପାରନ୍ତି। ହେଲେ ବନ୍ଦର ସହର ସାଉଥାମ୍ପଟନରେ ଆକାଶ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

ଯଦି ନିର୍ମଳ ରୁହେ ତେବେ କଣ୍ଡିଶନ ଭାରତୀୟଙ୍କୁ ଅଧିକ ସୁହାଇବ ବୋଲି ମଣ୍ଟି କହିଛନ୍ତି। ଅନ୍ୟପଟେ ଆଇସିସି ଗ୍ରୀନ୍ ଟପ୍ ନ କରି ନ୍ୟୁଟ୍ରାଲ ପିଚ୍ ପ୍ରସ୍ତୁତ କରିବ ବୋଲି ସେ ଆଶା କରନ୍ତି। ଏଜାସ ବାଓଲରେ ଉତ୍ତମ ଡ୍ରେନିଂ ସିଷ୍ଟମ୍ ରହିଛି। ମେଘମୁକ୍ତ ଓ ସୂର୍ଯ୍ୟାଲୋକ ପରିବେଶରେ ଏହି ଷ୍ଟାଡିୟମ ଅତି ସୁନ୍ଦର ଦେଖାଯାଇଥାଏ। ମ୍ୟାଚଟି ସମ୍ପୂର୍ଣ୍ଣ ୪ କିମ୍ବା ୫ଦିନ ଖେଳାଯିବ ବୋଲି ତାଙ୍କର ଆଶା। ପାଗ ଯଦି ଭଲ ରୁହେ ତେବେ ଭାରତ ଫେଭରାଇଟ୍ ରହିବ। ଦଳ ୨ ସ୍ପିନର (ଅଶ୍ୱିନ ଓ ଜାଡେଜା) ଏବଂ ୩ ସିମ୍ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ। ତେଣୁ ଅନେକ କିଛି ପାଗ ଉପରେ ନିର୍ଭର କରୁଛି। ଭାରତୀୟ ଦଳ ଜୁନ୍ ୨ରେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ପହଞ୍ଚିବ। ଦଳ ଟ୍ରେନିଂ ପାଇଁ ଅତି କମ୍‌ରେ ୧୦ ଦିନ ସମୟ ପାଇବ। ଅନ୍ୟପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟଶିପ୍ ଫାଇନାଲ ପୂର୍ବରୁ ନ୍ୟୁଜିଲାଣ୍ଡ ଇଂଲଣ୍ଡ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ।

# ଶ୍ରୀଲଙ୍କା କ୍ରିକେଟ ଦଳର ୩ ପଜିଟିଭ

**ଢାକା, ୨୩।୫ (ପି.ଟି.):** ରବିବାର ଏଠାରେ ବାଂଲାଦେଶ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପୂର୍ବରୁ ଶ୍ରୀଲଙ୍କା କ୍ରିକେଟ ଦଳର ୩ ଜଣ ସଦସ୍ୟ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୨ ଖେଳାଳି ଓ ଜଣେ କୋଚ୍ ଅଛନ୍ତି। ଦ୍ୱିତୀୟ ଓ ତୃତୀୟ ମ୍ୟାଚ ମେ' ୨୫ ଓ ୨୮ରେ ହେବ। ଖବର ଅନୁସାରେ ବୋଲିଂ କୋଚ୍ ଚାମିଣ୍ଡା ଭାସ୍ ଏବଂ ଦୁଇ ଜଣ ଖେଳାଳି ଇସୁରୁ ଉଡାନା ଓ ଶ୍ରୀରନ୍ ଫର୍ନାଣ୍ଡୋ ମହାମାରୀ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି।

# ପ୍ରାୟୋଜକ ସନ୍ଧାନରେ ଜିମ୍ବାୱେ କ୍ରିକେଟର

**ହରାରେ, ୨୩।୫ (ପି.ଟି.):** ଜିମ୍ବାୱେ କ୍ରିକେଟର ର୍ୟାନ ବର୍ଲଙ୍କୁ ଆର୍ଥିକ ସଙ୍କଟ ହତାଶ କରିଛି। ସୋସିଆଲ ମିଡିଆରେ ତାଙ୍କ ପୁରୁଣା ଜୋତା ଫଟୋ ପୋଷ୍ଟ କରି ଦେଶର ଜାତୀୟ ଦଳର ପ୍ରାୟୋଜକ ହେବା ଲାଗି ଆଗଭର ହେବାକୁ ସେ କମ୍ପାନୀ ଓ କର୍ପୋରେଟ ହାଉସ୍‌ଗୁଡ଼ିକୁ ନିବେଦନ କରିଛନ୍ତି। ୨୭ ବର୍ଷୀୟ ବର୍ଲ ଜଣେ ବାମହାତୀ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ। ସେ ୩ ଟେଷ୍ଟ,୧୮ ଅନ୍ତର୍ଜାତୀୟ ଦିନିକିଆ ଓ ୨୫ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିଛନ୍ତି। ସେ ତାଙ୍କ ଜୋତା ମରାମତିର ଏକ ଫଟୋ ଟୁଇଟର ପେଜ୍‌ରେ ଛାଡ଼ିଛନ୍ତି। କିଛି କ୍ରିକେଟ ବୋର୍ଡ କେବଳ ସ୍ପନସରଶିପ୍‌ରୁ କୋଟି କୋଟି ଟଙ୍କା ଉପାର୍ଜନ କରୁଥିବା ବେଳେ ତାଙ୍କ ଜାତୀୟ ଦଳ ପାଇଁ କେହି ପ୍ରାୟୋଜକ ହେବା ଲାଗି ଆଗଭର ହେଉନାହାନ୍ତି। ୧୯୮୩ ବିଶ୍ୱକପ୍ ପୂର୍ବରୁ ଅନ୍ତର୍ଜାତୀୟ ଦିନିକିଆ ଦଳର ମାନ୍ୟତା ପାଇଥିବା ଜିମ୍ବାୱେ ୧୯୯୨ରେ ଟେଷ୍ଟ ମାନ୍ୟତା ଲାଭ କରିଛି।

# ଶ୍ରୀଲଙ୍କାକୁ ହରାଇଲା ବାଂଲାଦେଶ

**ଢାକା, ୨୩।୫**

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ବ୍ୟାଟିଂ ଓ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରି ୩୩ ରନରେ ବିଜୟ ହାସଲ କରିଛି। ସ୍ଥାନୀୟ ଶେର ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬



ପୁଲ୍ ଶଟ୍ ଖେଳୁଛନ୍ତି ମୁଶଫିକର ରହିମ।

ଉଇକେଟ ହରାଇ ୨୫୭ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୪୮.୧ ଓଭରରେ ୨୨୪ ରନକରି ଅଲଆଉଟ ହୋଇ ପରାଜୟ ବରଣ କରିଛି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ବାଂଲାଦେଶ ୧-୦ରେ ଅଗ୍ରଣୀ ହାସଲ କରିଛି। ୮୪ ରନର ଉପଯୋଗୀ ଇନିଂସ ଖେଳିଥିବା ବାଂଲାଦେଶ ଉଇକେଟକିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୫୮ ରନ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଦଳର ୫ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ଦଳ ତରଫରୁ ୱାନିଣ୍ଡୁ ହାସରଙ୍ଗା ସର୍ବାଧିକ ୭୪ ରନ ସଂଗ୍ରହ କରିଥିବା ବେଳେ ଅଧିନାୟକ ତଥା ଓପନର କୁଶଲ ପେରେରା ୩୦, ଦନୁଷ୍କା ଗୁଣତିଲକା ୨୧, କୁଶଲ ମେଣ୍ଡିସ୍ ୨୪, ଦସୁନ ସନକା ୧୪, ଇସୁରୁ ଉଡାନା ୨୧ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ମେହିଦି ହାସନ ମିରାଜ ସର୍ବାଧିକ ୪, ମୁସ୍ତାଫିଜୁର ରହମାନ ୩, ମହମ୍ମଦ ସୈଫୁଦ୍ଦିନ ୨ ଓ ଶକିବ ଅଲ ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ମୁଶଫିକର ସର୍ବାଧିକ ୮୪ ରନ (୮୭ ବଲ, ୪ ଚୌକା, ୧ ଛକା) ସଂଗ୍ରହ କରିଥିଲେ। ସେହିପରି ଓପନର ତଥା ଅଧିନାୟକ ତାମିମ ଇକ୍‌ବାଲ ଓ ମହମୁଦୁଲ୍ଲା ଯଥାକ୍ରମେ ୫୨ ଓ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଶକିବ ୧୫ ରନକରି ଆଉଟ ହୋଇଥିବା ବେଳେ ଆଡିଫ ହୋସେନ ୨୭ ଓ ମହମ୍ମଦ ସୈଫୁଦ୍ଦିନ ୧୩ ରନକରି ଅପରାଜିତ ରହିଥିଲେ। ଲିଟନ ଦାସ ଓ ମହମ୍ମଦ ମିଥୁନ ଖାତା ଖୋଲିପାରି ନ ଥିଲେ। ଶ୍ରୀଲଙ୍କା ତରଫରୁ ବୋଲିଂରେ ଧନଞ୍ଜୟ ଡି'ସିଲଭା ସର୍ବାଧିକ ୩, ଦୁଷ୍ମନ୍ତ ଚାମିରା, ଦନୁଷ୍କା ଗୁଣତିଲକା ଓ ଲକ୍ଷନ ସନ୍ଦକାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସ୍କୋର ବୋର୍ଡ**

ବାଂଲାଦେଶ ୫୦ ଓଭରରେ ୨୫୭/୬ (ମୁଶଫିକର- ୮୪, ମହମୁଦୁଲ୍ଲା- ୫୪, ତାମିମ- ୫୨, ଧନଞ୍ଜୟ- ୩/୪୫)। ଶ୍ରୀଲଙ୍କା ୪୮.୧ ଓଭରରେ ୨୨୪ ଅଲଆଉଟ୍ (ହାସରଙ୍ଗା- ୭୪, ମେଣ୍ଡିସ- ୨୪, ଉଡାନା- ୨୧, ପେରେରା- ୩୦, ଗୁଣତିଲକା- ୨୧, ମିରାଜ- ୪/୩୦, ମୁସ୍ତାଫିଜୁର- ୩/୩୪, ସୈଫୁଦ୍ଦିନ- ୨/୪୯)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ